
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୧୨ ଅଗଷ୍ଟ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 12 August 2025
Vol.No. 36 ■ No.212 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ପୁଟିନଙ୍କ ସହ ସାକ୍ଷାତ କରିବା ପୂର୍ବରୁ ମୋଦିଙ୍କ ସହ କଥା ହେଲେ ଜେଲେନ୍ସ୍କି

ନୂଆଦିଲ୍ଲୀ,୧୧।୮: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ବୈଠକ ପୂର୍ବରୁ ସୋମବାର ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫୋନ କରିଥିଲେ। ଦୁଇ ନେତାଙ୍କ ମଧ୍ୟରେ ଏକ ଲମ୍ବା ଆଲୋଚନା ହୋଇଥିଲା। ଜେଲେନ୍ସ୍କି ନିଜେ ଟୁଇଟ୍ କରି ଏହି ଆଲୋଚନା ବିଷୟରେ ସୂଚନା ଦେଇଛନ୍ତି। ସେ କ'ଣ ଆଲୋଚନା ହୋଇଥିଲା ତାହା ମଧ୍ୟ କହିଛନ୍ତି। ଆଲୋଚନା ପରେ ପ୍ରଧାନମନ୍ତ୍ରୀ ମୋଦି ଲେଖିଛନ୍ତି, ରାଷ୍ଟ୍ରପତି ଜେଲେନ୍ସ୍କିଙ୍କ ସହ କଥା ହେବା ଏବଂ ସାମ୍ପ୍ରତିକ



ଘଟଣାବଳୀ ଉପରେ ତାଙ୍କର ମତାମତ ଶୁଣିବା ଏକ ଖୁସିର କଥା। ଏହି ବିବାଦର ଶୀଘ୍ର ଏବଂ ଶାନ୍ତିପୂର୍ଣ୍ଣ ସମାଧାନର ଆବଶ୍ୟକତା ଉପରେ ମୁଁ ଭାରତର ସ୍ଥାୟୀ ଦୃଷ୍ଟିକୋଣ ଶେୟାର କରିଛି। ଭାରତ ଏହି ଦିଗରେ ସମସ୍ତ ପ୍ରକାରର ଅବଦାନ ଦେବାକୁ ପ୍ରତିବଦ୍ଧ ଏବଂ ୟୁକ୍ରେନ ସହିତ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜବୁତ କରିବାକୁ ମଧ୍ୟ ପ୍ରସ୍ତୁତ। ଏହା ସହ ରୁଷିଆ ତୈଳ ଆମଦାନୀ କମ କରିବା ନେଇ ମଧ୍ୟ ମୋଦିଙ୍କୁ ପ୍ରସ୍ତାବ ଦେଇଛନ୍ତି। ଜେଲେନ୍ସ୍କି ଢରେ ଲେଖିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମୋର ଦୀର୍ଘ ସମୟ ଆଲୋଚନା ହୋଇଛି। ଆମେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରିଥିଲୁ। ଆମେ ଆମର ଦ୍ୱିପାକ୍ଷିକ ସମ୍ପର୍କ ଏବଂ ସାମଗ୍ରିକ କୂଟନୈତିକ ପରିସ୍ଥିତି ଉପରେ ଆଲୋଚନା କରିଥିଲୁ। ଆମ ଲୋକଙ୍କ ପ୍ରତି ତାଙ୍କର ଉଷ୍ମ ସମର୍ଥନ ପାଇଁ ମୁଁ ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରତି କୃତଜ୍ଞ।

## ସଂସଦରେ ଆଗତ ହେଲା ସଂଶୋଧିତ ଆୟକର ବିଲ୍ ୨୦୨୫



ନୂଆଦିଲ୍ଲୀ,୧୧।୮: ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ସଂସଦରେ ନୂଆ ଇନ୍‌କମ୍ ଟ୍ୟାକ୍ସ ବିଲ ୨୦୨୫ ଆଗତ କରିଛନ୍ତି। ସୀତାରମଣ ସୋମବାର ଲୋକସଭାରେ ଇନ୍‌କମ୍ ଟ୍ୟାକ୍ସ ବିଲ୍‌ର ଏକ ସଂଶୋଧିତ ସଂସ୍କରଣ ଆଗତ କରିଛନ୍ତି। ଏଥିରେ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱାଧୀନ ସିଲେକ୍ଟ କମିଟିର ଅଧିକାଂଶ ସୁପାରିଶ ଅନ୍ତର୍ଭୁକ୍ତ। ଏହି ବିଲ୍‌ରେ ଅନେକ ନୂତନ ପରିବର୍ତ୍ତନ କରାଯାଇଛି, ଯାହା ସାଧାରଣ କରଦାତାଙ୍କୁ ମଧ୍ୟ ପ୍ରଭାବିତ କରିବ। ସରକାର ଗତ ସପ୍ତାହରେ ୨୦୨୫ର ଇନ୍‌କମ୍ ଟ୍ୟାକ୍ସ ବିଲ ପ୍ରତ୍ୟାହାର କରିଥିଲେ। ଏହି ବିଲ ୧୯୬୧ର ପୁରୁଣା ଆୟକର ଆଇନକୁ ବଦଳାଇବା ପାଇଁ ଥିଲା। ବର୍ତ୍ତମାନ ଅଗଷ୍ଟ ୧୧ରେ ଏକ ନୂତନ ଡ୍ରାଫ୍ଟ ଉପସ୍ଥାପିତ ହୋଇଛି, ଯେଉଁଥିରେ ସମସ୍ତ ପରାମର୍ଶିତ ପରିବର୍ତ୍ତନ ଅନ୍ତର୍ଭୁକ୍ତ। ଅର୍ଥମନ୍ତ୍ରୀ ସୀତାରମଣ ସଂସଦରେ କହିଥିଲେ, ଆମେ କିଛି ପରାମର୍ଶ ପାଇଛୁ, ଯାହାକୁ ଆଇନର ପ୍ରକୃତ ଅର୍ଥ ବାହାରକୁ ଆସିବା ପାଇଁ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ।

▶▶ପୃଷ୍ଠା ୭

## ଅନଲାଇନରେ ବିକ୍ରି ହେବନି ମହାପ୍ରସାଦ

ଭୁବନେଶ୍ୱର, ୧୧/୮ (ନି.ପ୍ର): ଅନଲାଇନରେ ବିକ୍ରି ହେବ ନାହିଁ ମହାପ୍ରସାଦ । ଏହି ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି ବିଭିନ୍ନ ସଂସ୍ଥା ଦେଇଥିବା ପ୍ରସ୍ତାବକୁ ଶ୍ରୀମନ୍ଦିର ପ୍ରଶାସନ ଏବଂ ରାଜ୍ୟ ସରକାର ଅଗ୍ରାହ୍ୟ କରିଛନ୍ତି। ଭାରତର ଅନ୍ୟ ମନ୍ଦିର ତୁଳନାରେ ମହାପ୍ରଭୁଙ୍କ ମହାପ୍ରସାଦର ପବିତ୍ରତା ଓ ମାନ୍ୟତା ସଂପୂର୍ଣ୍ଣ ଅଲଗା। କିଛି ଦିନ ତଳେ କିଛି ସଂସ୍ଥା ମହାପ୍ରଭୁଙ୍କ ଶୃଙ୍ଖଳା ଭୋଗ ଏବଂ ମହାପ୍ରସାଦ ଅନଲାଇନରେ ଲୋକଙ୍କ ପାଖରେ ପହଂଚାଇବା ପାଇଁ ମନ୍ଦିର ପ୍ରଶାସନକୁ ଅନୁରୋଧ କରିଥିଲେ। ଯଦିଓ ମହାପ୍ରସାଦ ଦେଶ ବିଦେଶରେ ଭକ୍ତଙ୍କ ପାଖରେ ପହଂଚିବା ସୁବିଧା ହେବ। କିନ୍ତୁ ମହାପ୍ରସାଦର ପବିତ୍ରତା ଦୃଷ୍ଟିକୋଣରୁ ଶ୍ରୀମନ୍ଦିର ପ୍ରଶାସନ କିମ୍ବା ରାଜ୍ୟ ସରକାର ଏ ପ୍ରସ୍ତାବରେ ରାଜି ହୋଇନାହାନ୍ତି। କାରଣ ଅନଲାଇନରେ ମହାପ୍ରସାଦ ନିଆଗଲେ, ତାର ପବିତ୍ରତା ଅକ୍ଷୁର୍ଣ୍ଣ ରଖି ପାରିବେ ନାହିଁ ବୋଲି ସନ୍ଦେହ ରହିଛି । ତେଣୁ ମନ୍ଦିର ପ୍ରଶାସନ ଏବଂ ସରକାର ଅନଲାଇନ ମହାପ୍ରସାଦ ବିକ୍ରିକୁ ନେଇ ସହମତ ନାହାନ୍ତି । ସମସ୍ତ ଭକ୍ତଙ୍କୁ ଅନୁରୋଧ, ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ ସହ ମହାପ୍ରସାଦ ପାଇବାର ସୌଭାଗ୍ୟ ପାଆନ୍ତୁ । ମହାପ୍ରସାଦ ଅନଲାଇନ ବିତରଣ ହେଉନାହିଁ। ଯେଉଁ ଉଦ୍ୟମ ଆରମ୍ଭ ହୋଇଥିଲା, ସେଥିରେ ସରକାର ରାଜି ନାହାନ୍ତି। ଏହାସହ ଅନ୍ୟ ମନ୍ଦିର ପ୍ରଶାସନକୁ ଅନୁରୋଧ ଯେ, ମନ୍ଦିର ପ୍ରସାଦକୁ ଅନଲାଇନରେ ହୋଟେଲ ଖାଦ୍ୟ ଭଳି ବିତରଣ କରନ୍ତୁ ନାହିଁ। ମନ୍ଦିର ଆସି ପ୍ରସାଦ ପାଇବା ହିନ୍ଦୁ ମନ୍ଦିରର ରୀତିନୀତି। ଅନ୍ୟପଟେ ଖୁବଶୀଘ୍ର ଅଭଡ଼ା ଦର ରେଟ ଚାର୍ଟ ଲାଗୁ କରାଯିବ।

# ଭୋଟର ତାଲିକା ମନ୍ତବ୍ୟ: ଇସ୍ତଫା ଦେଲେ କର୍ଣ୍ଣାଟକ ମନ୍ତ୍ରୀ

ନୂଆଦିଲ୍ଲୀ,୧୧/୮ : କର୍ଣ୍ଣାଟକ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା କେଏନ ରାଜାନ୍ନା ନିଜ ପଦରୁ ଇସ୍ତଫା ଦେଇଥିବା ଖବର ସାମ୍ନାକୁ ଆସିଛି। ଭୋଟର ତାଲିକା ପ୍ରସ୍ତୁତିକୁ ନେଇ ସେ ଦେଇଥିବା ବୟାନକୁ କଂଗ୍ରେସ ଦେହରେ ଯାଇ ନଥିଲା। ଏହାକୁ ନେଇ ଦଳ ଭିତରେ ରାଜାନ୍ନାଙ୍କୁ ବିରୋଧ କରାଯାଇଥିଲା। ଏଥିପାଇଁ ସେ ନିଜର ଇସ୍ତଫାପତ୍ର ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟାଙ୍କୁ ପଠାଇ ଦେଇଥିବା କୁହାଯାଉଛି। ରାଜାନ୍ନା ହେଉଛନ୍ତି ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟାଙ୍କ ଘନିଷ୍ଠ ସହଯୋଗୀ। ଆଜି ସେ ବିଧାନ ସୌଧରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ଏହାପରେ ସେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ରିପୋର୍ଟ



ପ୍ରକାଶ ପାଇଛି। କିନ୍ତୁ କଂଗ୍ରେସ କିମ୍ବା ରାଜାନ୍ନା ଏ ସମ୍ପର୍କରେ କିଛି ବି କହି ନାହାନ୍ତି। ଏହି ପ୍ରସଙ୍ଗକୁ ନେଇ ବିରୋଧୀ ବିଜେପି ବିଧାନସଭାରେ ହୋହାଲ୍ଲା କରିଛି। ଆଇନ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଏଚକେ ପାଟିଲ ଓ ରାଜାନ୍ନା ପୂରା ସସପେନ୍ସ ଉପରୁ ପରଦା ଉଠାନ୍ତୁ ବୋଲି ବିଜେପି ଦାବି କରିଛି। କଂଗ୍ରେସରେ କ'ଣ ଗଣତନ୍ତ୍ର ନାହିଁ କି ବୋଲି ମଧ୍ୟ ଦଳ ପ୍ରଶ୍ନ କରିଛି। ନିକଟରେ ରାଜାନ୍ନା କହିଥିଲେ ଯେ "ଭୋଟର ତାଲିକା କେତେବେଳେ ପ୍ରସ୍ତୁତ ହୋଇଥିଲା ? ଆମ ସରକାର କ୍ଷମତାରେ

▶▶ପୃଷ୍ଠା ୭

# ଆସନ୍ତାବର୍ଷଠୁ 'ଓପନ୍ ବୁକ୍ ଏକଜାମ୍' : ବହି ଓ ନୋଟ୍ ଖାତା ଧରି ପରୀକ୍ଷା ଦେବେ ନବମ ପିଲା

ଭୁବନେଶ୍ୱର, ୧୧/୮ (ନି.ପ୍ର): ଏଣିକି ବହି ଖାତା ଦେଖି ପରୀକ୍ଷା ଦେବେ ପିଲା । ଏକଜାମ୍ ହଲ ଭିତରକୁ ନେଇପାରିବେ ବହି ଓ କ୍ଲାସ୍ ନୋଟ୍ । ସ୍କୁଲରେ ଲାଗୁ ହେବ ଓପନ ବୁକ୍ ଆସେସମେଣ୍ଟ । ଏ ନେଇ ଆସିଥିବା ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ-CBSE । ଚଳିତ ବର୍ଷରୁ ଆରମ୍ଭ ହେବ ପାଇଲଟ୍ ପ୍ରୋଜେକ୍ଟ। ସିବିଏସ୍‌ଇ ପକ୍ଷରୁ ୨୦୨୬-୨୭ ଶିକ୍ଷାବର୍ଷ ଠାରୁ ନବମ ଶ୍ରେଣୀ ପାଇଁ ଓପନ୍ ବୁକ୍




ଆସେସମେଣ୍ଟ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ହୋଇଥିବା ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଏହି ବ୍ୟବସ୍ଥା ଅନୁସାରେ, ପରୀକ୍ଷାର୍ଥୀମାନେ ହଲ୍ ଭିତରକୁ ଟେକ୍ସଟ ବୁକ୍, କ୍ଲାସ୍ ନୋଟ୍ସ ନେଇପାରିବେ। ପରୀକ୍ଷା ପ୍ରଶ୍ନର ଉତ୍ତର ଲେଖିବା ବେଳେ ସେସବୁର ସାହାଯ୍ୟ ନେଇପାରିବେ। ଭାଷା, ଗଣିତ, ବିଜ୍ଞାନ ଓ ସାମାଜିକ ବିଜ୍ଞାନ ଆଦି ମୁଖ୍ୟ ବିଷୟରେ ଏହି ବ୍ୟବସ୍ଥା

▶▶ପୃଷ୍ଠା ୭

## ଆଜି ସଚିବଙ୍କ ସହ ବୈଠକ କରିବେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୧୧/୮ (ନି.ପ୍ର): ଆସନ୍ତାକାଲି ମୁଖ୍ୟ ଶାସନ ସଚିବ ବଡ଼ ବୈଠକ ଡାକିଛନ୍ତି। ଲୋକସେବା ଭବନରେ ଏହି ବୈଠକ ବସିବ। ସମସ୍ତ ସଚିବଙ୍କ ସହ ବୈଠକ କରିବେ ମୁଖ୍ୟ ଶାସନ ସଚିବ। ବିଭିନ୍ନ ଯୋଜନା ନେଇ ବିଭାଗ ଗୁଡ଼ିକ ରିପୋର୍ଟ ଦେବାରେ ବିଳମ୍ବ କରୁଛନ୍ତି। ଏଭଳି ପ୍ରାୟ ୩୦ ବିଭାଗକୁ ସେମାନଙ୍କ ବିଭାଗର ପରଫମାନ୍ସ ରିପୋର୍ଟ ମଗାଯାଇଥିଲା। ଡେଡଲାଇନ ପୁରିଥିଲେ ବି ଉତର ମିଳୁନି। ଯାହାକୁ ନେଇ ଆସନ୍ତା କାଲି ବୈଠକରେ ଆଲୋଚନା ହେବ ବୋଲି ସୂଚନା ମିଳିଛି।

# ଆସୁଛି ଲଘୁଚାପ, ପ୍ରବଳ ବର୍ଷିବ: ଆଲର୍ଟ ଜାରି

ଭୁବନେଶ୍ୱର, ୧୧/୮ (ନି.ପ୍ର): ଆସନ୍ତା ୧୩ ତାରିଖରେ ଉତ୍ତର ପଶ୍ଚିମ ଓ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ୧୨ ତାରିଖରୁ ରାଜ୍ୟରେ ବର୍ଷା ହେବ। ୧୪ ତାରିଖ ଯାଏ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। କିଛି ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ପବନ ବି ବହିପାରେ। ତେଣୁ



ଦକ୍ଷିଣ ଓଡିଶାର ୬ଟି ଜିଲ୍ଲାକୁ ଅରେଞ୍ଜ ଓ ଅନ୍ୟ ଜିଲ୍ଲାଗୁଡିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅନ୍ୟପଟେ ରାଜ୍ୟରେ ଟ୍ରାପ ଲାଇନ ଓ ମୌସୁମୀ ପ୍ରଭାବରେ ବିଭିନ୍ନ ସ୍ଥାନରେ

▶▶ପୃଷ୍ଠା ୭

# ପରମାଣୁ ଅସ୍ତ୍ରର ଧମକ ଦେବା ପାକିସ୍ତାନର ପାରମ୍ପରିକ କାମ: କଡ଼ା ଜବାବ ଦେଲା ଭାରତ

ନୂଆଦିଲ୍ଲୀ,୧୧/୮ : ଅପରେସନ ସିନ୍ଦୂର ସମୟରେ ଲୁଚିଥିବା ପାକିସ୍ତାନ ଫିଲ୍ଡ ମାର୍ଶଲ ଆମେରିକାରେ ଭାରତକୁ ଧମକ ଦେଇଛନ୍ତି । ଯୁଦ୍ଧର କଥା ଉଠାଇଛନ୍ତି ମୁନିର, ତା ସହ ଭାରତ ଉପରେ ପରମାଣୁ ବୋମା ପକାଇବା ଧମକ ବି ଦେଇଛନ୍ତି । ବିଶ୍ୱରେ ଉଭା ହୋଇଥିବା ନୂଆ ଶାନ୍ତିଦୂତ ଟ୍ରମ୍ପଙ୍କ ମାଟିରେ ଯୁଦ୍ଧର କଥା ଶୁଣି ଆଶ୍ଚର୍ଯ୍ୟ ଲାଗିବା ବି ସ୍ୱାଭାବିକ । ଅତିଥି ହୋଇଗଲେ ହେଲେ ଯୁଦ୍ଧର କଥା କହିଲେ ଆଉ ଏହା ମଧ୍ୟ ସ୍ପଷ୍ଟ କରିଦେଲେ ଯେ



ସେନା ମୁଖ୍ୟ କେମିତି ଆତଙ୍କବାଦୀଙ୍କ ସ୍ୱରରେ କଥା କୁହେ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନୋବେଲ ପୁରସ୍କାର ପଛରେ ପଡ଼ିଛନ୍ତି । ଆଉ ଟ୍ରମ୍ପଙ୍କ ପାଇଁ ଲବି ବି ଜୋରଦାର ଚାଲିଛି । ହଁ ଲବି ହେବନି ଯେ କେମିତି, ଭାରତ-ପାକିସ୍ତାନ, ଥାଇଲାଣ୍ଡ-କମ୍ବୋଡିଆ, ରୁଷ-ୟୁକ୍ରେନ, ଇସ୍ରାଏଲ - ହମାସ ଯୁଦ୍ଧ ବନ୍ଦ ବା କମିବା ପଛରେ କେବଳ ଟ୍ରମ୍ପଙ୍କ ହାତ । ଯେଉଁ ରାଷ୍ଟ୍ରପତି ନୋବେଲ ପୁରସ୍କାର ଚାହୁଁଛନ୍ତି ତାଙ୍କ ଦେଶର ମାଟିରେ ଆତଙ୍କୀ ସଙ୍ଗଠନ ସହ ଜଡ଼ିତ ଥିବା ପାକିସ୍ତାନ ଆର୍ମି ଚିଫ୍ ଭାରତ ବିରୁଦ୍ଧରେ ପରମାଣୁ ଆକ୍ରମଣର ଧମକ ଦେଇଛନ୍ତି । କଥାଟା ହେଉଛି, ଅପରେସନ ସିନ୍ଦୂର ପରେ ଦ୍ୱିତୀୟ ଥର ପାଇଁ ଆମେରିକା ଗସ୍ତ କରିଛନ୍ତି ପାକିସ୍ତାନ ଫିଲ୍ଡ ମାର୍ଶଲ ଆସିମ ମୁନିର । ଫ୍ଲୋରିଡାର ଟାମ୍ପା ସ୍ଥିତ ପାକିସ୍ତାନ ଦୂତାବାସରେ ଆୟୋଜିତ

▶▶ପୃଷ୍ଠା ୭

# 'ଭୋଟ ଚୋରି' ବିକ୍ଷୋଭ: ରାହୁଲଙ୍କ ସମେତ ସବୁ ସାଂସଦମାନଙ୍କୁ ଅଟକ ରଖିଲା ପୋଲିସ, ଚେତା ହରାଇଲେ ମହୁଆ

ଭୁବନେଶ୍ୱର, ୧୧/୮ (ନି.ପ୍ର): କଂଗ୍ରେସ ସାଂସଦ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଆଣିଥିବା ଭୋଟ ଚୋରି ଅଭିଯୋଗ ପ୍ରସଙ୍ଗକୁ ନେଇ ପୂରା ଦେଶରେ ରାଜନୀତିକ ହଟଚମଟ ସୃଷ୍ଟି ହୋଇଛି। ଭୋଟ ଚୋରି ଅଭିଯୋଗରେ ଆଜି ବିରୋଧୀ ଦଳଗୁଡ଼ିକର ସାଂସଦମାନେ ଦିଲ୍ଲୀରେ ଗର୍ଜିଛନ୍ତି। ସେମାନେ ନିର୍ବାଚନ କମିଶନଙ୍କ ବିରୋଧରେ ଭୋଟ ଚୋରି ବିକ୍ଷୋଭ ଶୋଭାଯାତ୍ରା କରୁଥିବା ବେଳେ ପୁଲିସ ନେଇଛି ବଡ଼ କାର୍ଯ୍ୟାନୁଷ୍ଠାନ। ଭୋଟ ଚୋରି ବିକ୍ଷୋଭ ଶୋଭାଯାତ୍ରାରେ ସାମିଲ ହୋଇଥିବା ରାହୁଲ ଗାନ୍ଧିଙ୍କ ସମେତ ଶତାଧିକ ଲୋକସଭା ଓ ରାଜ୍ୟସଭା ସାଂସଦଙ୍କୁ ପୁଲିସ ଉଠାଇଛି। ସେମାନଙ୍କ ଶୋଭାଯାତ୍ରା ସ୍ଥଳରୁ ଉଠାଇ ନେଇ ପୁଲିସ୍ ଅଟକ ରଖିଛି। ଏତେବ ବଡ଼ ବିକ୍ଷୋଭ ଶୋଭଯାତ୍ରା ପାଇଁ ପୁଲିସ୍ ଅନୁମତି ଦେଇ ନଥିଲା। ତଥାପି ବିରୋଧୀ ଦଳର



ସାଂସଦମାନେ ଶୋଭାଯାତ୍ରା କରିବାରୁ ପୁଲିସ୍ ପକ୍ଷରୁ ସମସ୍ତଙ୍କୁ ଅଟକ ରଖାଯାଇଛି। ରାହୁଲ ଗାନ୍ଧି ଓ ଅନ୍ୟ ସାଂସଦମାନଙ୍କୁ ପୁଲିସ୍ ବସରେ ଉଠାଇ ନେଇଛି। ଏହି ସମୟରେ ଟିଏମସି ସାଂସଦ ମହୁଆ ମୈତ୍ରା ଅଚେତ ହୋଇଯାଇଥିଲେ। ତାଙ୍କୁ ସାଥୀ ସାଂସମାନେ ପାଣି ଦେଇ ହୋସରେ ଆଣିବାକୁ ଚେଷ୍ଟା କରୁଥିବା ଦେଖିବାକୁ ମିଳିଛି। ସେହିପରି ବସରେ ସାଂସଦମାନଙ୍କୁ ପୁଲିସ୍ ନେଇ ଯାଉଥିବା ବେଳେ ରାହୁଲ ଗାନ୍ଧି କହିଛନ୍ତି, "ଏହି ଲଢ଼େଇ ରାଜନୀତିକ ନୁହେଁ। ଏହା ସମ୍ବିଧାନକୁ ରକ୍ଷା କରିବା ପାଇଁ ଲଢ଼େଇ। ଏହା ଜଣେ ବ୍ୟକ୍ତି, ଗୋଟିଏ ଭୋଟ ପାଇଁ ଲଢ଼େଇ।

▶▶ପୃଷ୍ଠା ୭

# ପୁଣି ଜଳିଗଲେ ଆଉ ଜଣେ ଝିଅ : ପେଟ୍ରୋଲ ଢାଳି ଲଗାଇଦେଲେ ନିଆଁ

ଭୁବନେଶ୍ୱର, ୧୧/୮ (ନି.ପ୍ର): ବାଲେଶ୍ୱର, ବଲାଙ୍ଗୀ, ପଟ୍ଟାମୁଣ୍ଡାଇ ପରେ ବରଗଡ଼ ପଦ୍ମପୁରରେ ଘଟିଛି ହୃଦୟବିଦାରକ ଘଟଣା । ପେଟ୍ରୋଲ ଢାଳି ହୋଇ ନିଆଁରେ ପୋଡ଼ି ହୋଇଯାଇଛି ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ଜଣେ ଛାତ୍ରୀ । ଘର ପାଖ ପଡ଼ିଆରୁ ଆଜି ସକାଳେ ନାବାଳିକାଙ୍କୁ ଅର୍ଦ୍ଧ ଦଗ୍ଧ ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ଉଦ୍ଧାର ପରେ ଅତ୍ୟନ୍ତ ସଙ୍କଟାପନ୍ନ ଅବସ୍ଥାରେ ଆମ୍ବୁଲାନ୍ସରେ ପଦ୍ମପୁରରୁ ବୁର୍ଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ନାବାଳିକାଙ୍କ ଶରୀର ଶତ ପ୍ରତିଶତ ପୋଡ଼ିଯାଇଥିବାରୁ ତାଙ୍କର ମୃତ୍ୟୁ ହୋଇଛି । ସେ ତାଙ୍କ ମାମୁ ଘର ଗାଁ ପଡ଼ିଆରେ ପୋଡ଼ି ଯାଇଥିଲେ। ପଡ଼ିଆରେ ତାଙ୍କର ଚପଲ, ପେଟ୍ରୋଲ୍ ବୋତଲ ସହ ଦିଆସିଲି ପଡ଼ିଥିବା ଦେଖିବାକୁ ମିଳିଛି । ମୃତ୍ୟୁ ପୂର୍ବରୁ ପୀଡ଼ିତା ବଞ୍ଚାଅ ବଞ୍ଚାଇ ବୋଲି ଚିତ୍କାର କରୁଥିବା ରେକର୍ଡ ହୋଇଛି । ଘଟଣାର ପ୍ରାଥମିକ ତଦନ୍ତ ଚାଲିଛି । କିଛି ଲୋକଙ୍କୁ ପଚରାଉଚରା ଚାଲିଛି । ତେବେ ଆତ୍ମହତ୍ୟା ପାରିବାରିକ କଳହରୁ ବୋଲି କହିଛନ୍ତି ଉତ୍ତରାଞ୍ଚଳ ଆଇଜି ।

▶▶ପୃଷ୍ଠା ୭

# ଗରିବ କଲ୍ୟାଣ ଓ ବିକାଶ ସମାବେଶ

ଗଞ୍ଜାମ, ୧୧/୦୮ (ନି.ପ୍ର): ଛତ୍ରପୁର ସ୍ଥିତ ଅନସ୍ଲୋ ହାଇସ୍କୁଲ ପଡିଆ ଠାରେ ରବିବାର ଦିନ ଗରିବ କଲ୍ୟାଣ ଓ ବିକାଶ ସମାବେଶ ଜିଲ୍ଲାପାଳ ଭି. କିର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସର୍ବ ପ୍ରଥମେ ଜିଲ୍ଲାପାଳ ଓ୍ୱି କିର୍ତ୍ତିଭାସନ ସମସ୍ତଙ୍କୁ ପୁଷ୍ପ ଗୁଚ୍ଛ ଓ ଉତରୀୟ ଦେଇ ସ୍ୱାଗତ କରିବା ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଗୁଡିକର ସଚେତନତାର ବାର୍ତା ଲୋକଙ୍କ ପାଖରେ କିପରି ପହଂଚାଯାଇ ପାରିବ ତାହା ହିଁ ଏହି ସମାବେଶର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ । ସଚେତନତାର ବାର୍ତା ସମସ୍ତଙ୍କ ପାଖରେ ପହଂଚି ପାରିଲେ ଜିଲ୍ଲାର ଆର୍ଥିକ ବିକାଶ ଘଟିବ ।

ଏହି ସମାବେଶରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଆଜି ମହାନ ଜନନାୟକ ସ୍ୱର୍ଗତ ଭି.ଭି.ଗିରିଙ୍କ ଜନ୍ମ ଦିନ । ଗଞ୍ଜାମ ଜିଲ୍ଲାର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ, ବିଶ୍ୱନାଥ ଦାସ, ଶଶୀ ଭୂଷଣ ରଥ, ବିନାୟକ ଆଚାର୍ଯ୍ୟ, ବିଜୁ ପଟ୍ଟନାୟକ, ସଂଯୁକ୍ତା ପାଣିଗ୍ରାହୀ, ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ, ଆଦିବାସୀ ଜନନାୟକ ଚକରା ବିଷୋୟୀ ଆଦି ଗଞ୍ଜାମ ଜିଲ୍ଲାର ସୁଯୋଗ୍ୟ ସନ୍ତାନ ମାନଙ୍କୁ ସର୍ବ ପ୍ରଥମେ ପ୍ରଣାମ ଜଣାଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଆଜିର ନୂଆ ଓଡିଶା ଗଠନ ହେବାରେ ୧୧ ବର୍ଷ ବାକି ଅଛି । ୨୦୩୬ ସୁଦ୍ଧା ବିକଶିତ ଓଡିଶା କରିବାକୁ ପଡିବ । ଗଞ୍ଜାମ ଜିଲ୍ଲାର ବିକାଶ ହେଲେ ଓଡିଶାର ବିକାଶ ହେବ, ଓଡିଶାର ବିକାଶ ହେଲେ ବିକଶିତ ଭାରତ ଗଠନ ହୋଇପାରିବ । ଗଞ୍ଜାମ ଜିଲ୍ଲାର ଲୋକମାନେ କାମ କରିବାକୁ ବାହାର ରାଜ୍ୟକୁ ଯାଉଛନ୍ତି । ଯୋଜନା ବଦ୍ଧ ଭାବେ ଆଗାମୀ ଦଶ ପନ୍ଦର ବର୍ଷ ଭିତରେ ବ୍ୟାବସାୟିକ ଅର୍ଥନୀତି ମଜବୁତ କରିବାକୁ ପଡିବ । ଗଞ୍ଜାମ ଜିଲ୍ଲାର ଅର୍ଥ ନୀତିରେ ଆକର୍ଷିତ ହୋଇ ଦେଶ ବିଦେଶରୁ ଲୋକମାନେ ଆସିବେ । ଗଞ୍ଜାମ ହେବ ତା’ର ପ୍ରୟୋଗଶାଳା । ଆଇଜରରେ ୧୧୦୦ କୋଟି ଟଙ୍କା ବ୍ୟୟକରି ବିଶ୍ୱସ୍ତରରେ ବୈଜ୍ଞାନିକ ପ୍ରୟୋଗଶାଳାର ଯୋଜନା କେନ୍ଦ୍ର ସରକାର କରିଛନ୍ତି । ଭାରତୀୟ ବିରଳ ମୃତିକାରେ ଆଗରୁ ୬ ପ୍ରକାର କ୍ରିଟିକାଲ ମିନେରାଲ ଉତ୍ପାଦିତ ହୋଇ ବିଦେଶକୁ ଯାଉଥିଲା । କିନ୍ତୁ ବର୍ତମାନ ଦେଶ ଭିତରେ, ରାଜ୍ୟ ଭିତରେ କିଭଳି ଉପଯୋଗ ହୋଇପାରିବ ତାର ଯୋଜନା କରାଯାଇଛି । ସେମି କଣ୍ଡକ୍ଟର ଓ ଇଲେକ୍ଟ୍ରି ଭେହିକିଲରେ ସେହି ମିନେରାଲର ଅବଦାନ ରହିଛି । ଲୁଣିପାଣିକୁ ମଧୁର ଜଳରେ ପରିଣତ କରିବାକୁ ଭାଭା ଆଟମିକ ରିସର୍ଚ୍ଚ ସେଣ୍ଟର ତରଫରୁ ଆରମ୍ଭ କରାଯାଇ ନିକଟସ୍ଥ ଗ୍ରାମଗୁଡିକୁ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି । ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ଲକ୍ଷାଧିକ ଟଙ୍କା ବିନିଯୋଗ କରାଯାଇଛି । ସମସ୍ତ ଗରିବଙ୍କ ମୁଣ୍ଡ ଉପରେ ପକ୍କାଘରର ଯୋଜନା କରାଯାଇଛି । ସାଢେ ତିନିକୋଟି ଲୋକଙ୍କ ଘରେ ନଳରେ ଜଳର ବ୍ୟବସ୍ଥା କରାଯାଇଛି । ମତ୍ସ୍ୟ ସମ୍ପଦକୁ ମଧ ପ୍ରାଥମିକତା ଦିଆଯାଇଛି । କୃଷି, ବ୍ୟବସାୟ, ଗୋ ପାଳନ, ମତ୍ସ୍ୟଚାଷ ଆଦିକୁ ରିହାତି ବ୍ୟବସ୍ଥା କରାଯାଇଛି । ଋଷିକୂଲ୍ୟାର ଜଳକୁ ଚାଷକାର୍ଯ୍ୟରେ ବିନିଯୋଗ କରିବାକୁ ହେବ । ଏ ଅଂଚଳର ପର୍ଯ୍ୟଟନ, କୃଷି ଭିତିକ ଉତ୍ପାଦନ, ଶ୍ରମ, ଖଣିଜ ସମ୍ପଦ ଆଦିର ସମ୍ଭାବନା ରହିଛି । ଆମ ସମସ୍ତଙ୍କ ମିଳିତ ସହଯୋଗରେ ଗଞ୍ଜାମର ବିକାଶ ଘଟିବ ବୋଲି କହିଥିଲେ । ସାଂସଦ ବ୍ରହ୍ମପୁର ଡ. ପ୍ରଦୀପ କୁମାର ପାଣିଗ୍ରାହୀ ସମାବେଶରେ ଯୋଗ ଦେଇ କହିଥିଲେ ଯେ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଉନ୍ନତି, ଆଇଜରର ଉନ୍ନତି ନିମନ୍ତେ ସରକାର ସହଯୋଗର ହାତ ବଢାଇ ଅନୁଦାନ ଦେଇଛନ୍ତି । ଭାରତୀୟ ବିରଳ ମୃତିକାକୁ ଭାରତବର୍ଷରେ ଶ୍ରେଷ୍ଠ କେନ୍ଦ୍ର କରିବା ଓ ଗଞ୍ଜାମର ଅର୍ଥନୀତିକୁ ସୁଦୃଢ କରିବା ପାଇଁ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେଇଛନ୍ତି । ଗରିବ କଲ୍ୟାଣ ନିମନ୍ତେ କେନ୍ଦ୍ର ସରକାର ଓ ରାଜ୍ୟସରକାର ବିଭିନ୍ନ ଯୋଜନାମାନ ପ୍ରଣୟନ କରିଛନ୍ତି । ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ କହିଥିଲେ ଯେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଜିଲ୍ଲାରେ ଶିଳ୍ପର ବିକାଶ ହୋଇଛି । ଶିଳ୍ପର ବିକାଶ ହେଲେ ଜିଲ୍ଲାର ବିକାଶ ହେବ ।

# ଗାନ୍ଧୀ ପଦଯାତ୍ରା ସ୍ମୃତି ପରିଷଦ ପକ୍ଷରୁ କ୍ରାନ୍ତି ଦିବସ ପାଳନ

କେନ୍ଦ୍ରାପଡ଼ା, ୧୧/୦୮ (ନି.ପ୍ର): କେନ୍ଦ୍ରାପଡା ସହରରେ ଗାନ୍ଧୀ ପଦଯାତ୍ରା ସ୍ମୃତି ପରିଷଦ ପକ୍ଷରୁ ୮୪ତମ ଅଗଷ୍ଟ କ୍ରାନ୍ତି ଦିବସ ପାଳନ ହୋଇଯାଇଛି । ଭାରତ ଛାଡ଼ ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମର ଐତିହ ବହନ କରୁଥିବା ଆଜିର ଦିବସରେ ସାରା କେନ୍ଦ୍ରାପଡା ସହର ଉତ୍ସବ ମୁଖର ହୋଇଥିଲା । ଗାନ୍ଧୀଙ୍କ ପଦଯାତ୍ରା ସ୍ମାରକୀ ବହନ କରୁଥିବା ଗରାପୁର ଡାକବଙ୍ଗଳା ନିକଟ ଜାତିର ପିତା ମହାତ୍ମା ଗାନ୍ଧୀ ଓ ସ୍ୱାଧୀନତା ସଂଗ୍ରାମୀ ସରସ୍ୱତୀ ଦେବୀଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ସକାଳ ୮ଘଟିକାରେ ରାମଧୁନର ତାଳେତାଳେ ବିଭିନ୍ନ ବର୍ଗର ଶତାଧିକ ଲୋକଙ୍କୁ ନେଇ ଆରମ୍ଭ ହୋଇଥିବା ଶାନ୍ତି ପଦଯାତ୍ରା ତିନିମୁହାଣୀ ସ୍ଥିତ ଗାନ୍ଧୀ ପଦଯାତ୍ରା ସ୍ମାରକୀ ନିକଟରେ ପହଂଚି ଥିଲା । ଏହି ପଦଯାତ୍ରାକୁ ଉଦ୍ଘାଟନ କରିଥିଲେ ବିଧାୟକ ଗଣେଶ୍ୱର ବେହେରା । ଗାନ୍ଧୀ ପଦଯାତ୍ରା ସ୍ମାରକୀ ସ୍ଥଳରେ ଶାନ୍ତି ପଦଯାତ୍ରା ପହଁଚିଲା ପରେ ବିଶିଷ୍ଟ ବ୍ୟକ୍ତିମାନେ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ । ଅଧାପକ ଅଜୟ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାକୁ ଉଦ୍ଘାଟନ କରିଥିଲେ ଜିଲ୍ଲାପାଳ ରଘୁରାମ କେ ଆୟର । ପ୍ରଥମେ ଅବସରପ୍ରାପ୍ତ ସୈନିକ ସଂଘର ସଭାପତି ବିରବର ପାତ୍ରଙ୍କୁ ବିଧାୟକ ଗଣେଶ୍ୱର ବେହେରା ଉପଢୌକନ ଦେଇ ସମ୍ବର୍ଦ୍ଧିତ କଲାପରେ ସମ୍ପାଦକ ରାଜେଶ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ନନ୍ଦକିଶୋର ପରିଡା ଅଗଷ୍ଟ କ୍ରାନ୍ତି ସମ୍ପର୍କରେ ବିସ୍ତୃତ ଆଲୋଚନା କରି କଷ୍ଟ ଅର୍ଜିତ ସ୍ୱାଧୀନତାକୁ ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ । ପୂର୍ବତନ ବିଧାୟିକା ସିପ୍ରା ମଳିକ ଓ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା ବକ୍ତବ୍ୟ ପ୍ରଦାନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଧୀରେନ ସାହୁ, ଗୟାଧର ଧଳ ପ୍ରମୁଖ । ଅନ୍ୟମାନଙ୍କ ମଧ୍ୟରେ ବାସୁଦେବ ଦାସ, ଶିବପ୍ରସାଦ ଭଳ, ପ୍ରଦୀପ୍ତ ମହାନ୍ତି, ଦୁର୍ଗାଶୀଷ ମହାନ୍ତି, ପ୍ରିୟଦର୍ଶନୀ ତରାଇ, ରଶ୍ମିରଞ୍ଜନ ରାଉତ, ମାନସ ପରିଡା, ଚିତରଞ୍ଜନ ମଲ୍ଲିକ, ଆକବର ଅଲ୍ଲୀ, ପ୍ରଫୁଲ୍ଲ ଦାସ, ପ୍ରଦୀପ ମହାନ୍ତି, ରଶ୍ମିତା ପଣ୍ଡା, ଭାଗିରଥି ଜେନା, ରମଣିରଞ୍ଜନ ରାଉତରାୟ, ମାଧବ ଦାସ, ଜଗତଜୀବନ ଦଶ, ଉପେନ୍ଦ୍ର ପରିଡା, ବୈଷ୍ଣବ ସ୍ୱାଇଁ, ଶିକ୍ଷକ ନେତା ପ୍ରଣବ କୁମାର ଜେନା, ପ୍ରକାଶ ମହାନ୍ତି, ଦୋଳଗୋବିନ୍ଦ ସାହୁ, ସୁଧୀର ମଲ୍ଲିକ, ସୂର୍ଯ୍ୟକାନ୍ତ ପରିଡା, ଲୋହିତ ମହାନ୍ତି, ପ୍ରଭାଶିଷ ପଣ୍ଡା, ପ୍ରଦୀପ ନାୟକ, ହୀରଣ୍ୟ ପଣ୍ଡା, ଯଯାତି ମହାନ୍ତି, ଆଲୋକ ସାହୁ, ଧନଞ୍ଜୟ ମହାନ୍ତି, ପୀତବାସ ବେହେରା, ଦେବାଶିଷ କୁବେର, ଭବାନୀ ଓଝା, କିଶୋର ମହାରଣା, ଅକମଲ ଅଲ୍ଲୀ, ଶେଖ ଚନ୍ଦନ, ଅବଦୁଲ ସା ାର, ନାରାୟଣ ପରିଡା, ସତ୍ୟରଞ୍ଜନ ସେନାପତି ପ୍ରମୁଖ । ଧନ୍ୟବାଦ ଅର୍ପଣ କରିଥିଲେ ମୁକ୍ତାର ଖାଁ ।

# ଆଳି ନାଗରିକ ମଂଚର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୧୧/୦୮ (ନି.ପ୍ର): ପବିତ୍ର ଗହ୍ମା ପୂର୍ଣମୀ ରକ୍ଷାବନ୍ଧନ ଅବସରରେ ଆଳିର ଅଗ୍ରଣୀ ସାମାଜିକ ସଂଗଠନ ଆଳି ନାଗରିକ ମଂଚର ଦ୍ୱାଦଶତମ ବାର୍ଷିକ ଉତ୍ସବ ଆଳି ଡାକବଙ୍ଗଳା ନିକଟ ଏମାର୍ଟ ମଣ୍ଡପ ଠାରେ ପୂର୍ବାହ୍ନ ୧୦ ଘଟିକା ରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମଂଚର ସଭାପତି ଧନେଶ୍ୱର ରାଉତଙ୍କ ଅଧକ୍ଷତା କରିଥିବା ବେଳେ ଉତ୍ସବର ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବି ଭୀମସେନ ଭୂୟାଁ, ସମ୍ମାନୀତ ଅତିଥି ଭାବେ ବରିଷ୍ଠ ପ୍ରଧାନଶିକ୍ଷକ ତଥା କବି ପ୍ରମୋଦ ମଲ୍ଲିକ, ବରିଷ୍ଠ ଉପଦେଷ୍ଟା ମାୟାଧର ରାଉତ ପ୍ରମୁଖ ଯୋଗଦେଇ ସଚେତନ ନାଗରିକ ଓ ବୁଦ୍ଧିଜୀବୀମାନଙ୍କୁ ନେଇ ଗଢ଼ାଯାଇଥିବା ନାଗରିକ ମଂଚ ଗୋଟିଏ ଅଂଚଳ ର ସମସ୍ୟା ସମାଧାନ, ଶାନ୍ତି ଶୃଙ୍ଖଳା ଓ ଭାଇଚାରା ରକ୍ଷା କରିବା ଦିଗରେ ଗୁରୁତ୍ୱପୂର୍ଣ ଭୂମିକା ନିର୍ବାହ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ । ପରେ ବରିଷ୍ଠ ନାଗରିକ ଓ ଅତିଥି ମାନଙ୍କୁ ଉପସ୍ଥିତ ଭଉଣୀମାନେ ମିଠା ଖୁଆଇ ରାକ୍ଷୀ ବାନ୍ଧିବା ପରମ୍ପରା ଏକ ନିଆରା ପରିବେଶ ସୃଷ୍ଟି କରିଥିଲା । ଉତ୍ସବ ରେ ମଂଚର ସମ୍ପାଦକ ଅକ୍ଷୟ କୁମାର ମଲ୍ଲିକ ସମ୍ପାଦକୀୟ ବିବରଣୀ ପାଠ କରି ନାଗରିକ ମଂଚର ଦୀର୍ଘ ୧୨ ବର୍ଷର କାର୍ଯ୍ୟାବଳୀ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଡ଼କ ବନ୍ଧୁ ସୁଶାନ୍ତ ତରାଇ, କାର୍ଯ୍ୟକାରି ସଭାପତି ଦଶରଥ ମଲିକ, କବି ଗୋବିନ୍ଦ ଚନ୍ଦ୍ର ନନ୍ଦ, ଅବସରପ୍ରାପ୍ତ ଶିକ୍ଷକ ବୀରକିଶୋର ପଣ୍ଡା, ମଞ୍ଜୁଲତା ସାମଲ, କବିୟତ୍ରୀ ସନ୍ନିଭା ମିଶ୍ର ଦାଶ, ମିନତୀ ମହାନ୍ତି, ପୁଷ୍ପିତା ମହାନ୍ତି, ବବିତା ଦାସ ଙ୍କ ସମେତ ଅନ୍ୟ ଶତାଧିକ ପ୍ରମୁଖ ସଦସ୍ୟ ସଦସ୍ୟା ଉପସ୍ଥିତ ରହି ଉତ୍ସବ ରେ ଅଂଶଗ୍ରହଣ କରିଥିବା ବେଳେ ମଞ୍ଚର ଯୁଗ୍ମ ସମ୍ପାଦକ ସହଦେବ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

# ସରୋଜିନୀ ପରିଡ଼ାଙ୍କ ଅଷ୍ଟମ ଶ୍ରାଦ୍ଧୋତ୍ସବ

କେନ୍ଦ୍ରାପଡ଼ା, ୧୧/୦୮ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ବାରୁଅ ସ୍ଥିତ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନ ଏବଂ ରେଡ଼ିଓ ଭାବଗ୍ରାହୀର ମିଳିତ ଆନୁକୂଲ୍ୟରେ ଚିର ସବୁଜ ଅକ୍ଷୟ ମହାନ୍ତି କକ୍ଷରେ ଲୋକ କବି ଭାବଗ୍ରାହୀ ପରିଡାଙ୍କ ଧର୍ମପତ୍ନୀ ସ୍ୱର୍ଗତା ସରୋଜିନୀ ପରିଡାଙ୍କ ଅଷ୍ଟମ ଶ୍ରାଦ୍ଧୋତ୍ସବ ଏବଂ ରକ୍ଷାବନ୍ଧନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଅପରାହ୍ନରେ କେନ୍ଦ୍ରାପଡ଼ାର ବିଧାୟକ ଗଣେଶ୍ୱର ବେହେରା ସ୍ୱର୍ଗତା ସରୋଜିନୀ ପରିଡାଙ୍କ ଗୃହାଙ୍ଗନରେ ପହଂଚି ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସନ୍ଧ୍ୟାରେ କଳା ନିକେତନ ଏବଂ ରେଡ଼ିଓ ଭାବଗ୍ରାହୀର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଭବ୍ୟ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାନସ ଭୂଷଣ ପଣ୍ଡିତ ହୃଷୀକେଶ ରଥ, ମୁଖ୍ୟବକ୍ତା ଭାବେ ପଣ୍ଡିତ ପଦ୍ମନାଭ ଦାଶ ଏବଂ ସମ୍ମାନୀତ ଅତିଥି ଭାବରେ ଫୋରଡ ବାୟା ଆଶ୍ରମର ମହନ୍ତ ହୃଷୀକେଶ ଦାଶ ମହାରାଜ, ପ୍ରଧାନ ଶିକ୍ଷକ ଅଜୟ ସ୍ୱାଇଁ, ସତୀର୍ଥର କୋଷାଧକ୍ଷ ଭାଗବତ ଷଡ଼ଙ୍ଗୀ, କବି ଅମର ପ୍ରସାଦ ରାଉତ, କବି ଗଗନ ବିହାରୀ ଜେନା, କବି ଅଶୋକ ସାହୁ ପ୍ରମୁଖ ଯୋଗଦେଇ ମହିୟସୀ ମା ସରୋଜିନୀଙ୍କ ତ୍ୟାଗପୂତ ଜୀବନ ଶୈଳୀ ସମ୍ପର୍କରେ ଆଲୋକପାତ କରିଥିଲେ । ବିଶିଷ୍ଟ କଣ୍ଠଶିଳ୍ପୀ ନିରୁପମା ଜେନା ସ୍ୱାଗତ ସଙ୍ଗୀତ ଏବଂ ବଳଦେବଜୀଉଙ୍କ ଭଜନ ଗାଇଥିଲେ । ଗୀତିକାର ବିମଳ ପରିଡା ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଅତିଥିମାନଙ୍କ ପରିଚୟ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା, ଗ୍ରାମ୍ୟ ଉନ୍ନୟନ ସାଂସ୍କୃତିକ ଯୁବ ସଂଗଠନର ସମ୍ପାଦକ ଚିତରଞ୍ଜନ ପ୍ରଧାନ, ସମାଜସେବୀ ଭବାନୀ ପ୍ରସାଦ ଓଝା, ବିକ୍ରମ କେଶରୀ ସାମଲ, ସ୍ୱର୍ଣ୍ଣକାନ୍ତ ପରିଡା, ବିକାଶ ଚନ୍ଦ୍ର ବାରିକ, ଅଚ୍ୟୁତାନନ୍ଦ ପରିଡା, ବାସନ୍ତୀ ମହାପାତ୍ର, ଶିବରାଜ ରାଉତ, ଶୁଭାଶିଷ ଜେନା, ରେଡିଓ ଭାବଗ୍ରାହୀର ପ୍ରସାରଣ ସହାୟକ ଗୌରବ କୁମାର ଦାସ, ଅମର ବିଶ୍ୱାଳ, ବିପିନ ବିହାରୀ ପରିଡା, ଅଙ୍କିତା ପରିଡା, ସୁଧାଂଶୁବାଳା ପରିଡା, କୈବଲ୍ୟ ପ୍ରସାଦ ପରିଡା ପ୍ରମୁଖ ସରୋଜିନୀ ପରିଡାଙ୍କ ସ୍ମୃତି ଚାରଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଶେଷରେ ପ୍ରଚକ ବିକ୍ରମ କେଶରୀ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୁରୀ ଐତିହ୍ୟ ପଦଯାତ୍ରାର ପ୍ରଥମ ବାର୍ଷିକୋତ୍ସବ
## ବିନା ଐତିହ୍ୟ ଅନୁମୋଦନରେ ପୁରୀ ବିମାନବନ୍ଦର

ପୁରୀ, ୧୧/୦୮ (ନି.ପ୍ର): ଐତିହ୍ୟ ଏକ ଅବହେଳିତ ଅଧ୍ୟାୟ ହୋଇରହିଛି । କିଛି ସେକେଣ୍ଡରେ ପୁରାତନ କୀର୍ତିକୁ ଭାଙ୍ଗିବା ସହଜ । ହେଲେ ଏହାକୁ ଗଢିବା ଅସମ୍ଭବ । ଏହା ଆଇନ ଅନୁଯାୟୀ ଅପରାଧ । ଐତିହ୍ୟର ସୁରକ୍ଷା ଓ ସଂରକ୍ଷଣ କରିବାରେ ଆମେ ବିଫଳ । ଯେଉ ସବୁ ମଠ ମନ୍ଦିର ଭଙ୍ଗାଯାଇଛି ତାହାର ପୁନଃ ନିର୍ମାଣ ଅସମ୍ଭବ । ମଠ ମନ୍ଦିର ଭଙ୍ଗାଯିବା ପରେ ଏବେ ପୁରୀରେ ବିମାନ ବନ୍ଦର କରାଯାଉଛି । ବିମାନବନ୍ଦର ହେଲେ ଶ୍ରୀମନ୍ଦିରକୁ ବିପଦ ପଡିବ । ବିମାନବନ୍ଦର ନିର୍ମାଣ ପାଇଁ ହେରିଟେଜ୍ କ୍ଲିୟରାନ୍ସ ବା ଐତିହ୍ୟ ଅନୁମୋଦନ ଆବଶ୍ୟକ । ହେଲେ ବିନା ଐତିହ୍ୟ ଅନୁମୋଦନରେ ଏସବୁ କାର୍ଯ୍ୟ କରାଯାଉଛି । ଯାହା ପରବର୍ତୀ ସମୟରେ ଶ୍ରୀମନ୍ଦିରକୁ କ୍ଷତି ପହଂଚାଇବ । ପୁରୀ ଐତିହ୍ୟ ପଦଯାତ୍ରାର ପ୍ରଥମ ବାର୍ଷିକୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଏହା କହିଛନ୍ତି ବିଶିଷ୍ଟ ଐତିହାସିକ ଡଃ ଅନିଲ ଧୀର । ପୁରୀର ସଂସ୍କୃତି ଭବନଠାରେ ଐତିହ୍ୟ ପଦଯାତ୍ରାର ବାର୍ଷିକୋତ୍ସବ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ପୁରୀ ଐତିହ୍ୟ ପଦଯାତ୍ରାର ପ୍ରଥମ ବାର୍ଷିକୋତ୍ସବ ପୁରୀର ସଂସ୍କୃତି ଭବନଠାରେ ପାଳିତ ହୋଇଯାଇଛି । ଏଥିରେ ପ୍ରସିଦ୍ଧ ସ୍ଥାପତ୍ୟ ଶିଳ୍ପୀ ପଦ୍ମବିଭୂଷଣ ସୁଦର୍ଶନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଗାମୀ ପିଢ଼ୀ ପାଇଁ ଐତିହ୍ୟ ସମ୍ବନ୍ଧୀୟ ସଚେତନତା ବିଷୟରେ ଆଲୋକପାତ କରିଥିଲେ । ବିଶିଷ୍ଟ ଐତିହାସିକ ଡଃ ଅନିଲ ଧୀର ମୁଖ୍ୟ ବକ୍ତା ରୂପେ ଯୋଗ ଦେଇ ସମୟ ସ୍ରୋତରେ ଧ୍ୱଂସାଭିମୁଖୀ କୀର୍ତିରାଜିଗୁଡ଼ିକ ଏବଂ ଏହି ଐତିହ୍ୟର ସଂରକ୍ଷଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ । ଇନ୍‌ଟାକ୍‌ର ଆବାହକ ଡଃ ବିଶ୍ୱଜିତ୍ ମହାନ୍ତି ଐତିହ୍ୟ ପଦଯାତ୍ରାର ଆଭିମୁଖ୍ୟ ଉପରେ ନିଜ ମତ ରଖିଥିଲେ । ବିଭିନ୍ନ ଐତିହ୍ୟ ସଂରକ୍ଷଣ କାର୍ଯ୍ୟକ୍ରମର ଡିଜିଟାଇଜେସନ୍ କରି ଏହାର ଜଗତିକରଣ କରିବା ଦିଗରେ ଉଦୟଗିରି ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଜେ.ପି. ଜଗଦ୍ଦେବ ଆଲୋଚନା କରିଥିଲେ । ଐତିହାସିକ ତଥ୍ୟ ଆମ ଉତର ପିଢ଼ିମାନଙ୍କ ପାଇଁ ସଂରକ୍ଷିତ ହୋଇ ରହିବା ଜରୁରୀ ବୋଲି ମତପ୍ରକାଶ କରିଥିଲେ ମହୀପ୍ରକାଶ ମଠର ମଠାଧୀଶ ଶ୍ରୀ ଶୁଭାନନ୍ଦ ମହାରାଜ । ଐତିହ୍ୟ ଗବେଷକ ଡଃ ସୁରେନ୍ଦ୍ର କୁମାର ମିଶ୍ରଙ୍କର ପୁସ୍ତକ ‘ନବକଳେବରର ଐତିହ୍ୟ’ର ହିନ୍ଦୀ ସଂସ୍କରଣ ଉନ୍ମୋଚନ ସହିତ ଡଃ ମିଶ୍ର ଐତିହ୍ୟ ଗବେଷଣା ସମ୍ପର୍କିତ ସମ୍ୟକ୍ ଆଲୋଚନା କରିଥିଲେ । ଏହି ଅବସରରେ ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ସେବକ ଶ୍ରୀ ବିଜୟ କୁମାର ମହାପାତ୍ର, ଐତିହ୍ୟ ଗବେଷକ ଓ ଲେଖକ ଶ୍ରୀ କୃଷ୍ଣଚନ୍ଦ୍ର ମିଶ୍ର ଏବଂ ଶ୍ରୀ ସାରଙ୍ଗଧର ରାୟଗୁରୁଙ୍କୁ ଐତିହ୍ୟ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏଥିସହିତ ରାଜ୍ୟ ତଥା ପୁରୀର ବିଶିଷ୍ଟ ଐତିହ୍ୟ କର୍ମୀମାନଙ୍କୁ ଐତିହ୍ୟ ଶ୍ରୀ ତଥା ଐତିହ୍ୟ ବନ୍ଧୁ ସମ୍ମାନରେ ସମ୍ବର୍ଦ୍ଧନା ସହ କଟକ ଐତିହ୍ୟ ପଦଯାତ୍ରା, ଜଗତସିଂହପୁର ଐତିହ୍ୟ ପଦଯାତ୍ରା, ଢେଙ୍କାନାଳ ଐତିହ୍ୟ ପଦଯାତ୍ରା, ମୟୁରଭଞ୍ଜ ଐତିହ୍ୟ ପଦଯାତ୍ରା ଓ ବାଲେଶ୍ୱର ଦର୍ଶନର କର୍ମୀମାନଙ୍କୁ ଐତିହ୍ୟ ବନ୍ଧୁ ସମ୍ମାନ ପ୍ରଦାନ କରାଯାଇଥିଲା । ପୂର୍ବରୁ ଅନୁଷ୍ଠିତ ବିଦ୍ୟାଳୟ ସ୍ତରୀୟ କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ଏହି କାର୍ଯ୍ୟକ୍ରମ ଅବସରରେ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ସଭାକାର୍ଯ୍ୟକୁ ଐତିହ୍ୟ ଗବେଷକ ପଣ୍ଡିତ ସିଦ୍ଧାର୍ଥ ଆଚାର୍ଯ୍ୟ ଓ ସାମ୍ବାଦିକା ରାଜଶ୍ରୀ ସାହୁ ସଂଚାଳନା କରିଥିଲେ । ଏହି ଅବସରରେ ପୁରୀ ଐତିହ୍ୟ ପଦଯାତ୍ରାର ବାର୍ଷିକ ଉତ୍ସବର ସ୍ମରଣିକା “ଐତିହ୍ୟ ଗବାକ୍ଷ” ପ୍ରକାଶ ପାଇଥିଲା ।

# ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ଗଙ୍ଗାଧର ମେହେର ଜୟନ୍ତୀ

ଧର୍ମଶାଳା, ୧୧/୦୮ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ରକ୍ଷାବନ୍ଧନ ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ଜାରକା ସ୍ଥିତ ଆମ ପାଠାଗାର ପରିସରରେ ପାଳିତ ହୋଇଯାଇଛି । କାର୍ଯ୍ୟକାରୀ ସଭାପତି ବେଣୁଧର ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବ୍ରହ୍ମବାରଦା ଡ଼ିଗ୍ରୀ କଲେଜ ଅଧ୍ୟକ୍ଷ ମହେଶ୍ୱର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିବା ସହ ମେହେରଙ୍କ ସାହିତ୍ୟ କୃତିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ବିଶିଷ୍ଟ ପାଲାକାର ରଜନୀକାନ୍ତ ପୃଷ୍ଟି ମୁଖ୍ୟବକ୍ତା ଭାବେ ଯୋଗଦେଇ ମେହେରଙ୍କ ତପସ୍ୱିନୀ କାବ୍ୟ ଉପରେ ମତବ୍ୟକ୍ତ କରିଥିଲେ । ସାଧାରଣ ସଂପାଦକ ଡ଼କ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ସଂପାଦକୀୟ ବିବରଣୀ ପାଠ କରିଥିଲେ । କବି ବିଜୟ କୁମାର ଦେବତା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଗଣେଶ୍ୱର ବେହେରା ସ୍ୱାଗତ ଭାଷଣ ଦେଇଥିଲେ । ସଦସ୍ୟ ବେଣୁଧର ଦାସ ଓ ସରୋଜିନୀ ପଣ୍ଡା ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ । ଦ୍ୱିତୀୟ ଅଧିବେଶନରେ ଗଙ୍ଗାଧରଙ୍କ କବିତା ପାଠ କରାଯାଇଥିଲା । ସର୍ବଶ୍ରୀ କବି ଶଶିଭୂଷଣ ଦ୍ୱାରୀ, ଅବସରପ୍ରାପ୍ତ ପ୍ରାଧାପକ ରାଧାଶ୍ୟାମ ସାହୁ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ଯୁଧିଷ୍ଠିର ସ୍ୱାଇଁ, ଧ୍ରୁବଚରଣ ବିଶ୍ୱାଳ, ପ୍ରଭାତ ମଲ୍ଲିକ, ସନ୍ତୋଷ କୁମାର ବେହେରା, ଯୁଗଳ କିଶୋର ଦାସ, ଗୋବିନ୍ଦ ଚନ୍ଦ୍ର ସାହୁ, ବ୍ରଜକିଶୋର ଦାଶ, ଗୋଲକ ଚନ୍ଦ୍ର ପଲେଇ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । କବି ଦୀନବନ୍ଧୁ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ ।

# ତୁଳସୀ ମହିଳା ମହାବିଦ୍ୟାଳୟର ୪୭ତମ ସ୍ୱନକ୍ଷତ୍ର ଦିବସ

କେନ୍ଦ୍ରାପଡ଼ା, ୧୧/୦୮ (ନି.ପ୍ର): କେନ୍ଦ୍ରାପଡ଼ା ପୌରାଂଚଳ ଅନ୍ତର୍ଗତ ଗୋପ ସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟର ୪୭ତମ ସ୍ୱନକ୍ଷତ୍ର ଦିବସ ଅଧ୍ୟକ୍ଷ ଡ଼ ମଥୁରି ଚରଣ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ାର ସାଂସଦ ବୈଜୟନ୍ତ ପଣ୍ଡା ଯୋଗଦେଇ ତୁଳସୀ ମହିଳା ମହାବିଦ୍ୟାଳୟକୁ ଏକ ବିଶ୍ୱସ୍ତରୀୟ ଅନୁଷ୍ଠାନରେ ପରିଣତ କରିବା ପାଇଁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ାର ପ୍ରାକ୍ତନ ସାଂସଦ ଅର୍ଚ୍ଚନା ନାୟକ ଯୋଗଦେଇ ନାରୀ ସୁରକ୍ଷା ଓ ନାରୀର ସ୍ୱାଭିମାନ ରକ୍ଷା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦର ପୂର୍ବତନ ଅଧକ୍ଷା ଗୀତାଞ୍ଜଳୀ ସେଠୀ ମହିଳା ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ ।

# ଇପିଏଫ୍ ପେନସନର୍ସ ଆସୋସିଏସନ୍ କୋରାପୁଟ ଜିଲ୍ଲା କମିଟିର ବୈଠକ

ଜୟପୁର, ୧୧/୦୮ (ନି.ପ୍ର): ଆଜି ସ୍ଥାନୀୟ ଯାଦବ ଭବନ ଠାରେ ଇପିଏଫ୍ ପେନସନର୍ସ ଆସୋସିଏସନ୍ କୋରାପୁଟ ଜିଲ୍ଲା କମିଟିର ବୈଠକ ସ୍ଥାନୀୟ ଯାଦବ ଭବନ ଠାରେ ଶ୍ରୀ ନଳିନୀକାନ୍ତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଆଜିର ବୈଠକକୁ ଏଆଇଟିୟୁସି ର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ସମ୍ବୋଧିତ କରି କହିଥିଲେ ଯେ , ଇପିଏଫ୍ ପେନସନର୍ସ ମାନେ ମାସିକ ୯୦୦୦/ ଟଙ୍କା ପେନସନ ପାଇବା ପାଇଁ ଯୋଗ୍ୟ କାରଣ ସେମାନେ ପି ଏଫ୍ ପାଣ୍ଠିକୁ ଦେୟ ଦେଇଛନ୍ତି । ଏଥିପାଇଁ ବାମପନ୍ଥୀ ସାଂସଦ ମାନେ ପାର୍ଲ୍ୟାମେଂଟରେ ବାରମ୍ବାର ଦାବି କରୁଛନ୍ତି । ଅନ୍ୟ ଦଳର ସାଂସଦ ଏବଂ ଖୋଦ୍ ବିଜେପି ସାଂସଦ ମାନେ ମଧ ଦାବି କରୁଥିବା ସତ୍ତ୍ୱେ କେନ୍ଦ୍ର ର ମୋଦୀ ସରକାର କର୍ଣ୍ଣପାତ କରୁନାହାଁନ୍ତି । ଏଥିପାଇଁ ସଡକରୁ ସଂସଦ ପର୍ଯ୍ୟନ୍ତ ବରାବର ଲଢେଇ ଜାରି ରଖିବାକୁ ହେବ ଏବଂ ଆନ୍ଦୋଳନ କୁ ଜୋର୍ ଦାର୍ କରିବାକୁ ହେବ । ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରିବା ପାଇଁ ସଂଘ କାର୍ଯ୍ୟକ୍ରମ ଗ୍ରହଣ କରୁଥିବା ବିଷୟ ଶ୍ରୀ ନଳିନୀକାନ୍ତ ରଥ ପ୍ରକାଶ କରିଛନ୍ତି । ଆଜିର ବୈଠକରେ ସର୍ବଶ୍ରୀ ଜି ପ୍ରସାଦ ରାଓ, ଏ ଏସ୍ ରାଜୁ , ଏନ୍ ଏସ୍ ଆର୍ ମୁର୍ତି , ବସନ୍ତ ବେହେରା, ଏସ୍ କେ ପ୍ରଧାନ, ପ୍ରମୋଦ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ ।

# ଛାତ୍ରୀ ଓ ନାରୀ ନିର୍ଯାତନା ବିରୋଧରେ ଯୁବ ବିଜେଡି ପକ୍ଷରୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ସ୍ମାରକପତ୍ର

କେନ୍ଦ୍ରାପଡ଼ା, ୧୧/୦୮ (ନି.ପ୍ର): ଛାତ୍ରୀ ଓ ନାରୀ ନିର୍ଯାତନା ବିରୋଧରେ ଜିଲ୍ଲା ଯୁବ ବିଜେଡି ପକ୍ଷରୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ସ୍ମାରକପତ୍ର । ଗତ କିଛି ଦିନରେ ରାଜ୍ୟର ଛାତ୍ରୀ ଓ ନାରୀମାନେ ଯପେରି ନିର୍ଯାତନାର ଶିକାର ହେଉଛନ୍ତି, ତାହା ରାଜ୍ୟର ସମ୍ରଗ ଛାତ୍ର ସମାଜକୁ ସ୍ତମ୍ଭୀଭୂତ କରିଛି । ଅସଦାଚରଣ, ଅପହରଣ, ଦୁଷ୍କର୍ମ, ଗଣଦୁର୍ଷ୍କମ, ହତ୍ୟା ଆଦି ଘଟଣା ପ୍ରତିଦିନ ଖବରକାଗଜର ଶିରୋନାମା ହେଉଛି । ନିୟମିତ ଭାବେ ଏହିଭଳି ହୃଦୟ ବିଦାରକ ଘଟଣାମାନ ଲୋକଲୋଚନକୁ ଆସୁଥିବାରୁ, ଏକ ଭୟର ବାତାବରଣ ସୃଷ୍ଟି ହୋଇଛି, ଯେଉଁ କାରଣରୁ ଛାତ୍ରୀ ଓ ମହିଳାମାନେ ଏକୁଟିଆ ଘରୁ ବହାରିବାକୁ ନିରାପଦ ମଣୁ ନାହାନ୍ତି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ଯୁବ ବିଜେଡି ସଭାପତିଙ୍କ ନେତୃତ୍ୱରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ନିକଟରେ ଘଟିଥିବା ଗୋପାଳପୁର ବିଚ୍‌ରେ ଏକ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ଏଫଏମ୍ କଲେଜ ବାଲେଶ୍ୱରରେ ଏକ ଛାତ୍ରୀଙ୍କ ଆତ୍ମଦାହ କରିବା ଘଟଣା, ପୁରୀ ଜିଲ୍ଲା ବଳଙ୍ଗାରେ ଏକ ନାବାଳିକାକୁ ଜିଅନ୍ତା ଜାଳିଦେବା ପାଇଁ ଉଦ୍ୟମ କରାଯିବା, କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ କାଠିଆପଡା ଗ୍ରାମରେ ବଡପଡା ମହାବିଦ୍ୟାଳୟ +୩ କଳା (ରାଜନୀତି ବିଜ୍ଞାନ ସମ୍ମାନ) ଛାତ୍ରୀ ସୁଶ୍ରୀ ପି.ଡି ସଙ୍ଗୀତା ନିଜ ଦେହରେ ନିଆଁ ଲଗାଇ ଆତ୍ମଦାହ କରିଥିବାର ଘଟଣା ଆଉ ଏକ ଆଲୋଡନ ସୃଷ୍ଟି କରିଛି । ଗତ ଅଗଷ୍ଟ୬,୨୦୨୫ ରେ ଘଟିଥିବା ଏହି ଘଟଣା ତାଙ୍କ ପ୍ରତି ହେଉଥିବା ମାନସିକ ନିର୍ଯ୍ୟାତନାର ଦୁଃଖଦ ପରିଣତି ବୋଲି ଛାତ୍ରୀଙ୍କ ପିତା ଶଶିକାନ୍ତ ପରିଡା ସାଧାରଣ ଅଭିଯୋଗ କରିବା ସହ ସମ୍ପୃକ୍ତ ପଟ୍ଟାମୁଣ୍ଡାଇ ଗ୍ରାମା ଳ ଥାନା ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ କରିବା ହେତୁ ତାଙ୍କ ଝିଅର ଜୀବନ ଗଲା ବୋଲି ଦର୍ଶାଇଛନ୍ତି । ବିଜେପି ସରକାରରେ ଗତ ୧୩ ମାସ ମଧ୍ୟରେ ରାଜ୍ୟରେ ଘଟିଥିବା ପ୍ରମୁଖ ମହିଳା ଓ ଛାତ୍ରୀ ନିର୍ଯାତନା ଘଟଣାମାନ ହେଲା:(ସେପ୍ଟେମ୍ବର ୧୭, ୨୦୨୪ )ରେ ନବରଙ୍ଗପୁର ତେନ୍ତୁଳିଖୁଂଟିରେ ଆଦିବାସୀ ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା, (ସେପ୍ଟେମ୍ବର ୨୨, ୨୦୨୪) ରେ ଭୁବନେଶ୍ୱର, ଭରତପୁର ପୋଲିସି ଷ୍ଟେସନରେ ମହିଳାଙ୍କୁ ଦୁର୍ବ୍ୟବହାର, ଅକ୍ଟୋବର ୨୩,୨୦୨୪ରେ କୁଚିଣ୍ଡାରେ ଦଳିତ ନାବାଳିକାକୁ ଗଣଦୁଷ୍କର୍ମ, (ମେ’୩,୨୦୨୫) ରେ କୋରାପୁଟ ଲମତାପୁଟରେ ଥିବା ଅନୁସୂଚିତ ଜାତି ଓ ଜନଜାତି ସ୍କୁଲରେ ନାବାଳିକାକୁ ଦୁଷ୍କର୍ମ, (ଜୁନ୍ ୧୭,୨୦୨୫) ରେ କେନ୍ଦୁଝର ତେନ୍ତଳାପଶିରେ ଆଦିବାସୀ ନାବାଳିକାକୁ ଗଣଦୁଷ୍କର୍ମ ଓ ହତ୍ୟା (ଜୁନ୍୨୪,୨୦୨୫) ରେ ବହ୍ମପୁରରେ ବିଜେପିର ଜଣେ ସକ୍ରିୟ ସଦସ୍ୟ ତଥା ହୋମିଓପାଥି ଡାକ୍ତରଙ୍କ ଦ୍ୱାରା ନାବାଳିକ ଦୁଷ୍କର୍ମର ଶିକାର, (ଜୁଲାଇ ୨୨,୨୦୨୫) ରେ ମାଲକାନଗିରିରେ ଗୋଟିଏ ଦିନରେ ଦଳିତ ନାବାଳିକାକୁ ପ୍ରଥମେ ୩ଜଣ ଗଣଦୁଷ୍କର୍ମ କରିବା ପରେ ଦ୍ୱିତୀୟ ଥର ଟ୍ରକ୍ ଡ୍ରାଇଭର ଦ୍ୱାରା ଦୁଷ୍କର୍ମର ଶିକାର । ଏହିସବୁ ଘଟଣା କେବଳ ନାରୀଙ୍କ ସୁରକ୍ଷା ଉପରେ ନୁହେଁ, ବରଂ ସାମୁଦାୟିକ ବିଶ୍ୱାସ , ଶିକ୍ଷାସ୍ଥଳର ସୁରକ୍ଷା ଓ ଆଇନ ଏବଂ ଶାସନ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି ।

# ନାଆମୀ ମହାବିଦ୍ୟାଳୟ +୩ରେ ଖୋଲିବ ବିଜ୍ଞାନ ଓ ବାଣିଜ୍ୟ

ଭଦ୍ରକ, ୧୦ ଅଗଷ୍ଟ (ହି.ସ.) - ନାଆମୀ ମହାବିଦ୍ୟାଳୟରେ ବିଜ୍ଞାନ ଓ ବାଣିଜ୍ୟ ବିଷୟରେ + ୩ ଶିକ୍ଷା ପାଇଁ ଚଳିତ ଶିକ୍ଷା ବର୍ଷରେ ନାମ ଲେଖିବା ପାଇଁ ସୁଯୋଗ ମିଳିବ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି ।ଏଥିପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଆବଶ୍ୟକ ଅନୁମୋଦନ ସହ ଖୁବ ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଆଶା କରାଯାଉଛି ।୧୯୭୮ ମସିହାରୁ ପ୍ରତିଷ୍ଠିତ ଏହି ମହାବିଦ୍ୟାଳୟରେ +୨ ସ୍ତରରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ଶିକ୍ଷା ଦାନ ବ୍ୟବସ୍ଥା ରହିଥିବା ବେଳେ ସ୍ନାତକଶ୍ରେଣୀରେ କେବଳ କଳା ପାଠ୍ୟକ୍ରମ ରହିଥିଲା ।ସ୍ଥାନୀୟ ଅଞ୍ଚଳର ପିଲାମାନଙ୍କ ସହ ପଡୋଶୀ ବନ୍ତ ଓ ହାଟଡ଼ିହି ବ୍ଲକର ବିଭିନ୍ନ ଗ୍ରାମର ଛାତ୍ରଛାତ୍ରୀମାନେ ଘରେ ରହି କମ ଖର୍ଚ୍ଚରେ ଏହି ମହାବିଦ୍ୟାଳୟରେ ପାଠ ପଢିବା ପାଇଁ ସୁଯୋଗ ପାଉଥିବାରୁ ଶିକ୍ଷିତ ହାର ବଢ଼ିବାରେ ସହାୟକ ହୋଇଛି ।ଏବେ ଏହି ମହାବିଦ୍ୟାଳୟରେ ବିଜ୍ଞାନ ଓ ବାଣିଜ୍ୟରେ ସ୍ନାତକ ଶିକ୍ଷା ପ୍ରଦାନ କରାଗଲେ ଏହିସବୁ ଅଂଚଳର ପିଲାମାନେ ଉପକୃତ ହେବେ ।ଏଥିପାଇଁ ମହାବିଦ୍ୟାଳୟ ପକ୍ଷରୁ ଆଗ୍ରହ ପ୍ରକାଶ ପରେ ସରକାରୀ ସ୍ତରରେ ନିଷ୍ପତି ହୋଇଥିବାରୁ ମହାବିଦ୍ୟାଳୟ କର୍ତୃପକ୍ଷ ଓ ଉଚ୍ଚ ଶିକ୍ଷା ବିଭାଗ ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଓ ଉଚ୍ଚ ଶିକ୍ଷା ବିଭାଗ ସଚିବ ଓ ନିର୍ଦ୍ଦେଶକଙ୍କୁ ବିଜେପିର ପୂର୍ବତନ ବିଧାନସଭା ସଂଯୋଜକ ପ୍ରକାଶ ମହାପାତ୍ର କୃତଜ୍ଞତା ଜଣାଇଛନ୍ତି ।ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଭିଭାବକ ମହଲରେ ଏଥିପାଇଁ ଆନନ୍ଦ ପ୍ରକାଶ ପାଇଛି ।

# ସୁଆଦିଆ ଗୁପଚୁପରେ ହାନିକାରକ ରଙ୍ଗ: ହୋଇପାରେ କ୍ୟାନସର



ପାଟିକୁ ସୁଆଦିଆ, ଖାଇବାକୁ ଚଟପଟି। ଛୋଟଠୁ ବଡ଼, ମୁଖ୍ୟତଃ ଯୁବତୀମାନଙ୍କର ଏହା ପ୍ରଥମ ପସନ୍ଦ। ଭିନ୍ନ ରାଜ୍ୟରେ ଏହାର ନାଁ ଭିନ୍ନ କିନ୍ତୁ ସ୍ୱାଦ ମନଲୋଭା। ଏହାର ଚଟପଟା ସ୍ୱାଦର ଦିୱାନା ସମସ୍ତେ । ମସଲା ଆଉ ଖଟା ପାଣିର ଅଦ୍ଭୁତ୍ ମିଶ୍ରଣ ହେଉଛି ଗୁପଚୁପ୍ ।

ହେଲେ ଏହି ଗୁପଚୁପ୍ ଅବା ଓଡ଼ିଶା ବାହାରେ ପାନିପୁରୀ କୁହାଯାଉଥିବା ଏହି ଖାଦ୍ୟକୁ ନେଇ ଏବେ ସନ୍ଦେହ ସୃଷ୍ଟି ହୋଇଛି। ଏପରିକି ଏହାକୁ ବେଶି ଖାଇବା ଦ୍ୱାରା କ୍ୟାନ୍ସର ବି ହୋଇପାରେ ବୋଲି ବିଶେଷଜ୍ଞ ଚେତାଇ ଦେଇଛନ୍ତି ।

କର୍ଣ୍ଣାଟକରୁ ଜାତୀୟ ଗଣମାଧ୍ୟମରେ ଏଭଳି ତଥ୍ୟ ଆସିବା ପରେ ବଢ଼ିଛି ଲୋକଙ୍କ ଟେନସନ୍। କର୍ଣ୍ଣାଟକାର ଖାଦ୍ୟ ସୁରକ୍ଷା ଓ ନିରାପତ୍ତା ବିଭାଗ ପକ୍ଷରୁ ବିଭିନ୍ନ ଅଞ୍ଚଳରୁ ୨୬୦ଟି ନମୁନାକୁ ପରୀକ୍ଷା କରାଯାଇଥିଲା। ଯେଉଁଥିରୁ ୪୧ଟି ନମୁନାରେ କ୍ୟାନସର ଲକ୍ଷଣ ଥିବା କହିଛି କର୍ଣ୍ଣାଟକ ଖାଦ୍ୟ ଓ ନିରାପତ୍ତା ବିଭାଗ। ତାସହ ୧୮ଟି ନମୁନାକୁ ଅତି ନିମ୍ନମାନର ବୋଲି କୁହାଯାଇଥିଲା। ମୁଖ୍ୟତଃ ଗୁପଚୁପ୍ ପାଣି ତଥା ସସ୍‌ରେ ବ୍ୟବହୃତ ହେଉଥିବା କୃତ୍ରିମ ରଙ୍ଗ ଏଥିପାଇଁ ଦାୟୀ । କର୍ଣ୍ଣାଟକାର ଖାଦ୍ୟ ସୁରକ୍ଷା ଓ ନିରାପତ୍ତା ବିଭାଗ ପକ୍ଷରୁ ଯାଞ୍ଚ ବେଳେ ଏହି ସାଂଘାତିକ ତଥ୍ୟ ସାମନାକୁ ଆସିଛି। ଅଧିକ ଖାଇବା ଦ୍ୱାରା ଏହା କ୍ୟାନସର ପରି ମାରାତ୍ମକ ରୋଗକୁ ଡକରା ଦେଉଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି।

କୋବି ମାଞ୍ଚୁରିଆନ, କବାବରୁ କ୍ୟାନସର ସୃଷ୍ଟିକାରୀ ଜୀବାଣୁ ଠାବ ହେବା ପରେ ଏବେ ଗୁପଚୁପ୍‌ରୁ ବି ଏହା ଠାବ ହୋଇଛି। ଏହି ଖବର ପ୍ରଚାରିତ ହେବା ପରେ ଗୁପଚୁପ୍ ପ୍ରେମୀଙ୍କ ମନ ଖଟା ହୋଇ ଯାଇଛି। କେବଳ ସେତିକି ନୁହେଁ,ଖୁବ୍‌ଶୀଘ୍ର କର୍ଣ୍ଣାଟକା ସରକାର ଗୁପଚୁପ୍‌କୁ ବ୍ୟାନ୍ କରି ପାରନ୍ତି ବୋଲି ବି ଚର୍ଚ୍ଚା ହେଉଛି।

# ଲକ୍ଷ୍ମୀଛଡ଼ା ଦୋଷ କ'ଣ ? କେଉଁ ଦୋଷ କାରଣରୁ ଲକ୍ଷ୍ମୀଛଡ଼ା ଦୋଷ ହୋଇଥାଏ ?

ଲକ୍ଷ୍ମୀଛଡ଼ା ଶବ୍ଦଟି ସହିତ ଆମେ ପ୍ରାୟ ସମସ୍ତେ ପରିଚିତ। ବେଳେ ବେଳେ ଆମେ ଖାଦ୍ୟ ସଂପୂର୍ଣ୍ଣ ନଖାଇ ଫୋପାଡ଼ି ଦେଲେ କେହି କେହି ଲକ୍ଷ୍ମୀଛଡ଼ା ବୋଲି କହିଥା'ନ୍ତି। ତେବେ କେବଳ ଖାଦ୍ୟ ଫୋପାଡ଼ିଲେ ଲକ୍ଷ୍ମୀଛଡ଼ା ଦୋଷ ଲାଗେ ନାହିଁ। ଲକ୍ଷ୍ମୀଛଡ଼ା ଦୋଷ ଲାଗିବା ପଛରେ ଆହୁରି ଅନେକ କାରଣ ରହିଛି। ଲକ୍ଷ୍ମୀଛଡ଼ା ଦୋଷ ଲାଗିଲେ ଦରିଦ୍ରତା ଆସିଥାଏ। ଯେତେ ଆୟ କଲେ ମଧ୍ୟ ନିଅଣ୍ଟ ପଡ଼େ। ତା'ହେଲେ ଆସନ୍ତୁ ଜାଣିବା କେଉଁ କେଉଁ କାରଣରୁ ଲକ୍ଷ୍ମୀଛଡ଼ା ଦୋଷ ହୋଇଥାଏ। ସେ ସଂପର୍କରେ ବାସ୍ତୁବିଦ୍ ଡକ୍ଟର ମନୋଜ ଲେଙ୍କା କ'ଣ କହିଛନ୍ତି, ପଢ଼ନ୍ତୁ-

♦ ସ୍ତ୍ରୀ, ମାଆ, ଝିଅ ବା କୌଣସି ନାରୀଙ୍କୁ ଅପମାନିତ କରିବା, କଷ୍ଟ ଦେବା ଦ୍ୱାରା ଲକ୍ଷ୍ମୀଛଡ଼ା ଦୋଷ ହେଇଥାଏ। କାରଣ ଏମାନେ ହେଉଛନ୍ତି ମାଆ ଲକ୍ଷ୍ମୀଙ୍କ ପ୍ରତୀକ।

♦ ସକାଳୁ ଶୀଘ୍ର ନଉଠି ଡେରି ପର୍ଯ୍ୟନ୍ତ ଶୋଇ ରହିଲେ ଲକ୍ଷ୍ମୀଛଡ଼ା ଦୋଷ ହୋଇଥାଏ। ଯେଉଁମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ କାମ କରୁଛନ୍ତି, ସେମାନେ ସକାଳେ ଡେରି ପର୍ଯ୍ୟନ୍ତ ଶୋଇଲେ ଚଳିବ। କିନ୍ତୁ ଯେଉଁମାନେ ଶୀଘ୍ର ଶୋଇ ମଧ୍ୟ ସକାଳେ ଡେରିରେ ଉଠୁଛନ୍ତି, ସେମାନେ ଭୁଲ୍ କରୁଛନ୍ତି।

♦ ଖାଦ୍ୟ ନଷ୍ଟ କଲେ ଲକ୍ଷ୍ମୀଛଡ଼ା ଦୋଷ ହୋଇଥାଏ। ଆମେ ବଳକା ଖାଦ୍ୟକୁ ନଫୋପାଡ଼ି ଗାଇଗୋରୁ, କୁକୁର ଓ ପକ୍ଷୀଙ୍କୁ ଦେଲେ ଲକ୍ଷ୍ମୀଛଡ଼ା ଦୋଷ ଲାଗିବ ନାହିଁ।

♦ ଗୃହରେ ରାତିରେ ଅଇଁଠା ବାସନ ପକାଇ ରଖିଲେ ଲକ୍ଷ୍ମୀଛଡ଼ା ଦୋଷ ହୋଇଥାଏ।



♦ ମହାପ୍ରସାଦ, ତୁଳସୀ, ଶଙ୍ଖ, ବିଗ୍ରହ ଓ ବୟୋଜ୍ୟେଷ୍ଠ ବ୍ୟକ୍ତି ବିଶେଷଙ୍କୁ ପାଦରେ ସ୍ପର୍ଶ କଲେ ଲକ୍ଷ୍ମୀଛଡ଼ା ଦୋଷ ହୋଇଥାଏ।

♦ ରୋଷେଇ ପରେ ଭଗବାନଙ୍କୁ ଖାଦ୍ୟ ଅର୍ପଣ ନକରି ସେବନ କଲେ ଲକ୍ଷ୍ମୀଛଡ଼ା ଦୋଷ ହୋଇଥାଏ।

♦ ନିଜ ମାଆ, ବାପା ଓ ସ୍ତ୍ରୀଙ୍କୁ ହତାଦର କରିବା ସହିତ ଘରୁ ତଡ଼ିଦେଲେ ଲକ୍ଷ୍ମୀଛଡ଼ା ଦୋଷ ହୋଇଥାଏ।

# ଘରେ ତିଆରି କରନ୍ତୁ ଛତୁର ଏହି ରେସିପି

ଆବଶ୍ୟକ ସାମଗ୍ରୀ: ଛତୁ, ବେସନ, ମସଲା ଗୁଣ୍ଡ, ରସୁଣ କଟା, ପୋସ୍ତ ବଟା, ଜୀରା ବଟା, ପିଆଜ, ଅଦା, ଲଙ୍କା, ଲୁଣ, ଆଳୁ ଓ ତେଲ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଛତୁକୁ ଛୋଟ ଛୋଟ କାଟି ତାକୁ ଭଲ ଭାବରେ ଧୋଇ ଦିଅନ୍ତୁ। ପରେ ତାକୁ ପାଣିରେ ସିଝାଇ ଦିଅନ୍ତୁ। ଏହା ସିଝି ଗଲା ପରେ ତାକୁ ଥଣ୍ଡା ହେବା ପାଇଁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ଏହା ଥଣ୍ଡା ହୋଇଗଲା ପରେ ସେଥିରେ ବେସନ, ମସଲା ଗୁଣ୍ଡ, ରସୁଣ କଟା, ପୋସ୍ତ ବଟା, ଜିରା ବଟା, କଟା ପିଆଜ, କଟା ଅଦା, କଞ୍ଚା ଲଙ୍କା, ସ୍ୱାଦ ଅନୁସାରେ ଲୁଣ, ସିଝା ଆଳୁ ଓ ତେଲ ପକାଇ ଭଲ ଭାବେ ଚକଡି ଦିଅନ୍ତୁ।

ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ପୂର୍ବରୁ ପ୍ରସ୍ତୁତ କରି ରଖିଥିବା ପେଷ୍ଟରୁ ବରା ଆକାରରେ ଗଢନ୍ତୁ। ପରେ ତାକୁ ତେଲରେ ଛାଣନ୍ତୁ। ବରାର ଦୁଇ ପାଖ ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଛତୁ ବରା।



# ମଲ୍ଟିଭିଟାମିନ୍‌କୁ ନେଇ ଆସିଲା ବଡ଼ ଖବର, ଜାଣନ୍ତୁ ଗବେଷଣାରୁ କ'ଣ ଜଣାପଡ଼ିଛି



ପ୍ରତିଦିନ ମଲ୍‌ଟିଭିଟାମିନ୍ ଖାଇଲେ କେହି ଦୀର୍ଘାୟୁ ହେବେ ନାହିଁ। ବରଂ ଏହା ଶୀଘ୍ର ମୃତ୍ୟୁ ଘଟିବାର ଆଶଙ୍କାକୁ ବଢ଼ାଇ ଦେଇପାରେ। ଏକ ବଡ଼ ଗବେଷଣାରୁ ଏହା ଜଣାପଡ଼ିଛି। ଆମେରିକାର ମେରୀଲ୍ୟାଣ୍ଡ ସ୍ଥିତ ନ୍ୟାଶନାଲ କ୍ୟାନସର ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଏହି ଗବେଷଣା କରାଯାଇଥିଲା। ୩ ଲକ୍ଷ ୯୦ ହଜାର ୧୨୪ ଜଣ ସୁସ୍ଥ ପ୍ରାପ୍ତ ବୟସ୍କ ଆମେରିକୀୟଙ୍କୁ ନେଇ ଏହି ଗବେଷଣା କରାଯାଇଥିଲା। ସେମାନଙ୍କ ମଧ୍ୟରୁ କେହି ବଡ଼ଧରଣର ଦୀର୍ଘସ୍ଥାୟୀ ରୋଗରେ ପୀଡ଼ିତ ନଥିଲେ। ୨୦ରୁ ଅଧିକ ବର୍ଷ ଧରି ସେମାନଙ୍କ ଉପରେ ନଜର ରଖାଯାଇଥିଲା। ପ୍ରତିଦିନ ମଲ୍‌ଟିଭିଟାମିନ୍ ଖାଇଲେ ମୃତ୍ୟୁ ଆଶଙ୍କା ହ୍ରାସ ପାଏ ବୋଲି ଏହି ଗବେଷଣାରୁ ଗବେଷକମାନେ କୌଣସି ପ୍ରମାଣ ପାଇ ନଥିଲେ। ଓଲଟି ପ୍ରତ୍ୟେକ ଦିନ ମଲ୍‌ଟିଭିଟାମିନ ଖାଉଥିବା ଲୋକଙ୍କ ମୃତ୍ୟୁ ଆଶଙ୍କା ୪% ଅଧିକ ଥାଏ ବୋଲି ଗବେଷଣାରୁ ଜଣାପଡ଼ିଛି। ତେଣୁ ଗବେଷକମାନେ ଏଥିରେ ଉପନୀତ ହୋଇଥିଲେ ଯେ ଦୀର୍ଘାୟୁ ହେବାର ମଲ୍‌ଟିଭିଟାମିନ୍ ସହାୟକ ହୋଇ ନଥାଏ। ଅନ୍ୟପକ୍ଷରେ ପ୍ରତିବର୍ଷ ଏହି ମଲ୍‌ଟିଭିଟାମିନ୍‌ର ବ୍ୟବସାୟ ବଢ଼ି ଚାଲିଛି। କେବଳ ଆମେରିକାରେ ପ୍ରାପ୍ତ ବୟସ୍କ ଲୋକଙ୍କ ମଧ୍ୟରୁ ଏକ ତୃତୀୟାଂଶ ବିଭିନ୍ନ ପ୍ରକାର ମଲ୍‌ଟିଭିଟାମିନ୍‌ର ବ୍ୟବହାର କରନ୍ତି। ବିଭିନ୍ନ ରୋଗରୁ ବର୍ତ୍ତିବା ପାଇଁ ସେମାନେ ମଲ୍‌ଟିଭିଟାମିନ ସେବନ କରନ୍ତି। ମଲ୍‌ଟିଭିଟାମିନ୍‌ର ଏତେ ଚାହିଦା ଥିବା ସତ୍ତ୍ୱେ ଗବେଷକମାନେ ଏହାର ସ୍ୱାସ୍ଥ୍ୟ ଉପକାରିତା ଉପରେ ପ୍ରଶ୍ନ ଉଠାଇଛନ୍ତି ଓ ଏହା ଶରୀର ପାଇଁ କ୍ଷତିକାରକ ବୋଲି ଚେତାଇ ଦେଇଛନ୍ତି। ଗବେଷକମାନଙ୍କ କହିବାନୁଯାୟୀ, ବିଭିନ୍ନ ପ୍ରକାର ଖାଦ୍ୟରୁ ଆମେ ପାଉଥିବା ବେଟା-କ୍ୟାରୋଟିନ୍ କ୍ୟାନ୍‌ସରରୁ ସୁରକ୍ଷା ଦେଇଥାଏ। କିନ୍ତୁ ବେଟା-କ୍ୟାରୋଟିନ୍ ସପ୍ଲିମେଣ୍ଟଗୁଡ଼ିକ କ୍ୟାନସର ଓ ହୃଦ୍‌ରୋଗ ଆଶଙ୍କାକୁ ବଢ଼ାଇ ଦେଇଥାଏ। ସେହିପରି ଅନେକ ମଲ୍‌ଟିଭିଟାମିନ୍‌ରେ ଥିବା ଆଇରନ ଶରୀରରେ ଆଇରନର ମାତ୍ରାକୁ ଅଧିକ କରିଦେଇପାରେ। ଆଉ ଏହା ହୃଦରୋଗ, ଡାଇବେଟିସ୍ ଓ ଡିମେନଶିୟା ଭଳି ରୋଗର ଆଶଙ୍କାକୁ ବଢ଼ାଇ ଦେଇଥାଏ।

# ଘରେ ପ୍ରସ୍ତୁତ କରନ୍ତୁ ସୁଇଟ୍‌କର୍ଣ୍ଣ ସୁପ୍

ଆବଶ୍ୟକ ସାମଗ୍ରୀ: ଆମେରିକାନ ସୁଇଟ କର୍ଣ୍ଣ, ଗାଜର, ଫ୍ରେଞ୍ଚ ବିନ୍ସ, ପିଆଜ, ରସୁଣ, ତେଜପତ୍ର, ଗୋଲମରିଚ ଗୁଣ୍ଡ, ବଟର, ଲୁଣ, ଧନିଆପତ୍ର, କର୍ଣ୍ଣଫ୍ଲୋର ।

ପ୍ରସ୍ତୁତି ପ୍ରଣାଳୀ: ଏକ ପ୍ୟାନ୍‌ରେ ପାଣି ଗରମ କରନ୍ତୁ। ସେଥିରେ କଟା ହୋଇଥିବା, ଗାଜର, ଫ୍ରେଞ୍ଚ ବିନ୍ସ, କଟା ପିଆଜ, କଟା ରସୁଣ, ତେଜପତ୍ର, ଗୋଲମରିଚ ଗୁଣ୍ଡ ପକାନ୍ତୁ। ତାହାକୁ ଭଲ ଭାବେ ଫୁଟିବାକୁ ଦିଅନ୍ତୁ। ଏହାପରେ ଏହାକୁ ଛାଣି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଭେଜିଟେବୁଲ ଷ୍ଟକ୍ । ଆଉ ଏକ ପାତ୍ରରେ କିଛି ବଟର ନିଅନ୍ତୁ। ତାହା ଗରମ ହୋଇଗଲେ ସେଥିରେ କିଛି ରସୁଣ ପକାନ୍ତୁ। ଏହାପରେ ସେଥିରେ ଛୋଟ ଛୋଟ କଟା ଯାଇଥିବା ଗାଜର ଓ ଫ୍ରେଞ୍ଚ ବିନ୍ସ, ଗ୍ରୀନ ମଟର ପକାନ୍ତୁ। ଏହାପରେ ସେଥିରେ ଆମେରିକାନ ସୁଇଟ କର୍ଣ୍ଣ , ଲୁଣ, ଗୋଲମରିଚ ଗୁଣ୍ଡ, କିଛି ବଟା ହୋଇଥିବାକର୍ଣ୍ଣ ପକାନ୍ତୁ। ଏହାକୁ ହାଲକା ଭାଜନ୍ତୁ।



ଏହାପରେ ଭେଜିଟେବୁଲ ଷ୍ଟକକୁ ସେଥିରେ ପକାନ୍ତୁ। ଫୁଟିଗଲା ପରେ ସେଥିରେ କଟା ଧନିଆପତ୍ର, ଅଳ୍ପ ଲୁଣ, କିଛି କର୍ଣ୍ଣଫ୍ଲୋର ଘୋଳ ପକାନ୍ତୁ। ପ୍ରସ୍ତୁତ ହୋଇଗଲା ସୁଇଟ କର୍ଣ୍ଣ ସୁପ୍। ଶୀତ ଦିନରେ ସୁଇଟ କର୍ଣ୍ଣ ସୁପ୍ ପିଇବାକୁ ଭଲ ଲାଗିଥାଏ।




କଦଳୀ ଖାଇ ସାରିବା ପରେ କିମ୍ବା ପୂଜାରେ ଭୋଗ ଲଗେଇ ସାରିବା ପରେ ଆମେ କଦଳୀ ଚୋପାକୁ ଫିଙ୍ଗି ଦେଇଥାଉ । ଅନେକ ଲୋକ ଏମିତି କରନ୍ତି । ଏହା ପ୍ରାୟ ସମସ୍ତଙ୍କ ଅଭ୍ୟାସ । ହେଲେ ଆପଣ ଜାଣନ୍ତି କି କଦଳୀ ଚୋପାରେ ବି ଅନେକ ଚମତ୍କାରିତା ଅଛି । ଯାହା ଆମ ଶରୀର ପାଇଁ ବେଶ ଭଲ ଏବଂ ଉପଯୋଗୀ । ତେବେ ଜାଣନ୍ତୁ କଣ ରହିଛି କଳଦୀ ଚୋପାର ଚମତ୍କାରିତା । ଆପଣଙ୍କ ସୁନ୍ଦର ତ୍ୱଚା ପାଇଁ ରାମବାଣ ଏହି କଦଳୀ ଚୋପା । କଦଳୀ ଚୋପାକୁ ଅନେକ ଖାଇସାରି ନଷ୍ଟ କରିଦେଉଥିବା ବେଳେ ଏହାର ଭିତର ଅଂଶକୁ ଧିରେଧିରେ ମୁହଁରେ ଲଗାଇଲେ ମୁହଁର ଶୁଖିଲାପଣକୁ ଏହା ଓଦାରଖେ ଏବଂ ମୁହଁର ଚମଡାକୁ ନରମ ରଖେ । କଦଳୀ ଚୋପାକୁ ପ୍ରତିଦିନ ମୁହଁରେ ଲଗାଇଲେ ତାହା ମୁହଁରେ ଥିବା ନାଲି ଅଂଶକୁ ଦୂରକରେ । ଯଦି ଗରମ ପାଇଁ ବି ମୁଁ ଜଳାପୋଡା କରୁଛି ତେବେ ସେଥିରୁ ବି ଉପଷମ ଦେବ କଦଳୀ ଚୋପା ।

ଆଖିତଳ କଳାଦାଗ କଦଳୀ ଚୋପା ଦୂରକରେ । ୧୫ରୁ ୨୦ ମିନିଟ୍ କଦଳୀ ଚୋପାକୁ ଆଖି ଉପରେ ରଖିଲେ ଏହା ଆଖିକୁ ଥଣ୍ଡା ରଖିଥାଏ ଏବଂ ଶରୀରରେ ଯଦି କୌଣସି ସ୍ଥାନ କଟି ଯାଉଛି କିମ୍ବା ଆଞ୍ଚୁଡି ଯାଏ ତାହାରେ କଦଳୀ ଚୋପା ଲଗାନ୍ତୁ ଏହା ଔଷଧ ଭଳି କାମ କରିବ ।

# ସକାଳୁ ସକାଳୁ ଉଷୁମ ପାଣିରେ ଲେମ୍ବୁ ବୁନ୍ଦା ପକାଇ ସେବନ ସ୍ୱାସ୍ଥ୍ୟ ପକ୍ଷେ କେତେ ହିତକାରକ ଜାଣନ୍ତୁ



ଯଦି ସକାଳର ଆରମ୍ଭ ଭଲରେ ହୋଇଥାଏ, ତେବେ ପୂରା ଦିନଟି ଭଲରେ କଟେ । ଅଧିକାଂଶ ଲୋକ ଦିନର ଆରମ୍ଭ ଚା' ବା କଫିରୁ କରିଥାନ୍ତି । ଯାହା ସ୍ୱାସ୍ଥ୍ୟ ପକ୍ଷେ ଆଦୌ ହିତକର ନୁହଁ । ଖାଲିପେଟରେ ଚା' କିମ୍ବା କଫି ପିଇବା ଯାହା ରୋଗକୁ କୁଣିଆ କରି ଘରକୁ ଡାକିବା ତାହା । ତେବେ ଚା' , କଫି ବଦଳରେ ଆଉ କ'ଣ ସେବନ କରାଯାଇପାରିବ ପ୍ରଶ୍ନ କଲେ ଆମେ କହିବୁ ଲେମ୍ବୁପାଣି ପିଅନ୍ତୁ । ନା' ଆଜ୍ଞା ଥଣ୍ଡାପାଣିରେ ଲେମ୍ବୁବୁନ୍ଦା ପକାଇ ସେବନ କରିବାକୁ ଆମେ କହୁନୁ । କେବେ ଆପଣ ଉଷୁମ ପାଣିରେ ଲେମ୍ବୁର କିଛି ବୁନ୍ଦା ପକାଇ ପିଇବାକୁ ଚେଷ୍ଟା କରିଛନ୍ତି କି ? କିଛି ଲୋକ ଶୀତଦିନେ ଉଷୁମ ପାଣିରେ ଲେମ୍ବୁ ବୁନ୍ଦା ପକାଇ ପିଇବା ଶରୀର ପାଇଁ ଲାଭଦାୟକ କି ନାହିଁ ବୋଲି ଭାବି ପିଇବାକୁ ଡ଼ରିଥାନ୍ତି । ଏହାର ସେବନ କରିବା ଶରୀର ପାଇଁ ଲାଭଦାୟକ ହୋଇଥାଏ। ଏହାକୁ ଆପଣ ଖାଲି ପେଟରେ ମଧ୍ୟ ପିଇପାରିବେ । ଯାହା ଶରୀରକୁ କୌଣସି କ୍ଷତି ପହଁଞ୍ଚାଇନଥାଏ । ତେବେ ଆସନ୍ତୁ ଜାଣିବା, ଏହାକୁ ପିଇବା ଦ୍ୱାରା ଶରୀରକୁ କ'ଣ ସବୁ ଲାଭ ମିଳିଥାଏ ।

୧.ଲେମ୍ବୁରେ ଭିଟାମିନ୍ ସି, ପଟାସିୟମ ଏବଂ ଆଇରନ ରହିଥାଏ । ଯାହାଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ହୋଇଥାଏ । ଉଷୁମ ପାଣିରେ ଲେମ୍ବୁ ବୁନ୍ଦା ପକାଇ ପିଇବା ଦ୍ୱାରା ଥଣ୍ଡା, ଜ୍ୱର ଏବଂ କାଶ ହେବା ଭଳି ସମସ୍ୟା ଦେଖା ଯାଇ ନ ଥାଏ ।

୨.ଉଷୁମ ପାଣିରେ ଲେମ୍ବୁ ପକାଇ ପିଇବା ଦ୍ୱାରା ଶରୀରରେ ଥିବା ବିଷାକ୍ତ ପଦାର୍ଥ ପରିସ୍ରା ମାଧ୍ୟମରେ ବାହାରକୁ ବାହାରି ଯାଇଥାଏ । ଯାହାଦ୍ୱାରା ପାଚନ କ୍ରିୟା ମଜବୁତ୍ ହୋଇଥାଏ। ସକାଳ ସମୟରେ ଉଷୁମ ପାଣିରେ ଲେମ୍ବୁ ପକାଇ ପିଇବା ଦ୍ୱାରା ଅପଚ ବା କୋଷ୍ଠକାଠିନ୍ୟ ସମସ୍ୟାରୁ ଆରାମ ମିଳିଥାଏ ।

୩.ଏହାଦ୍ୱାରା ଶରୀରରେ ପିଏଚ୍ ସ୍ତର ନିୟନ୍ତ୍ରଣ ହୋଇ ରହିଥାଏ । ଏହା ସହ ଶରୀରରେ ଥିବା ବିଷାକ୍ତ ପଦାର୍ଥକୁ ବାହାରକୁ ବାହାର କରି ଯକୃତକୁ ସକ୍ରିୟ କରିଥାଏ ।

୪.ସକାଳୁ ଖାଲିପେଟରେ ଲେମ୍ବୁ ପାଣି ପିଇବା ଦ୍ୱାରା ମେଟାବୋଲିଜିମ୍ ବଢ଼ିବା ସହ ଫ୍ୟାଟ୍ କମ ହୋଇଥାଏ । ଏହା ଦ୍ୱାରା ଓଜନ ବୃଦ୍ଧି ଭଳି ସମସ୍ୟା ମଧ୍ୟ ଦେଖାଯାଇ ନ ଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବୁଲା କୁକୁର ସମସ୍ୟା: ସୁପ୍ରିମକୋର୍ଟଙ୍କ ରାୟ ଓ ଆଗାମୀ ପଥ

ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ବୁଲା କୁକୁରଙ୍କ ସମସ୍ୟା ଏକ ଜଟିଳ ରୂପ ନେଇଥିବା ବେଳେ, ସୁପ୍ରିମକୋର୍ଟଙ୍କର ଏକ ସଦ୍ୟ ରାୟ ଏହି ପ୍ରସଙ୍ଗରେ ଏକ ନୂଆ ବିତର୍କ ସୃଷ୍ଟି କରିଛି। ଜନସାଧାରଣଙ୍କ ସୁରକ୍ଷା ଏବଂ ବଢୁଥିବା ଜଳାତଙ୍କ ଆଶଙ୍କାକୁ ଦୃଷ୍ଟିରେ ରଖି ସର୍ବୋଚ୍ଚ ନ୍ୟାୟାଳୟ ଦିଲ୍ଲୀ-ଏନସିଆରର ସମସ୍ତ ପୌରପାଳିକାକୁ ତୁରନ୍ତ ସମସ୍ତ ବୁଲା କୁକୁରଙ୍କୁ ଧରି ସେମାନଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଜେ.ବି. ପାର୍ଡିୱାଲା ଏବଂ ଆର. ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ସ୍ଥିତିକୁ 'ଭୟାବହ' ବୋଲି ବର୍ଣ୍ଣନା କରିବା ସହ ଶିଶୁ, ମହିଳା ଓ ବୃଦ୍ଧବୃଦ୍ଧାଙ୍କ ସୁରକ୍ଷା ପାଇଁ ଏଭଳି ପଦକ୍ଷେପର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ରାୟ ଏକ ସଙ୍ଗେ ଆଶ୍ୱସ୍ତି ଓ ଆଶଙ୍କାର ବାତାବରଣ ସୃଷ୍ଟି କରିଛି।

ଗତ କିଛି ବର୍ଷ ହେବ ଦିଲ୍ଲୀ ଏବଂ ଏହାର ସଂଲଗ୍ନ ସହର ଗୁଡିକରେ କୁକୁର କାମୁଡା ଘଟଣା ବହୁ ପରିମାଣରେ ବୃଦ୍ଧି ପାଇଛି। ସରକାରୀ ତଥ୍ୟ ଅନୁଯାୟୀ, କେବଳ ଦିଲ୍ଲୀରେ ହିଁ କୁକୁର କାମୁଡା ଘଟଣା ୨୦୨୨ରେ ୬,୬୯୧ ଥିବାବେଳେ ୨୦୨୪ ସୁଦ୍ଧା ଏହା ୨୫,୨୧୦କୁ ବୃଦ୍ଧି ପାଇଛି। ଏହା ବ୍ୟତୀତ ଅନେକ ଘଟଣା ପଞ୍ଜିକୃତ ମଧ୍ୟ ହୋଇପାରୁନାହିଁ। ବିଶେଷ କରି ଶିଶୁ ଏବଂ ବୟସ୍କମାନେ ଏହାର ଶିକାର ହେଉଛନ୍ତି, ଏବଂ କେତେକ କ୍ଷେତ୍ରରେ ଜଳାତଙ୍କ କାରଣରୁ ମୃତ୍ୟୁ ମଧ୍ୟ ଘଟୁଛି। ଏହି ଭୟାବହ ପରିସ୍ଥିତି ଯୋଗୁଁ ସାଧାରଣ ନାଗରିକଙ୍କ ମନରେ, ବିଶେଷକରି ସକାଳେ ବୁଲିବାକୁ ଯାଉଥିବା ଲୋକେ ଓ ଖେଳିବାକୁ ଯାଉଥିବା ପିଲାମାନଙ୍କ ମଧ୍ୟରେ ଏକ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅନେକ ସ୍ୱାଗତ କରିଛନ୍ତି। ସେମାନଙ୍କ ମତରେ, ରାସ୍ତାକୁ କୁକୁରମୁକ୍ତ କରିବା ଜନସାଧାରଣଙ୍କ ସୁରକ୍ଷା ପାଇଁ ଏକାନ୍ତ ଆବଶ୍ୟକ।

ଏହି ନିର୍ଦ୍ଦେଶଟି ବର୍ତ୍ତମାନ ପ୍ରଚଳିତ ପଶୁ ଜନ୍ମ ନିୟନ୍ତ୍ରଣ (ABC) ନିୟମ, ୨୦୨୩ର ବିରୋଧାଭାସ ସୃଷ୍ଟି କରୁଛି। ଏହି ନିୟମ ଅନୁସାରେ, ବୁଲା କୁକୁରମାନଙ୍କୁ ଧରି, ସେମାନଙ୍କର ବନ୍ଧ୍ୟାକରଣ ଓ ଟୀକାକରଣ କରିବା ପରେ ସେହି ସ୍ଥାନରେ ହିଁ ଛାଡିଦେବା କଥା। ଏହା ପଛର ବୈଜ୍ଞାନିକ କାରଣ ହେଉଛି, ନିଜ ଅଞ୍ଚଳରେ ରହିଲେ ସେମାନେ ନୂଆ କୁକୁରଙ୍କୁ ପ୍ରବେଶ କରିବାକୁ ଦିଅନ୍ତି ନାହିଁ, ଯାହାଦ୍ୱାରା ସେହି ଅଞ୍ଚଳରେ କୁକୁରଙ୍କ ସଂଖ୍ୟା ସ୍ଥିର ରହେ। କିନ୍ତୁ ସୁପ୍ରିମକୋର୍ଟ କହିଛନ୍ତି ଯେ ଧରାଯାଇଥିବା କୌଣସି କୁକୁରକୁ ପୁନର୍ବାର ରାସ୍ତାକୁ ଛଡାଯିବ ନାହିଁ। ଖଣ୍ଡପୀଠ ବର୍ତ୍ତମାନ ପାଇଁ ନିୟମକୁ ପଛରେ ରଖି ଜନସୁରକ୍ଷାକୁ ଅଗ୍ରାଧିକାର ଦେବାକୁ କହିଛନ୍ତି।

ଏହି ସମସ୍ୟାର ସମାଧାନ କେବଳ କୁକୁରମାନଙ୍କୁ ଧରି ନେଇ ଆଶ୍ରୟସ୍ଥଳୀରେ ଭର୍ତ୍ତି କରିଦେଲେ ହେବ ନାହିଁ। ଏଥିପାଇଁ ଏକ ସୁଚିନ୍ତିତ ଓ ବହୁମୁଖୀ ଯୋଜନାର ଆବଶ୍ୟକତା ରହିଛି। ପୌରପାଳିକାମାନଙ୍କୁ ସେମାନଙ୍କ ଦାୟିତ୍ୱ ଠିକ୍ ଭାବରେ ନିର୍ବାହ କରିବାକୁ ପଡିବ। ବନ୍ଧ୍ୟାକରଣ ଓ ଟୀକାକରଣ କାର୍ଯ୍ୟକ୍ରମକୁ ବ୍ୟାପକ ଭାବେ ଏବଂ ନିରନ୍ତର ଭାବେ ଚଳାଇବାକୁ ହେବ। ଅନେକ ସମୟରେ ଏହି କାର୍ଯ୍ୟକ୍ରମ କେବଳ କାଗଜ କଲମରେ ସୀମିତ ରହିଯାଏ ବୋଲି ଅଭିଯୋଗ ହୁଏ। ଏହା ସହିତ, ସହରାଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନାକୁ ସୁଦୃଢ଼ କରିବା ଆବଶ୍ୟକ, କାରଣ ଖାଦ୍ୟ ସହଜରେ ମିଳୁଥିବାରୁ ବୁଲା କୁକୁରଙ୍କ ସଂଖ୍ୟା ବୃଦ୍ଧି ପାଇଥାଏ। ଅନେକ ସମୟରେ ଲୋକମାନେ ନିଜ ପୋଷା କୁକୁର ବା ତା'ର ଛୁଆଙ୍କୁ ରାସ୍ତାରେ ଛାଡି ଦିଅନ୍ତି, ଯାହା ବୁଲା କୁକୁର ସମସ୍ୟାକୁ ଆହୁରି ବଢାଇଥାଏ। ଏଥିପାଇଁ ପଞ୍ଜୀକରଣ ଓ ପୋଷ୍ୟ ଗ୍ରହଣ ନିୟମକୁ କଡାକଡି କରିବା ଜରୁରୀ।

ଏହି କାର୍ଯ୍ୟରେ କୌଣସି ବ୍ୟକ୍ତି ବା ସଂଗଠନ ବାଧା ସୃଷ୍ଟି କଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୋର୍ଟ ଚେତାବନୀ ଦେଇଛନ୍ତି। ଆଗାମୀ ଦିନରେ ମାନବିକ ଅଧିକାର ଓ ପଶୁ ଅଧିକାର ମଧ୍ୟରେ ସନ୍ତୁଳନ ରକ୍ଷା କରି ଏକ ଦୀର୍ଘମିଆଦୀ ସମାଧାନର ବାଟ ଖୋଜିବା ହିଁ ସମୟର ଆହ୍ୱାନ। ଏହା କେବଳ ଏକ ଆଇନଗତ ପ୍ରସଙ୍ଗ ନୁହେଁ, ବରଂ ଏକ ସାମାଜିକ ଏବଂ ନୈତିକ ପ୍ରସଙ୍ଗ ମଧ୍ୟ।



## ପଦ୍ମଶ୍ରୀ ବିନୋଦ ମହାରଣା

### ଦିଲ୍ଲୀପ କୁମାର ସାହୁ

ଉତ୍କର୍ଷ କଳାର ଭୂଇଁ ଉତ୍କଳ। ଏହି ପବିତ୍ର ମାଟିର ଅନେକ ଶିଳ୍ପୀ ଓ କଳାକାର ସେମାନଙ୍କ ପ୍ରତିଭାରେ ଉଦ୍ଭାସିତ କରିଛନ୍ତି ସାରା ଜଗତକୁ। ମୌଳିକ ଉତ୍କଳୀୟ କଳା କୌଶଳକୁ ବିଶ୍ୱ ଦରବାରରେ ପରିଚିତ କରାଇବାରେ ସେମାନେ ଗ୍ରହଣ କରିଛନ୍ତି ପ୍ରମୁଖ ଭୂମିକା। ଉତ୍କଳ ଜନନୀର ସେହି ବରପୁତ୍ର ମାନଙ୍କ ମଧ୍ୟରେ ଅନ୍ୟତମ, ପଟ୍ଟଚିତ୍ର ଶିଳ୍ପୀ ବିନୋଦ ମହାରଣା, ଯିଏକି ୨୦୨୪ ମସିହାରେ ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ପଦ୍ମଶ୍ରୀ ଉପାଧୀରେ ସମ୍ମାନିତ। ପଦ୍ମଶ୍ରୀ ମହାରଣାଙ୍କ ଜନ୍ମ ୧୯୪୫ ମସିହାରେ ଶ୍ରୀକ୍ଷେତ୍ର ପୁରୀର ଚିତ୍ରକର ସାହି ସ୍ଥିତ ଏକ ଶିଳ୍ପୀ ପରିବାରରେ।

ମା-ବାପାଙ୍କର ସେ ଥିଲେ ବଡ଼ ପୁଅ। ବାପା ତାଙ୍କର ସୋଲ କାମ କରୁଥିଲେ। ପିଲାଟିବେଳୁ ସେ ନିଜ ଯେଜଙ୍କଠାରୁ ଶିଖିଥିଲେ ପଟ୍ଟଚିତ୍ର କାମ। ପୁରୀର ବିଶ୍ୱମ୍ଭର ବିଦ୍ୟାପୀଠରେ ସେ ପାଠ ପଢୁଥିବା ସମୟରେ ଘରର ଦୁର୍ବଳ ଆର୍ଥିକ ପରିସ୍ଥିତି ପାଇଁ ଅଧାରୁ ପାଠପଢା ଛାଡି ଥିଲେ ସେ। ଅର୍ଥ ଉପାର୍ଜନ ପାଇଁ ମାତ୍ର ୧୪ ବର୍ଷ ବୟସରେ ପଟ୍ଟଚିତ୍ର ଆଙ୍କିବାରେ ନିଜକୁ ସମର୍ପିତ କରିଥିଲେ ପଦ୍ମଶ୍ରୀ ବିନୋଦ ମହାରଣା।

ସ୍ନାନ ପୂର୍ଣ୍ଣିମା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଯେତେବେଳେ ଅଣସର ଘରେ ରୁହନ୍ତି ସେତେବେଳେ ପଟିଦିଅଁମାନେ ଦେଉଳରେ ପୂଜା ପାଆନ୍ତି। ଶିଳ୍ପୀମାନେ ନିଷ୍ଠାର ସହ ସେହି ପଟିଦିଅଁ ବା ଚତୁର୍ଦ୍ଧାମୂର୍ତ୍ତିଙ୍କ ପଟ୍ଟଚିତ୍ର ଆଙ୍କିଥାନ୍ତି। ପଦ୍ମଶ୍ରୀ ବିନୋଦ ମହାରଣା ପ୍ରଥମେ ସେହି ପଟିଦିଅଁ ଅଙ୍କନରେ ଜଣେ ସହକାରୀ ଚିତ୍ରକର ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ।

ପଟ୍ଟଚିତ୍ରର ବେଶ୍ ଚାହିଦା ଥିବାରୁ ପଦ୍ମଶ୍ରୀ ବିନୋଦ ମହାରଣା ଉତ୍ସର୍ଗୀକୃତ ଭାବରେ ସେଥିରେ ନିଜକୁ ନିୟୋଜିତ କରିଥିଲେ ଏବଂ ବିଭିନ୍ନ ମନ୍ଦିର ଗାତ୍ରରେ ଖୋଦିତ ମୂର୍ତ୍ତିଗୁଡ଼ିକୁ ଅନୁଧ୍ୟାନ କରି ପଟ୍ଟଚିତ୍ରରେ ସେଗୁଡ଼ିକୁ ରୂପ ଦେଉଥିଲେ। ଏହା ଥିଲା ତାଙ୍କ ଦ୍ୱାରା ଅଙ୍କିତ ପଟ୍ଟଚିତ୍ର ଗୁଡିକର ସ୍ୱତନ୍ତ୍ରତା।

ଓଡ଼ିଶାର କଳା, ସଂସ୍କୃତି, ସ୍ଥାପତ୍ୟକୁ ବଞ୍ଚାଇବା ପାଇଁ ନିଆରା ପ୍ରୟାସ ଜାରି ରଖିଛନ୍ତି ପଦ୍ମଶ୍ରୀ ବିନୋଦ ମହାରଣା। ଯୁଗ ସହ ତାଳ ଦେଇ ଓଡ଼ିଆ ପର୍ବ ପର୍ବାଣୀ ଓ ବିଭିନ୍ନ ପୁରାଣ ବର୍ଣ୍ଣିତ ଚିତ୍ର ଆଙ୍କିଛନ୍ତି ସେ। ସେ କାର୍ତ୍ତିକ ପୂର୍ଣ୍ଣିମାର ଡଙ୍ଗାଭସା କାହାଣୀ ହେଉ ଅବା ଗାଁରେ ନୃତ୍ୟରତା ସଖୀମାନଙ୍କ କାହାଣୀ। ଏସବୁ ତାଙ୍କ ତୂଳିକୁ ଜୀବନ୍ତ କରିଦେଇଛି ଯେପରି। ଏହି କଳାର ବିକାଶ ଓ ପ୍ରଚାର ପାଇଁ ସେ ଆଜିବି ପଟ୍ଟଚିତ୍ରର କଳାକୃତିକୁ ନିଜ ତୂଳିରେ ଆଙ୍କି ଚାଲିଥିବା ବେଳେ ଏନେଇ ଅନେକ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ମଧ୍ୟ କରୁଛନ୍ତି।

ପଟ୍ଟଚିତ୍ର କାରୁକର୍ଯ୍ୟକୁ ନେଇ ବିନୋଦ ବାବୁଙ୍କୁ ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି କେନ୍ଦ୍ର ସରକାର ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନେକ ସମ୍ମାନ ମିଳିଛି। କଳା ପ୍ରତି ଥିବା ତାଙ୍କ ଉତ୍ସର୍ଗୀକୃତ ଭଲପାଇବା ଓ ନିଷ୍ଠା ତାଙ୍କୁ ଆଜି ପଦ୍ମଶ୍ରୀ ଭଳି ଦେଶର ଶ୍ରେଷ୍ଠ ସମ୍ମାନର ଅଧିକାରୀ କରିପାରିଛି।

ଏହା ସାରା କଳା ଜଗତ ପାଇଁ ଗର୍ବ ଓ ଗୌରବର ବିଷୟ ନିଶ୍ଚୟ। ପଦ୍ମଶ୍ରୀ ବିନୋଦ ମହାରଣା ସମ୍ପ୍ରତି ଭୁବନେଶ୍ୱରରେ ଅବସ୍ଥାନ କରିବା ସହ ପଟ୍ଟଚିତ୍ର କ୍ଷେତ୍ର ରେ ତାଙ୍କର ଗବେଷଣା ଜାରି ରଖିଛନ୍ତି ଓ ଏହି କଳା କିପରି ଯୁଗ ଯୁଗ ପାଇଁ ବଞ୍ଚି ରହିବ ସେଥିପାଇଁ ଉଦ୍ୟମ ମଧ୍ୟ କରୁଛନ୍ତି।

## ଓଡିଶାର ପ୍ରଥମ ବାଚସ୍ପତି

### ଆକ୍ଷୟ କୁମାର ରାଉତ

**ମୁକୁନ୍ଦ ପ୍ରସାଦ କଠୋର ପରିଶ୍ରମ କରି ଜଣେ ସଫଳ ସଚ୍ଚୋଟ ଓ ନିଷ୍ଠାପର ଆଇନଜୀବୀ ଭାବେ ଦକ୍ଷତା ପ୍ରତିପାଦନ କରି ସାରିବା ପରେ, ବିଶିଷ୍ଟ ଆଇନଜୀବୀ ଶ୍ରୀଯୁକ୍ତ ଭାଗବତ ପ୍ରସାଦ ମହାପାତ୍ରଙ୍କ କନ୍ୟା ଜାହ୍ନବୀ ଦେବୀଙ୍କୁ ବିବାହ କରିଥିଲେ। ଜାହ୍ନବୀ ଦେବୀ ଥିଲେ ଜଣେ ନାରୀ ନେତ୍ରୀ। ପରବର୍ତ୍ତୀ ସମୟରେ ସେ ମୁକୁନ୍ଦ ପ୍ରସାଦଙ୍କ ସହିତ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ।**

ଭାରତ ବର୍ଷର ସ୍ୱାଧିନତା ଆନ୍ଦୋଳନରେ ଅନେକ ସଂଗ୍ରାମୀ ବଳିପଡିଗଲେ। ସେମାନଙ୍କ ଭିତରୁ ଅନେକ ବିଦେଶୀ ସରକାରଙ୍କ ବିରୁଦ୍ଧରେ ଆପୋଷହୀନ ଭାବରେ ଲଢେଇ କରୁଥିଲେ। ଦେଶସେବା ଥିଲା ସେମାନଙ୍କର ଜୀବନର ବ୍ରତ। ଏହିଭଳି ଯେଉଁ କେତେଜଣ ଶେଷ ନିଃଶ୍ୱାସ ତ୍ୟାଗ ପୂର୍ବରୁ ନିଜ ନୀତିରୁ ବିଚ୍ୟୁତ ହୋଇ ନଥିଲେ। ମୁକୁନ୍ଦ ପ୍ରସାଦ ଦାସ ସେମାନଙ୍କ ଭିତରୁ ଥିଲେ ଅନ୍ୟତମ।

ବାଲେଶ୍ୱର ଜିଲ୍ଲାର ଗଣ୍ଡିବେଡ ନିକଟରେ ଏକ ଛୋଟ ଗାଁ ପାବର୍ତୀପୁର। ଏହି ଗାଁରେ ଏକ ସଂଭ୍ରାନ୍ତ କରଣ ବଂଶରେ ୧୮୮୭ ମସିହା ଅଗଷ୍ଟ ମାସ ୧୨ ତାରିଖରେ ହର ପ୍ରସାଦ ଦାସଙ୍କ ବଡ ପୁତ୍ରରୂପେ ଜନ୍ମ ଗ୍ରହଣ କଲେ ମୁକୁନ୍ଦ ପ୍ରସାଦ। ତାଙ୍କର ଦୁଇଭାଇ ଓ ଗୋଟିଏ ଭଉଣୀ ମଧ୍ୟ ଥିଲେ। ମୁକୁନ୍ଦ ପ୍ରାସଦ ଗାଁରୁ ପାଠପଢା ଆରମ୍ଭ କରି ସୋର ମାଇନର ସ୍କୁଲରେ ପାଠପଢିଲେ। ମାଲବାହୀ ରେଳଗାଡିରେ ବସି ମାଇନର ପରୀକ୍ଷା ଦେବା ପାଇଁ ଭଦ୍ରକ ଯାଇଥିଲେ। ମୁକୁନ୍ଦ ପ୍ରସାଦ ଜଣେ କୃତି ଛାତ୍ର ଥିଲେ। ସେ ତାଙ୍କର ପିଉସାଙ୍କ ନିକଟରେ ରହି ବାଲେଶ୍ୱର ମିଶନ ସ୍କୁଲରେ ମେଟ୍ରିକ ପାଠ ପଢୁଥିଲେ। ତାଙ୍କ ପିତା ଜଣେ ପ୍ରଥମିକ ଶିକ୍ଷକ ଥିବାରୁ ମୁକୁନ୍ଦ ପ୍ରସାଦ ପିଉସାଙ୍କ ଉପରେ ନିର୍ଭର କରୁଥିଲେ। ପିଉସା ମେସ୍ ଖର୍ଚ୍ଚ ବାବଦକୁ ଦିନକୁ ୬ ପଇସା ଦେଉଥିଲେ। ମୁକୁନ୍ଦ ପ୍ରସାଦ ଭଦ୍ରକରୁ ନୌକାରେ ଆସି କଟକରେ ମେଟ୍ରିକ ପରୀକ୍ଷା ଦେଇ ମେଟ୍ରିକ ପାସ୍ କରିଥିଲେ। ମୁକୁନ୍ଦ ପ୍ରସାଦ ଆ୍ର୍ଥିକ ଅଭାବ ଯୋଗୁ କଲେଜରେ ପଢିପାରି ନଥିଲେ। ସେ ଘରୋଇ ଭାବେ ପାଢପଢି କଳିକତାରେ ମୁକ୍ତ୍ୟାର ପରୀକ୍ଷା ଦେଇ ସଫଳାତାର ସହ କୃତ କାର୍ଯ୍ୟ ହେଲେ। ବାଲେଶ୍ୱରସ୍ଥ ଝାଡେଶ୍ୱର ମନ୍ଦିର ନିକଟରେ ଗୋଟିଏ ଭଡା ଘର ନେଇ ମୁକ୍ତ୍ୟାର କାର୍ଯ୍ୟ ଆରମ୍ଭ କରିଥିଲେ। ସେ ଥିଲେ ଜଣେ ସ୍ୱାଧୀନଚେତା ନିର୍ଭୀକ ସତ୍ୟର ପୂଜାରୀ ମଣିଷ, ଅତି କମ୍ ଦିନ ମଧ୍ୟରେ ସେ ଜଣେ ନାମଜାଦା ମୁକ୍ତ୍ୟାର ଓ ଆଇନଜୀବୀ ଭାବେ ବାଲେଶ୍ୱର ଜିଲ୍ଲାରେ ପ୍ରସିଦ୍ଧ ଲାଭ କଲେ। ଥରେ କୌଣସି ଏକ କେସ୍ ସମ୍ବନ୍ଧରେ କଳିକତା ଯାଇଥିଲେ, ଯିବା ପୂର୍ବରୁ ସମସ୍ତଙ୍କୁ କହିଥିଲେ ଯଦି ଏହି କେସ୍‌ରେ ସେ ହାରି ଯାଆନ୍ତି, ତେବେ ସେ ପବିତ୍ର ଗଙ୍ଗା ନଦୀରେ ଆତ୍ମ ବିସର୍ଜନ କରିବେ, କିନ୍ତୁ ସେ କେସ୍‌ରେ ବିଜୟୀ ହୋଇ ଖୁସିରେ ଘରକୁ ଫେରିଲେ।

ଦିନେ ବାଲେଶ୍ୱରର କଲେକ୍ଟର ଦେବ ସାହେବଙ୍କୁ ଏସ୍.ଡି.ଓ.ଙ୍କ କୋର୍ଟରେ ସାକ୍ଷୀ ଦେବାକୁ ପଡିଲା। ମୁକ୍ତ୍ୟାର ଭାବେ ମୁକୁନ୍ଦ ପ୍ରସାଦ ଦେଖିଲେ ଯେ କଲେକ୍ଟର ଏସ୍.ଡି.ଓ.ଙ୍କ ନିକଟରେ ଏକ ଚଉକି ଉପରେ ବସିଛନ୍ତି। ତେଣୁ ମୁକୁନ୍ଦ ପ୍ରସାଦ କିଛି ପଚାରି ପାରିଲେନାହିଁ। ବିଳମ୍ବ ହେତୁ ଏସ୍.ଡି.ଓ. ମୁକ୍ତ୍ୟାର ମୁକୁନ୍ଦ ପ୍ରସାଦଙ୍କୁ ପଚାରିଲେ ସାହେବ ତ ଅନେକ ବେଳୁ ଆସିଲେଣି। ଆପଣ ତାଙ୍କୁ ପଚାରିବାର ଯାହା ଅଛି ଡେରି ନ କରି ପଚାରନ୍ତୁ। ମାତ୍ର ମୁକ୍ତ୍ୟାର ଜଣକ ସ୍ୱଷ୍ଟ ଭାବେ କହିଲେ- କଲେକ୍ଟର ସାକ୍ଷୀଦେବା ସ୍ଥାନରେ ଛିଡା ହେଲା ପରେ ସେ ତାଙ୍କୁ କିଛି ପଚାରିବେ। ଏହି କଥାରେ କଲେକ୍ଟର ସାହେବ ରାଗି, ସାକ୍ଷୀ ଗଡାକୁ ଯାଇ ଛିଡା ହେଲେ। ଏହାପରେ ମୁକ୍ତ୍ୟାର ତାଙ୍କୁ ଜେରା କରିଥିଲେ। ଏହି ନିର୍ଭୀକ ଓ ସ୍ୱଷ୍ଟବାଦୀ ମୁକ୍ତ୍ୟାର ଜଣକ ହେଉଛନ୍ତି ଆମ ଓଡିଶା ବିଧାନସଭାର ପ୍ରଥମ ବାଚସ୍ପତି ଶ୍ରୀଯୁକ୍ତ ମୁକୁନ୍ଦ ପ୍ରସାଦ ଦାସ।

ମୁକୁନ୍ଦ ପ୍ରସାଦ କଠୋର ପରିଶ୍ରମ କରି ଜଣେ ସଫଳ ସଚ୍ଚୋଟ ଓ ନିଷ୍ଠାପର ଆଇନଜୀବୀ ଭାବେ ଦକ୍ଷତା ପ୍ରତିପାଦନ କରି ସାରିବା ପରେ, ବିଶିଷ୍ଟ ଆଇନଜୀବୀ ଶ୍ରୀଯୁକ୍ତ ଭାଗବତ ପ୍ରସାଦ ମହାପାତ୍ରଙ୍କ କନ୍ୟା ଜାହ୍ନବୀ ଦେବୀଙ୍କୁ ବିବାହ କରିଥିଲେ। ଜାହ୍ନବୀ ଦେବୀ ଥିଲେ ଜଣେ ନାରୀ ନେତ୍ରୀ। ପରବର୍ତ୍ତୀ ସମୟରେ ସେ ମୁକୁନ୍ଦ ପ୍ରସାଦଙ୍କ ସହିତ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ।

ପରାଧିନ ଭରତ ବର୍ଷରେ ସାଧାରଣ ଲୋକେ ଇଂରେଜ ସରକାରଙ୍କ କଠୋର କୁଶାସନ ଓ ଅନ୍ୟାୟ ଅତ୍ୟାଚାରର ସମ୍ମୁଖୀନ ହେଉଥିଲେ। ମୁକୁନ୍ଦ ପ୍ରସାଦ ଆଇନ ମାଧ୍ୟମରେ ନିର୍ଭୀକ ସ୍ୱର ଉତୋଳନ କରି ଲୋକମାନଙ୍କୁ ନ୍ୟାୟ ପ୍ରଦାନ କରୁଥିଲେ। ବିନା ଅପରାଧରେ ସରଳ ସୁନ୍ଦର ଲୋକମାନେ ନାନା କଷ୍ଟ ଭୋଗ କରୁଥିଲେ। ମୁକୁନ୍ଦ ପ୍ରସାଦ ବିନା ପଇସାରେ ଅନେକ ମକଦ୍ଦମା ଲଢି ପ୍ରକୃତ ନ୍ୟାୟ ଲୋକମାନଙ୍କୁ ଦେଇ ପାରୁଥିଲେ। ଏଥିରେ ବାଲେଶ୍ୱର କଲେକ୍ଟର, ମୁକୁନ୍ଦ ପ୍ରସାଦଙ୍କ ଉପରେ ଅସନ୍ତୁଷ୍ଟ ହୋଇ ମିଥ୍ୟା ମକଦ୍ଦମା ଦାଏର କଲେ। ଏହି ମିଥ୍ୟା ମକଦ୍ଦମାରୁ ଉଦ୍ଧାର ପାଇବା ପାଇଁ ମୁକୁନ୍ଦ ପ୍ରସାଦ ମଧୁ ବାବୁଙ୍କର ସହାୟତା ଲୋଡିଲେ। ମୁକୁନ୍ଦ ପ୍ରସାଦଙ୍କ ବିଚାର ଦିନ ବାଲେଶ୍ୱର ଅଦାଲତରେ ମଧୁବାବୁ ପଂହଚି ଦେଖିଲେ ମିଶଲରେ ଜଜ୍‌ଙ୍କ ନିକଟରେ କଲେକ୍ଟର ବସିଛନ୍ତି। ତେଣୁ କାହାକୁ କିଛି ନକହି ଡାକ ବଙ୍ଗଳକୁ ଚାଲିଗଲେ। ଏହାପରେ ଜଜ୍ ବିବ୍ରତ ହୋଇ ପେସ୍କାରଙ୍କୁ ପ୍ରକୃତ କାରଣ କଣ ବୁଝିବା ପାଇଁ ମଧୁବାବୁଙ୍କ ନିକଟକୁ ପଠାଇଲେ। ମଧୁବାବୁ ପେସ୍କାରଙ୍କୁ ଦେଖି ଚଢା ଗଳାରେ କହିଲେ –"ତୁମ ଜଜଙ୍କୁ କହିଦେବ, ସେ ବ୍ରିଶିସ୍ କ୍ରାଉନ୍‌ଙ୍କୁ ଅପମାନିତ କରିଛନ୍ତି ଯେଉଁ ସରକାରୀ କର୍ମଚାରୀ କ୍ରାଇନଙ୍କୁ ଅପଦସ୍ତ କରେ, ସେ ସରକାରୀ କାର୍ଯ୍ୟ କରିବା ପାଇଁ ଯୋଗ୍ୟ ନୁହେଁ। ତେଣୁ ତୁମ ଜଜ୍ ତାଙ୍କ ପଦବୀରେ ରହିବା ଅନୁଚିତ"।" ଜଜ୍ ମୁଦାଲାକୁ ନିଜ ପାଖରେ ମିଶଲରେ ବସାଇ ଅନ୍ୟାୟ କରିଛନ୍ତି, ତେଣୁ ମୁଁ ଚାଲି ଅସିଲି " ପେସ୍କାର ମଧୁବାବୁଙ୍କ କଥା ଜଜ୍‌ଙ୍କୁ ଜଣାଇବାରୁ ଜଜ୍ ନିଜର ଭୁଲ ବୁଝିପାରିଲେ ଓ ମଧୁବାବୁଙ୍କୁ ବଙ୍ଗଳାରେ ଦେଖାକରି ଭୁଲ ସ୍ୱୀକାର କଲେ। ଯଥା ସମୟରେ ଜଜ୍ ନିଜର ରାୟ ଘୋଷଣା କରି ମୁକୁନ୍ଦ ପ୍ରସାଦଙ୍କୁ ନିର୍ଦ୍ଦୋଷରେ ଖଲାସ କଲେ।

ମୁକୁନ୍ଦ ପ୍ରସାଦ ଛାତ୍ର ଥିବା ବେଳେ ୧୯୦୭ ମସିହାରେ ଉତ୍କଳ ୟୁନିୟନ କଂଗ୍ରେସ ଦ୍ୱାରା ପରିଚାଳିତ ଦେଶ ମିଶ୍ରଣ ଆନ୍ଦୋଳନରେ ଯୋଗ ଦେଇଥିଲେ। ବ୍ରିଟିଶ ଶାସକଙ୍କ ଅନ୍ୟାୟ,ଅତ୍ୟାଚାର ଓ ଶୋଷଣ ବିରୁଦ୍ଧରେ ସଂଗ୍ରାମ ଚଳାଇଥିଲେ। ଜଣେ ବିଶିଷ୍ଟ ସମାଜ ସେବୀ ଓ ସ୍ୱାଧୀନତା ସଂଗ୍ରାମୀ ଭାବରେ ତାଙ୍କର ପତ୍ନୀ, ପୁତ୍ର ଓ କନ୍ୟା ସମସ୍ତଙ୍କୁ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରାଇଥିଲ। ସେ ହରେକୃଷ୍ଣ ମହତାବଙ୍କର ଜଣେ ଘନିଷ୍ଠ ସହଯୋଗୀ ହୋଇଯାଇଥିଲେ। ମୁକୁନ୍ଦ ପ୍ରସାଦଙ୍କ ବାସଭବନ ପାଲଟି ଯାଇଥିଲା, କଂଗ୍ରେସର ବହୁନେତା ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଘରୋଇ ଅଫିସ୍। ତାଙ୍କ ଘରେ ମହାତ୍ମା ଗାନ୍ଧୀ, ଜୟପ୍ରକାଶ ନାରାୟଣ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ପ୍ରମୁଖ ଅନେକ ବଡ ବଡ ଜାତୀୟବାଦୀ ନେତା ଅତିଥି ହୋଇଥିଲେ। ଉତ୍କଳ ସମ୍ମିଳନୀରେ ମୁକୁନ୍ଦ ପ୍ରସାଦ ଓଡିଶାର ଗମନାଗମନ, ବାଣିଜ୍ୟ ଓ ଶିକ୍ଷାର ଉପରେ ଗୁରୁତ୍ୱ ଦେଉଥିଲେ।

ଥରେ ମୁକୁନ୍ଦ ପ୍ରସାଦଙ୍କୁ ଇଂରଜ ସରକାର ରାଜଦ୍ରୋହ ଅପରାଧରେ ଅଭିଯୁକ୍ତ କଲେ। ଏହି କେସ୍‌ରେ ଲଢିବା ପାଇଁ ବିଶିଷ୍ଟ ଆଇନଜ୍ଞ ଓ ସ୍ୱାଧୀନତା ସଂଗ୍ରାମୀ ଚିତରଂଜନ ଦାସ ଦାୟିତ୍ୱ ନେଲେ, ବହୁଦିନ ପର୍ଯ୍ୟନ୍ତ ବିଚାର ଚାଲିଲା। ଶେଷରେ ମୁକୁନ୍ଦ ପ୍ରସାଦ ନିର୍ଦ୍ଦୋଷରେ ଖଲାସ ହେଲେ।

୧୯୨୭ ମସିହାରେ ମହାତ୍ମା ଗାନ୍ଧୀ ଓଡିଶା ଗସ୍ତରେ ଆସି ଡିସେମ୍ବର ୧୪ ତାରିଖ ଦିନ ମୁକୁନ୍ଦ ପ୍ରସାଦଙ୍କ ଘରେ ଅତିଥି ହୋଇ, ବାଲେଶ୍ୱରର ବିଭିନ୍ନ ସଭାସମିତି ମାନଙ୍କରେ ଭାଷଣ ଦେଇଥିଲେ। ମୁକୁନ୍ଦ ପ୍ରସାଦ ବାଲେଶ୍ୱର ଷ୍ଟେସନ ପଡିଆଠାରେ ଏକ ବିରାଟ ସଭାର ଆୟୋଜନ କରିଥିଲେ। ମହାତ୍ମା ଗାନ୍ଧୀ ଏହି ସଭାରେ ଭାଷଣ ଦେଇଥିଲେ। ଏହି ସଭାରେ ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଜାହ୍ନବୀ ଦେବୀ, ସୁଭଦ୍ରା ମହତାବ, ନନ୍ଦକିଶୋର ଦାସ ଓ ନୀଳାମ୍ବର ଦାସ ସମେତ ବହୁ ବିଶିଷ୍ଟ ନେତା ଓ କଂଗ୍ରେସର କର୍ମୀ ଯୋଗ ଦେଇ ଥିଲେ। ଏହାପରେ ମୁକୁନ୍ଦ ପ୍ରସାଦ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଇନ ବ୍ୟବସାୟଙ୍କୁ ପରିତ୍ୟାଗ କରି ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ।

୧୯୨୮ ମସିହାରେ କଲିକତା ଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସର ଅଧିବେଶନରେ ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଜାହ୍ନବୀ ଦେବୀ, କୋକିଳ ଦେବୀ, ସରଳା ଦେବୀ, ରମାଦେବୀ ଓ ସରୋଜିନୀ ଚୌଧୁରୀ ଆଦି ନାରୀ ନେତ୍ରୀମାନେ ଓଡିଶାରୁ ପ୍ରତିନିଧିତ୍ୱ କରିଥିଲେ। ୧୯୩୦ ମସିହାରେ ଇଂଚୁଡିଠାରେ ଲବଣ ସତ୍ୟାଗ୍ରହରେ ମୁକୁନ୍ଦ ପ୍ରସାଦ, ଗୋପବନ୍ଧୁ ଚୌଧୁରୀ, ମାଳତୀ ଚୌଧୁରୀ, ରମାଦେବୀ,ଜାହ୍ନବୀ ଦେବୀ ଓ କୋକିଳ ଦେବୀ ଯୋଗଦେଇଥିଲେ। ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଜାହ୍ନବୀ ଦେବୀ ଗିରଫ ହୋଇ କାରାବରଣ କରିଥିଲେ। କିନ୍ତୁ ମୁକୁନ୍ଦ ପ୍ରସାଦ ମାଜିଷ୍ଟ୍ରେଟ ଜ୍ଞାନ ବାବୁଙ୍କ ସହାୟତାରେ ଖଲାସ ହୋଇଯାଇଥିଲେ। ମୁକୁନ୍ଦ ପ୍ରସାଦଙ୍କ ସହଯୋଗରେ ୧୯୩୧ ମସିହାରେ ବାଲେଶ୍ୱଠାରେ ଓଡିଶାର ପ୍ରଥମ ଉତ୍କଳ ମହିଳା ସମ୍ମିଳନୀ ଅନଷ୍ଠିତ ହୋଇଥିଲା ଏଥିରେ ଅଭ୍ୟର୍ଥନା ସମିତିର ଅଧକ୍ଷ ଥିଲେ ଶ୍ରୀମତୀ ଜାହ୍ନବୀ ଦେବୀ। ୧୯୪୨ ମସିହାରେ "ଭାରତଛାଡ" ଆନ୍ଦୋଳନରେ ବହୁ ନେତା ଗିରଫ ହୋଇଥିଲେ, ଏଥିରେ ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଶ୍ରୀମତୀ ଜାହ୍ନବୀ ଦେବୀ କାରାବରଣ କରିଥିଲେ। ସ୍ୱାମୀ ମୁକୁନ୍ଦ ପ୍ରସାଦଙ୍କ ପ୍ରେରଣା ଯୋଗୁ ଜାହ୍ନବୀ ଦେବୀ ସ୍ୱାଧିନତା ଆନ୍ଦୋଳନରେ ବହୁବାର ଗିରଫ ହୋଇଥିଲେ। ହଜାରୀବାଗ୍ ଜେଲରୁ ଖଲାସ ହୋଇ ଓଡିଶା କଂଗ୍ରେସର ନେତାମାନେ ପ୍ରଥମେ ମୁକୁନ୍ଦ ପ୍ରସାଦଙ୍କୁ ସାକ୍ଷାତ କରୁଥିଲେ। ମୁକୁନ୍ଦ ପ୍ରସାଦ ସେମାନଙ୍କର ରହିବା,ଖାଇବ ଓ ସୁବିଧା ଅସୁବିଧାର ସମସ୍ତ ଖର୍ଚ୍ଚ ବହନ କରୁଥେଲ। ବ୍ରିଟିଶ ସରକାରଙ୍କ ୧୯୩୫ ମସିହା ଭାରତ ଆଇନ୍ ଅନୁଯାୟୀ ଓଡିଶା ବିହାରରୁ ଅଲଗା ହୋଇ, ୧୯୩୬ ମସିହା ଏପ୍ରିଲ ପହିଲା ଦିନ ବିଧିବଦ୍ଧ ଭାବେ ଓଡିଶା ସ୍ୱତନ୍ତ୍ର ରାଜ୍ୟ ରୂପେ ଘୋଷିତ ହେଲା। ତେଣୁ ରାଜ୍ୟ ବିଧାନସଭାର ୬୦ଟି ଆସନ ନିମନ୍ତେ ନିର୍ବାଚନ କରାଗଲା। ଏହି ନିର୍ବାଚନରେ କଂଗ୍ରେସ ସଂଖ୍ୟା ଗରିଷ୍ଠତା ଲାଭ କରିଥିଲେ ମଧ ସଂଖ୍ୟାଲଘୁ ବିରୋଧି ଦଳର ନେତା ପାରଳାଖେମୁଣ୍ଡିର ମହାରାଜ କୃଷ୍ଣଚନ୍ଦ୍ର ଗଜପତି ଓଡିଶାର ପ୍ରଧାନମନ୍ତ୍ରୀ ଓ ମୁକୁନ୍ଦ ପ୍ରସାଦ ଦାସ ପ୍ରଥମ ବାଚସ୍ପତି ଭାବରେ ନିଦ୍ୱର୍ନ୍ଦରେ ନିର୍ବାଚିତ ହୋଇଥିଲେ। ରେଭେନସା କଲେଜରେ ବିଧାନସଭାର ପ୍ରଥମ ଅଧିବେଶନ ୧୯୩୭ ମସିହା ଜୁଲାଇ ୨୮ ତାରିଖ ଦିନ ବସିଥିଲା। ପ୍ରଥମ ବାଚସ୍ପତି ମୁକୁନ୍ଦ ପ୍ରସାଦ ବିଧାନସଭାର ସମସ୍ତ ସଭ୍ୟଙ୍କୁ ଠିଆହୋଇ 'ବନ୍ଦେ ମାତରମ୍ ?' ଗାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବାଚସ୍ପତି ଭାବରେ ଓଡିଶାର ସମସ୍ତ ବିଚ୍ଛିନ୍ନାଚଂଳକୁ ଓଡିଶାରେ ମିଶେଇବା ପାଇଁ ଅବିରତ ଚେଷ୍ଟା ଚଳାଇଥିଲେ। ବାଚସ୍ପତି ଭାବରେ ବିଧାନସଭାରେ ବ୍ୟବହୃତ ଭାଷା ପ୍ରଶ୍ନୋତର, ତର୍କ-ବିତର୍କ ଆଦି ନିୟମ, ଆଦର୍ଶ ଓ ପରମ୍ପରା ଉପରେ ତାଙ୍କର ଗଭୀର ଦକ୍ଷତା ଥିଲା। ତାଙ୍କର ଅନେକ ଉପାଦେୟ ନିଷ୍ପତି ବିଧାନସଭାର ଗୌରବ ବୃଦ୍ଧି କରିଥିଲା। ପରବର୍ତି କାଳରେ ମୁକୁନ୍ଦ ପ୍ରସାଦ ବାଚସ୍ପତି ମାନଙ୍କ ନିମନ୍ତେ ଆଦର୍ଶ ହୋଇଯାଇଥିଲେ।

୧୯୬୦ ମସିହାରେ ବିଶ୍ୱକୃଷି ପ୍ରଦର୍ଶନୀ ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡିଶାରୁ ମୁକୁନ୍ଦ ପ୍ରସାଦ ପ୍ରତିନିଧି ରୂପେ ଯୋଗଦେଇ କୃଷିର ବିକାଶ ପାଇଁ କେତେକ ସଂସ୍କାରମୂଳକ କାର୍ଯ୍ୟ କରିଥିଲେ। ତାଙ୍କ ଗ୍ରାମରେ ପ୍ରଥମେ ଜାପାନୀ କଳ ଲଙ୍ଗଳ ସାହାର୍ଯ୍ୟରେ ଚାଷ କରିଥିଲେ। କୃଷି ବ୍ୟତୀତ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ସଙ୍ଗୀତର ବହୁ ଉନ୍ନତି ସାଧିତ କରିଥିଲେ। ସେ ଏକ ରାଧାଗୋବିନ୍ଦ ମନ୍ଦିର ପ୍ରତିଷ୍ଠା କରିଥିଲେ। ତାଙ୍କର ୨ ପୁତ୍ର ଗୌର ଗୋପାଳ ଓ ନଟ ଗୋପାଳ। ନଟ ଗୋପାଳଙ୍କ ଅକାଳ ମୃତ୍ୟୁରେ, ସେ 'ନଟଗୋପାଳ' ନାମରେ ଗୋଟିଏ ନୃତ୍ୟ ସଙ୍ଗୀତ ଅନୁଷ୍ଠାନ ଗଢିଥିଲେ।

ମୁକୁନ୍ଦ ପ୍ରସାଦ ଜଣେ ସଂଗ୍ରାମୀ, ନିର୍ଭୀକ,ସ୍ୱଷ୍ଟବାଦୀ, ଆଦର୍ଶ ଓ ସରଳ ମଣିଷ ଥିଲେ। ଏହି ନିସ୍କପଟ ସରଳ ଉତ୍କଳ ମାତାର ବରପୁତ୍ର ୧୯୬୯ ମସିହା ନଭେମ୍ବର ମାସ ୭ ତାରିଖ ରେ ଆମଠାରୁ ଚିରଦିନ ପାଇଁ ବିଦାୟ ନେଇଥିଲେ।


ପାରାଦ୍ୱୀପଗଡ,
କୁଜଙ୍ଗ, ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫


## ସଂସାରକୁ ଦେଲେ ବାରତା

### ଜଗଦୀଶ ସାହୁ

ଜେଜେ କହୁଥିଲେ ନାତିରେ
ଭାଦ୍ରବ ଅଷ୍ଟମୀ ତିଥିରେ
କଂସ ବନ୍ଦୀଶାଳେ ଦେବକୀ
ମା' କୋଳେ
କୃଷ୍ଣ ଜନ୍ମ ହେଲେ ରାତିରେ ।

ଗୋପପୁରେ ଯାଇ ରହିଲେ
ଗୋପବାଳୀ ମନ ମୋହିଲେ
କେବେ ନ ସରିବ ଥିବା ଯାଏ ଜୀବ
କୃଷ୍ଣ ଲୀଳା ଯେତେ କହିଲେ ।

କପଟୀ ପୂତନା ମନରେ
ବିଷ ବୋଳି ବେନି ସ୍ତନରେ
ଦୁଗ୍ଧ ପାନ କାଳେ କୃଷ୍ଣ କଉଶଳେ
ପ୍ରାଣ ଶୋଷିନେଲେ ଶୂନ୍ୟରେ ।

ଅଘା ଶକଟାକୁ ମାରିଲେ
ଅସୁର ଜନ୍ମରୁ ତାରିଲେ
ବୟସରେ ସାନ କାମରେ ମହାନ
ଇନ୍ଦ୍ରରାଜା ନିଜେ ହାରିଲେ ।

ଭକତ ଜନଙ୍କ ଭରତା
ସୃଷ୍ଟିର ପାଳନ କରତା
ଇନ୍ଦ୍ରଯଜ୍ଞ ନୁହଁ ଗଛ ହିଁ ଲଗାଅ
ସଂସାରକୁ ଦେଲେ ବାରତା ।


ସଂଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ :-୯୦୭୮୧୮୫୬୧୬





## ସକଳ ଘଟେ ଜଗନ୍ନାଥ

### ପ୍ରଶାନ୍ତ କୁମାର ନାୟକ

ଆହେ ନିଳାଦ୍ରିଶ ମୁକୁନ୍ଦ ମୁରାରୀ
ରଖ ସାଧୁଜନେ ଆହେ ଚକ୍ରଧାରୀ,
ସକଳ ଘଟରେ ଜୀବ ସ୍ୱରୂପରେ
ବିରାଜିଛ ପୁଣି ନିର୍ଜୀବ ପିଣ୍ଡରେ ।

ଅପରୂପ ଅଲୌକିକ ତୁମ ଦିବ୍ୟରୂପ
ଦର୍ଶନ ଲଭିଲେ ହୁଏ କ୍ଷୟ ସବୁ ପାପ,
ପାତାଳେ ବଳୀକୁ ଚାପିଲ
ତବ ଶ୍ରୀପୟରେ
ଉଦ୍ଧାରିଲ ମହାବାହୁ ବାମନ ରୂପରେ।

ମେଦିନି ଧାରଣ କରି
ତବ ଶ୍ରୀ ଦନ୍ତରେ
ଧନ୍ୟକଲ କୃପାସିନ୍ଧୁ
ବରାହ ରୂପରେ,
ପର୍ଶୁରାମ ରୂପଧରି
ଏ ଧରା ଧାମରେ
ସଂହାରିଲ ଦୁଷ୍ଟ ପ୍ରଭୁ
ତୁମରି ପର୍ଶୁରେ ।

ରାମ ଅବତାରେ ପୁଣି
ରାବଣ ବିନାଶୀ
ସକଳ ଘଟେ ବିରାଜିଛ
ଆହେ ଅବିନାଶୀ ,
କଳି ଯୁଗେ ସତ୍ୟ ବନ୍ଧା
ଅସତ୍ୟ ଦୁଆରେ
ଧର୍ମ ଆଜି କାନ୍ଦେ ପ୍ରଭୁ ତବ
ଶ୍ରୀ ପୟରେ ।

ପାପୀର ପାପସବୁ ଧୋଇଦିଅ ପ୍ରଭୁ
ଦିଅ ସର୍ବେ ସଦ୍ ବୁଦ୍ଧି,
ନଷ୍ଟ ହେଇଯାଉ ଯେତେ ଦୁଃଖ ସବୁ
ପୁଣ୍ୟ ହେଉ ସଦା ବୃଦ୍ଧି ।

ଜଗତ କରତା କାଳିଆ ସାଆନ୍ତ
ଭକତର ଭକ୍ତିରେ ଥାଅ,
ତୁମ ଶ୍ରୀଚରଣେ ପଶିଲି ଶରଣ
ଦୁଃଖ କ୍ଲେଶ ଦୂରକର ।

ପତିତପାବନ ତୁମେ ଉଡାଉଛ
ପତିତ ଉଦ୍ଧାର ପାଇଁ,
ଦାଶିଆ ଅର୍ପିତ ଶ୍ରୀଫଳକୁ ତୁମେ
ନେଲ ହେ ହାତ ବଢେଇ ।

ବାରମାସେ ତେ'ର
ପର୍ବେ ମହାବାହୁ
ଘୋଷଯାତ୍ରା ତୁମ ଶ୍ରେଷ୍ଠ,
ଥରେ ଟାଣିଦେଲେ ତୁମ ନନ୍ଦିଘୋଷ
କ୍ଷୟ ହୁଏ ଦୁଃଖ କଷ୍ଟ ।

ଏତିକି ବିନତି ଶ୍ରୀ ଛାମୁରେ ପ୍ରଭୁ
ଶଙ୍ଖ ଆଢୁଆଳେ ରଖିବ,
ଜଗତ କରତା ପରମ ଈଶ୍ୱର
ଏ ଦାସକୁ କେବେ ନ ଭୁଲିବ ।


ୟୁନିଟ୍-୫, ଭୁବନେଶ୍ୱର-୦୧
ମୋ: ୮୨୪୯୬୫୦୪୧୪

## କ୍ରାନ୍ତି ଓ କ୍ରାନ୍ତିକାରୀ
### ସୁଜିତ୍ କୁମାର ମିଶ୍ର



ରକ୍ତ, ମାଂସ, ହାଡ
ସବୁକୁ ମିଶେଇ ନିଜଠୁ ଦୂରେଇ
ଏକ ଭିନ୍ନ ମଣିଷ
ଏକ ଭିନ୍ନ ରସ
ସଞ୍ଚେ ଶ୍ରଦ୍ଧା ପାଇଁ
ସେ ଏକ ମିଠା ଶିହରଣ,
ମମତାର ମହାନଈ ।

ଏଠି ଖରା ବର୍ଷା ଶୀତ
ଗୋଟିଏ ଋତୁ, ପଛେ ଦେହ ଲୋଟୁ,
କେମିତିକା ଜୀବନ
ତା ଭିତରେ ଅମୃତର ସନ୍ଧାନ,
ଆଖି ସାମ୍ନାରେ କେବଳ ଆଖି
ମାଟି ମାଆର ଲୁହ ବୋଳା ଆଖି,
ପରୀକ୍ଷାର ପାହାଡ ସେ
ଅଜେୟ ବୀର ଅନାସକ୍ତ ବାସେ
ପ୍ରେମ ପାଇଁ ପ୍ରେମ ଏଠି ପାରାବାର,
କ୍ରାନ୍ତି ଆଉ କ୍ରାନ୍ତିକାରୀ
ଗୋଟିଏ ବିନ୍ଦୁରେ ଏକାକାର ।

ଶପଥର ପତାକାକୁ
ଛାତିରେ ଗୁଡେଇ ଚାଲିଥାଏ ତପ,
ସରେନି,
ରଣ ହୁଙ୍କାରର ଶବ୍ଦ ହିଁ ତୋଳେ
କ୍ରାନ୍ତିର କଠୋର ପ୍ରତିବାଦ,
ଆକାଶର ଝରେ ମୁକ୍ତିର ବର୍ଷା
ଚାରିପଟେ ଆଲୋକର
ବିଜୟ ଦୀପାବଳି,
ଆହାଃ ଇଏ କି ନିଶା ।

କ୍ରାନ୍ତି ନାହିଁ ତ ଜୀବନ ନାହିଁ,
ଜୀବନ ନଈର କୂଳେ କୂଳେ
କ୍ରାନ୍ତି ଓ କ୍ରାନ୍ତିକାରୀ
ମଶାଲ ଜାଳେ,
ମାଆ ଲୁଚି ଲୁଚି ଲୋତକ ଝରାଏ
ଛଳେଛଳେ ।

ସେ କ୍ରାନ୍ତି ପାଇଁ ତ ଆମେ
କ୍ଳାନ୍ତହୀନ,
ଅକ୍ଷତ ଯୌବନ,
ସିନ୍ଦୂର ତା ଜାଗାରେ,
ଘର ଆନନ୍ଦର ବୈକୁଣ୍ଠ,
ସେ କିନ୍ତୁ ସରି ସରି ଜଡଟିଏ ଜାଣ ।

କବର ତଳର ଖବର
ସବୁ ମିଠା ସପନର ସ୍ମୃତି,
ଭୂଖଣ୍ଡ ଏବେବି ଅସରନ୍ତି ଶୌର୍ଯ୍ୟ ତାତି
କ୍ରାନ୍ତି ଓ କ୍ରାନ୍ତିକାରୀ ତ ଚିରକାଳ
ମନ ଆକାଶରେ ମଧୁଝରା ଜହ୍ନରାତି,
ଆୟୁଷ ଯାହା ଖାଲି ଇତି ।

କ୍ରାନ୍ତିକାରୀଙ୍କୁ
ଏକ ଚିଠି,
ଫେରାଅ ସେ
ଲୁହ ଲହୁ ବୋଳା ଦେହ,
ପୁଣି ତେଜୁ କ୍ରାନ୍ତି,
ବାକି ଅଛି ଢେର ସ୍ୱାଧୀନତାର
ଦୁର୍ମୂଲ୍ୟ ଭେଟି...... ।

+ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ: ୭୬୮୩୮୬୭୭୪୨

## ମୋହ
### ଲତିକା ମହାପାତ୍ର

ଆଉ କିଛି ଲୋଡ଼ା ନାଇଁ
ସମୟ ପାଖରୁ
କିଛି ବି

ଏ ଲୋଡ଼ା ଅଲୋଡ଼ାପଣର ଖେଳ
ବହୁତ ଖେଳାସରିଚି
ଖେଳ ଛାଇ ଆଲୁଅର
ଗୁମସୁମ ଗୋଟେ ଅଭିମାନୀ ଉଦାସ ମନର

କେତେ ସବୁ ଡର ବସା ବାନ୍ଧିଚି ମନରେ
ଆବୋରିନେବାର ମୋହ
ହରେଇଦେବାର ଭୟ

ଆସ୍ତେ ଆସ୍ତେ ସମୟ ହଟେଇ ଦେଉଛି
ଦୃଶ୍ୟ ଉପରୁ ପରଦା
ଫିଟି ଫିଟି ଯାଉଛି ଗଣ୍ଠି

ମୋହ ସବୁ ଯେତେ ଜୀବନର
ଦିନେ ହସି ଦେଇ କହେ ସବୁ କାଳେ ଭ୍ରମ
କେଉଁ ବି ଲୋଡ଼ିବାପଣ ରହେନାଇଁ ଚିରକାଳ

ପ୍ରସଙ୍ଗ ମନେହୁଏ ଅପ୍ରାସଙ୍ଗିକ
ହସର ସ୍ଥାନ ନିଏ ଆଖି ଭର୍ତ୍ତି ଲୁହ
ହୁଏତ ଏବେ ଋତୁ ବଦଳିବା ବେଳ ।

\+ ତାଳଚେର

## ଆତ୍ମନେପଦ
### ଡ. ଦୀପକ କୁମାର ମିଶ୍ର



ସଞ୍ଜର ସୂର୍ଯ୍ୟଟିଏ ପରି
ଆଜି ମୁଁ ଖୁବ୍ ଅକ୍ଷମ, ଅପାରଙ୍ଗମ,
ନିସ୍ୱତାର ବର୍ଣ୍ଣବିଭାରେ ନିଷ୍ପ୍ରଭତା ଭୋଗୁଥିବା
ଜଣେ ଅତିକ୍ଷୀଣ ଦୁର୍ବଳ ମଣିଷ
ଅକାଳକୁଷ୍ମାଣ୍ଡର ଅକସ୍ମାତ୍ ଆଖ୍ୟାଟିଏ ପାଇ
ଅନ୍ଧାର ଓ ଆଲୋକର
ମଧୁଚନ୍ଦ୍ରିକାରେ ଦଗ୍ଧିଭୂତ
ଅକୁଣ୍ଠିତ ନିକ୍ଷେପିତ ଜିଜ୍ଞାସାଟେ ନେଇ
ପାଷାଣର ଘୋଷା ଗାଉଥିବା
ଅନାବଶ୍ୟକ ଏକ ମୁମୂର୍ଷ ମୁହୂର୍ତ୍ତ ।

ନିଜ ଜୁଆଳିକୁ ନିଜ କାନ୍ଧରେ ବୋହି
ଝୁଣ୍ଟେଇ ଚାଲୁଥିବା
ହଡ଼ାବଳଦର ଆତ୍ମକାହାଣୀଟିଏ ପରି
ମୁଁ ଏବେ ବନ୍ଦୀ
ପାଦ ଓ ପ୍ରହାରର ତାଳମେଳ ଶୂନ୍ୟ
ଦୁନ୍ଦୁଭି ରହିତ ଏକ ଫାଲତୁ ଦ୍ୱନ୍ଦ୍ୱଯୁଦ୍ଧରେ ।

ଅଘୋଷିତ ଆତ୍ମସମର୍ପଣ ପର୍ବର
ଉଦଘୋଷଣା ପୂର୍ବରୁ ଏବେ ମୁଁ ସନ୍ଦିହାନ
ପଳାତକ ହେବି ନା ପ୍ରତାରକ
ନା ଟେକିଦେବି ମୁକୁଟ ଓ ମଞ୍ଚ
କରଦରାଜାଟିର କ୍ଳାନ୍ତି ଓ ଆତ୍ମଗ୍ଲାନି ନେଇ ।

ଆତ୍ମସ୍ତ, ଆତ୍ମକୈନ୍ଦ୍ରିକ ହୋଇ
ହଜିପାରୁନି ଆଉ ନିଜ ଭିତରେ ନିଜେ
କରିପାରୁନି ଆତ୍ମସମୀକ୍ଷାର ବଂଶୀବାଦନ
କୁହ, କେମିତି ଲେଖିବି କବିତା
ତୁମର ନିବିଡ଼ ଧୈର୍ଯ୍ୟହୀନ
ଆଶୁ ବରାଦର ଅଗ୍ରିମ ରାଶିତକ ପାଇ ମଧ୍ୟ ।

ଆସନ୍ନ ରାତି ଆଉ ମୃତ୍ୟୁର ସମ୍ପର୍କକୁ
ସନ୍ଦର୍ଭ କରି
କେହିଜଣେ ଜୀବନକୁ
ଗଭୀର ଅଧ୍ୟୟନ କରିବା ପୂର୍ବରୁ
ମୋ ନାଁରେ ବୋଧେ ଜାରି ହୋଇସାରିଥିବ
କଳା କଲମର ମୁନ ଭଙ୍ଗା ହୋଇ
ବିଶେଷ ମୃତ୍ୟୁର ପରଓ୍ୱାନାଟିଏ ।

+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

## ସ୍ୱପ୍ନଟିଏ ରାଖୀ ପାଇଁ
### ସରୋଜ କୁମାର ଦାସ



ଛୋଟ ଛୋଟ ଦୁଇଟି ପାଦ
ସେଇଠି ଅଟକି ଯାଏ
ଯେଉଁଠି ରାଖୀ ମାନଙ୍କର ଭିଡ,
ଅପଲକ ନୟନ ଯୁଗଳ
ଦେଖୁଥାଏ ବନ୍ଧନର ସେ ଡୋରକୁ,
ପୁଣି ପରଖୁଥାଏ ସେହି ମଣିଷକୁ
ଯେଉଁମାନେ ରଙ୍ଗିନ ରାଖୀ ଭିତରେ
ଖୋଜି ଚାଲିଥାନ୍ତି ନିବିଡ଼ ସମ୍ପର୍କକୁ
ସ୍ନେହ ସରାଗ ଭରା ପବିତ୍ର ବନ୍ଧନକୁ ।

ଅମାନିଆ ମନ ଭିତରେ ଉଙ୍କିମାରେ
ଅନେକ ପ୍ରଶ୍ନ,
କେବେ ନିଜକୁ ନେଇ
କେବେ ସମ୍ପର୍କକୁ ନେଇ,
ସେ ଅନୁଭବ କରେ
ହୃଦୟର ଉଚ୍ଛୁଳା କୋହକୁ
ଛାଡି ଆସିଥିବା ଅତୀତ ଭିତରେ
ଖୋଜିବାକୁ ଚେଷ୍ଟା କରେ
ତୁଟି ଯାଇଥିବା ବନ୍ଧନକୁ ।
ସେ ଥକିପଡେ ଉଦାସ ମନରେ
ଧୀରେ ଧୀରେ ଝାଉଁଳି ଯାଏ
ଅନୁଭବର ଚାରା ।

ଭାରି ମନେ ପଡେ ଜହ୍ନ ରାତିର ଆକାଶ
ଟିକି ଟିକି ତାରା ପାଖେ କହିଥିବା କଥା
ନିରୋଳାରେ ଝରିଥିବା ଲୁହ
ପୁଣି କେବେ ହସି ହସି ପିଇଥିବା ବ୍ୟଥା
ମାଗିଥିବା ସ୍ନେହ ପୁଣି ଗଢ଼ିଥିବା ସମ୍ପର୍କର ଘର,
ସବୁକିଛି ସ୍ୱପ୍ନ ପରି ଭାଙ୍ଗି ଯାଏ, ହଜିଯାଏ
ବାନ୍ଧିବା ଆଗରୁ ସମ୍ପର୍କର ଡୋର
କଳି ପରି କଳ୍ପନାରେ ତା'ର
ଆସୁଥାଏ କେତେ ରାକ୍ଷୀ
ବୁଝିବାକୁ ଅବୁଝା ମନଟି ତାହାର।

କେତେ ଥର ବଢ଼େଇଛି ହାତ
ବାନ୍ଧିବାକୁ ରାକ୍ଷୀଟିଏ,
ଯୋଡ଼ିବାକୁ ପବିତ୍ର ସମ୍ପର୍କ
ଗଢିବାକୁ ବନ୍ଧଟିଏ
ସ୍ନେହ ମମତାର,
ସେତେଥର ଫେରିଛି ସେ
ଭଙ୍ଗା ମନ ନେଇ
ବୋଧହୁଏ ସେ ଏକ ଅପବିତ୍ର
ଅଲୋଡ଼ା କୁସୁମ
ସତମିଛ ଦୁନିଆର ଭରା କାନନରେ
ମୁକ୍ତ ସିଏ ସବୁ ବନ୍ଧନରୁ
ଲୋଡା ସେହି ଅନାଥ ଆଶ୍ରମ
ବାଣ୍ଟିବାକୁ ଜୀବନର ସବୁ ଦୁଃଖ ସବୁ ସୁଖ
ନେବା ପାଇଁ କିଛି ଅନୁଭବ
ଜଣେ ଅନାଥର ।

\+ ବାଲିଆପାଳ, ବାଲେଶ୍ୱର

## ମାଟିର ଜହ୍ନ
### ଅବନୀ ଚନ୍ଦ୍ର ଦାସ



ଆକାଶର ଜହ୍ନ ଲୁଚାଏ ତା ମୁହଁ
ଭସା ବାଦଲର କୋଳେ,
ଏ ମାଟିର ଜହ୍ନ ଦେଖେନା ସପନ
ଥାଇ କେତେକଇଁ ମେଳେ। (୧)

ଚାନ୍ଦ କୁମୁଦ ଏକ ପାଇଁ ଏକ
ପ୍ରେମ ଜର୍ଜର ହୃଦେ,
ଶୀତଳ ଜ୍ୟୋତ୍ସ୍ନା କରେ ଆନମନା
ସ୍ୱପ୍ନର ସରହଦେ । (୨)

ଜହ୍ନ ଆସେ ଉଇଁ ଚେଇଁଉଠେ କଇଁ
ଭରା ପୁଷ୍କରିଣୀ ଜଳେ,
ମାଟିଜହ୍ନ କିବା ଖୋଜେତା ପ୍ରେମିକା
ଆକାଶର ତାରା ମେଳେ ! (୩)

ପ୍ରେମ ଉନ୍ମାଦ କୁମୁଦର ହୃଦ
ଶାନ୍ତ କରିବା ପାଇଁ,
ଶୀତଳ କିରଣ କରେ ବିତରଣ
ଚନ୍ଦ୍ର ଆକାଶେ ଥାଇ । (୪)

ଏଇଧରା ବୁକେ ଭାବନାରେ ଆଙ୍କେ
କୋଟି ପ୍ରେମିକାର ଛବି,
ଗଗନ ସମାନ ଏ ମାଟିର ଜହ୍ନ
ମାଟିର ମନସ୍କ କବି । (୫)

+ପ୍ରଶାନ୍ତି ବିହାର, ଭୁବନେଶ୍ୱର
ମୋ: ୯୯୩୭୫୩୭୯୭୪



## ତୁମେ ଆଉ ମୁଁ
### ସୁହଂସ ଭୋଇ

ମୋ ସ୍ୱପ୍ନର ତୁମେ ବିଭବ ନାୟିକା
ମୁଁ ଯେ ଅଭାବି ନାୟକ
ପ୍ରେମର ନଉକା ବାହେ ଏକା ଏକା
ସାଗରେ ସାଜି ନାବିକ ।

ତୁମେ ତ ସୁଦୂର ସୁନେଲି ଆକାଶ
ମୁଁ ଏକ ଛୋଟ ବିହଙ୍ଗ
ହୃଦୟଟି ମୋର ଉଦାସୀ ଦରିଆ
ତୁମେ ଚଞ୍ଚଳ ତରଙ୍ଗ
ନଈପଠା ଧାରେ ତତଲା ବାଲିରେ
ଚାଲେ ମୁଁ କ୍ଳାନ୍ତ ପଥିକ ।

ମୁଁ ଯେ ବୈଶାଖର ଡହଡହ ଖରା
ତୁମେ ବସନ୍ତ ମରୁତ
ମୋ ଦେହ ପାହାଡ଼ ଶୁଖା ଖଡଖଡ
ତୁମେ ଶୀତଳ ସରିତ
ଆଷାଢ଼ର ତୁମେ ପହିଲି ବରଷା
ମୁଁ ତ ଆତୁର ଚାତକ ।

ବଉଳ ଶେଫାଳି ଯୂଇ ଚମ୍ପା ମଲ୍ଲି
ଫୁଲର ତୁମେ ସୁବାସ
ନିଃସଙ୍ଗରେ ଠିଆ ହୋଇଛି ହିଡରେ
ମୁଁ ଯେ ନିରୀହ ପଳାଶ
ତୁମେ କୋଣାର୍କର ଚାରୁ ଚିତ୍ରକଳା
ମୁଁ ସାଜେ ତୁମ ସ୍ତବକ ।

+ପହଣ୍ଡି,ବିଜେପୁର, ବରଗଡ଼
ମୋ: ୯୪୩୭୫୨୨୪୫୫

## ମୁକ୍ତି ପର୍ବର କଥା
### ପୁଷ୍ପାଞ୍ଜଳି ପଣ୍ଡା



ତିନିଶ ବର୍ଷ ଲାଗିଥିଲା
ନିଆଁ ଝୁଲ ଖେଳେଇହେଇ ଯିବାକୁ
ଅନେକ ଭାରତୀୟ ଘିଅ ଢାଳିଥିଲେ
ଯେଉଁ ମାନେ ଏବେ ସ୍ମୃତି ରେ।

କେତେ କଷ୍ଟ
କେତେ ଯନ୍ତ୍ରଣା
କେତେ ବର୍ବରତା
କେତେ ବନ୍ଧନର ଜ୍ୱାଳାକୁ
ଏକାଠି ଯୋଡ଼ି, ନିଆଁ ଝୁଲ କରି
ଦେଶ ସାରା ବୁଲୁଥିଲେ
ମୁକ୍ତିର ପର୍ବ ପାଇଁ
ସଂଗ୍ରାମୀ ବୋଲାଇ।।

କ୍ରାନ୍ତି ଭିତରେ ବି
ବଢୁଥିଲା ଅନ୍ୟ ଏକ କ୍ରାନ୍ତି
ସମୟ ଚକ୍ର ଖୁବ ଜୋର ଘୁରି ଘୁରି
ପାଖେଇ ଆସିଥିଲା
ସ୍ୱାଧିନତାର ଅବର୍ଣ୍ଣନୀୟ ସ୍ୱାଦ ଧରି।
ମୁକ୍ତି ସଭିଏଁ ଚାହୁଁଥିଲେ
ଯୁଦ୍ଧ ସଭିଏଁ ଲଢୁଥିଲେ
କର ବା ମର'ର ଆନ୍ଦୋଳନରେ ।
ଅଗଷ୍ଟ ନ'ରେ ଚଉଦିଗ ଫର୍ଚ୍ଛା ହୋଇ ଆସୁଥିଲା
ମୁକ୍ତି ପର୍ବ ର ମୁକ୍ତ ସ୍ୱାଦ ପାଖେଇ ଆସୁଥିଲା
ଏଇ ଅଗଷ୍ଟ ନ'ରେ
ଭାରତର ସ୍ୱାଧୀନତାର
ମୁକ୍ତ ସଂଗ୍ରାମର ପୁଣ୍ୟ ତିଥିରେ ।

\+ କେନ୍ଦ୍ରାପଡ଼ା
ମୋ: ୯୮୬୧୪୫୭୫୬୩

## ରାଖୀ ଆସିଗଲେ
### ସ୍ନିଗ୍ଧା. ଜି. ମହାପାତ୍ର



ଭାଇ ଚାହିଁଥାଏ ରାଖୀ ଆସିଗଲେ
ଆସିବ ଭଉଣୀ ତାର....
ଭିତର ଖୁସିଟା ଆସେନା ଉଚ୍ଛୁଳି
ଶତ୍ରୁ ସେ ପିଲା ବେଳର

କରେ ନାହିଁ ଭାଇ କେବେ ତା ପ୍ରଶଂସା
ହୃଦୟେ ତା ପାଇଁ ବସା...
ବାପା ସାଜି ସିଏ କରିଥାଏ କର୍ମ
ଭଉଣୀର ସିଏ ଭରସା...

ଭାଇ ଜାଣି ଥାଏ ଭଉଣୀ ତାହାର
ଭାଇ ସୁଖ ମନାସିବ
ଭଗିନୀ ବି ଜାଣେ ଭାଇଟି ତାହାର
ପିତା ପରି ଆଦରିବ

ଭାଇ କହୁଥାଏ ଭଉଣୀ ଆଗରେ
କେବେ ଯିବୁ ଆମ ଘରୁ
ସେଇ ଭାଇ କିନ୍ତୁ ଭଉଣୀକୁ କେବେ
ବିଦା କରେନା ଅନ୍ତରୁ...

ବନ୍ଧନ ଅଟେ ସିଏ ସୂତା ଖିଅର
ନିଅଁ ପଡେ ମମତାର...
ଦୁଃଖେ ଅବା ସୁଖେ ଦୃଢ଼ ହଉଥାଏ
ସମ୍ପର୍କ ସେ ଯେ ସ୍ନେହର...

ମାନ ଅଭିମାନ ଥାଏ ଯଦି ପାଶେ
ନିର୍ବାପିତ ହୁଏ ମନୁ...
ଭାଇ ଭଉଣୀର ନିଆରା ସମ୍ପର୍କ
ଯୁଗେ ଯୁଗେ ତାକୁ ଜାଣୁ...

ଗୋଟିଏ ମୁଦ୍ରାର ଦୁଇଗୋଟି ପାର୍ଶ୍ୱ
ଜେହି ନୁହଁ ପରା ଭିନ୍ନ..
ସେନେହ ସରାଗ ଚମକଉ ଥାଏ
ପରିବାର ଅଟେ ପୂର୍ଣ୍ଣ ।

+ବାରିପଦା
ମୋ: ୯୪୩୭୬୧୫୨୨୧

## ସୂର୍ଯ୍ୟ ପାଇଁ ପ୍ରେମ କବିତା
### ବିଜୟଲକ୍ଷ୍ମୀ ପାଣିଗ୍ରାହି



ନୀଳ ବିଷର ଲୋଭନୀୟ ଆମନ୍ତ୍ରଣରେ
ଧିମା ପଡିଯାଉଥାଏ ଆଲୋକ
ଆଉ ଜିଦଖୋର ଅନ୍ଧାର

ଲୁହର କାକରରେ ଭିଜୁଥିବା
କଅଁଳ ଦୁବ ଘାସରେ
ନିର୍ବାସିତ ଅବସୋସ
ଭାରି ଗୁମ୍ ସୁମ୍ ମୁଗ୍ଧତା।

ସେଥିପାଇଁ
ଆକାଶରୁ ଆଞ୍ଜୁଳେ ନୀରବତା
ଆଉ
ନଈରୁ ପୁଳାଏ ନିମ୍ନଗତା
ମେରୁରୁ ମେଞ୍ଚାଏ ଶୁଭ୍ର ମଗ୍ନତା
ପରୀ ରାଇଜରୁ
ପେଡିଏ କୁହୁକ ଆଣି
ବିଛେଇ ଦେଲିଣି ଚଉପାଶ
ମେଘ ଡିଆରି ଆଖିରେ
ଅଝଟ ହେଲାଣି
ଚାଙ୍ଗୁଡିଏ ତରୁଣୀ ଆସ୍ପୃହା
ସୂର୍ଯ୍ୟୋଦୟ ହେବାପାଇଁ।

ତଥାପି
ସୂର୍ଯ୍ୟକୁ ନେଇ
କାଁ ଭାଁ ପ୍ରେମ କବିତା ?

+ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ-୮୨୪୯୪୫୦୦୫୦

## ସ୍ୱଭାବେ ଭାବୁକ
### ପଲ୍ଲବୀ ଦାସ



ମମତା ଶବ୍ଦକୁ ଆଉଟିକେ ବୁଝେଇଦିଅ
ତୁମ କବିତ୍ୱ ଚେତନା

ଗଢିଦେଇଛି ମମତାର ପାଠଶାଳା ।
ବୁଝେଇ କହିଦିଅ
ତୁମେ ଭେଟିଥିବା ଉଷାକାଳର ମଧୁରତା,
ଆଜିକାଲି ରାତି ବି ନିଦରେ ଶୋଇପାରୁନି
ସକାଳେ ଲୁହବିନ୍ଦୁର କାକର ।

ଖୋଜିଖୋଜି ବରପାଲି ଯିବି
ଶୁଣିବାକୁ ତପସ୍ୱିନୀର ମରମବେଦନା
ତୁମଠୁ କିଏ ଅଧିକ
ସତୀଙ୍କ କରୁଣକୋହ ଶୁଣିଛି କୁହ ତ ?

କହିଦେବ, ତୁମକୁ କେମିତି ଲାଗନ୍ତି ସେ'
କରୁଣାନିଧି ରାମଚନ୍ଦ୍ର
ଦୁଇପୁତ୍ର କେମିତି ଗାଉଥିଲେ ମହାକାବ୍ୟ ।

ତୁମେ ବି ତ ଦିନେ ବାଳୁତ ଥିଲ
ଅର୍ଥାଭାବ ଗ୍ରାସିଲା, ପାଠଶାଳା ଦୁଆର ପଡିଲା,
ଚେତନାର ସୂର୍ଯ୍ୟ ଉଠିଲା
ସରସ୍ୱତୀ ଓହ୍ଲେଇ ଆସିଲେ,
ତୁମକୁ ଆଲୋକର ଅମୃତର
ପୁତ୍ର ବୋଲି ଡାକିଲେ ।

କେମିତି କେମିତି କୁହ ତ
ତୁମ ମଧୁମୟ ଚାହାଁଣି,
ବିଶ୍ୱକୁ ବତେଇଦେଇଛ ପରା
ପାପ ହରଣର ଅମୃତମନ୍ତ୍ର,
ଜୀବନ ମଧୁମୟ ଲାଗି
ତୁମ ଭାବସନ୍ଧାନରେ
ମୁଁ ତୁମକୁ ଖୋଜୁଛି
ପ୍ରକୃତି ଅଗଣାରେ, ମେହେର ସାହିତ୍ୟରେ।

+ଜୁନାଗଡ, କଳାହାଣ୍ଡି
ମୋ : ୮୬୫୮୭୪୦୨୯୧

## ତ୍ରିରଙ୍ଗା
### ଆଦ୍ୟାଶା ମହାପାତ୍ର



ପବିତ୍ର ତ୍ରିରଙ୍ଗା ଉଡଇ ସ୍ୱଚ୍ଛନ୍ଦେ
ଆଜି ମାଟି ମାଆ କୋଳେ
କୋଟି ଦେଶବାସୀ ସ୍ୱାଧୀନତା ଗୀତି
ଗାଆନ୍ତି ଉଚ୍ଛ୍ୱାସ ଭୋଳେ ।।

ତ୍ରିରଙ୍ଗା ଏ ଦେଶ ଶାନ୍ତି ମୈତ୍ରୀ ବାର୍ତ୍ତା
ପ୍ରଚାରେ ସମଗ୍ର ବିଶ୍ୱେ
ନୀତି ଆଦର୍ଶର ଜୟଗାନ କରି
ରହିଛି ସବୁରି ଶୀର୍ଷେ ।।

ସତ୍ୟ ଅହିଂସା ଜାତୀୟ ସଂହତି
ଭାରତର ମହାମନ୍ତ୍ର
ଐତିହ୍ୟ ସଂସ୍କୃତି ଅମ୍ଳାନ ଅକ୍ଷୁର୍ଣ୍ଣ
ସୂଚାଏ ଏ ପୂତ ଜୈତ୍ର ।।

ଅଗଷ୍ଟ ପନ୍ଦର ଆମରି ମଥାରେ
ଆଣି ଦେଇଛି ସୌଭାଗ୍ୟ
ମାତୃଭୂମି ସେବା କରି ତା'ର ଟେକ
ରଖିବାକୁ ହେବା ଯୋଗ୍ୟ ।।

ଦେଶ ଭକ୍ତି ପ୍ରୀତି ହୃଦୟରେ ଥାପି
କରିବା ଆମେ ସଂକଳ୍ପ
ଭେଦଭାବ ଅବା ଈର୍ଷା ହିଂସା ଦ୍ୱେଷ
ସମୂଳେ କରିବା ଲୋପ ।।

ରାମରାଜ୍ୟ ସ୍ୱପ୍ନ କରିବା ସାକାର
ଏ ଦେଶ ସନ୍ତାନ ଗଣ
ରଖିବା ଅତୁଟ ତ୍ରିରଙ୍ଗା ଗାରିମା
ସାର୍ବଭୌମ ସ୍ୱାଭିମାନ ।।

\+ ନୂଆପଡା, କଟକ

# ଗ୍ରାମାଂଚଳରେ ମାଲ ମାଲ ନକଲି ଡାକ୍ତର, ରୋଗୀଙ୍କୁ ଲୁଟୁଛନ୍ତି : ଚେଇଁ ଶୋଇଛି ସ୍ୱାସ୍ଥ୍ୟ ବିଭାଗ

ମାଲକାନଗିରି, ୧୧/୦୮ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକର ବିଭିନ୍ନ ଗ୍ରାମାଂଚଳରେ ମାଲ ମାଲ ନକଲି ଡାକ୍ତର ରୋଗୀଙ୍କୁ ଶୋଷଣ କରୁଛନ୍ତି। ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ ବିଭିନ୍ନ ଗ୍ରାମରେ ବଢ଼ି ବଢ଼ି ଚାଲିଛି। ବିଶେଷ କରି ଏହି ବ୍ଲକର ଟିଗଲ ପଂଚାୟତ ଅନ୍ତର୍ଗତ ଏମପିଭି ୪୫ ଓ ଏମଭି ୭୮ ଗ୍ରାମର କିଛି ଲୋକ ବିଭିନ୍ନ ଗ୍ରାମରେ ନିଜକୁ ଡାକ୍ତର ଭାବେ ପରିଚୟ ଦେଇ ଲୋକଙ୍କୁ ଶୋଷଣ କରୁଛନ୍ତି। କିନ୍ତୁ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ସେମାନେ ନିର୍ବିଘ୍ନରେ ନକଲି ଚିକିତ୍ସା ଜାରି ରଖିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ମାଟ୍ରିକ ପାସ୍ କରିନଥିବା ବେଳେ ସାଲାଇନ ଓ ଇଂଜେକସନ ଆଦି ସବୁକିଛି ଡାକ୍ତରଙ୍କ ପରି ରୋଗୀଙ୍କୁ ଦେଉଛନ୍ତି। କେତେକ ସ୍ଥାନରେ ଅପହଂଚ ସ୍ୱାସ୍ଥ୍ୟସେବାର ସୁଯୋଗ ନେଇ ନକଲି ଡାକ୍ତର ରୋଗୀଙ୍କୁ ଶୋଷଣ କରୁଛନ୍ତି। ଏପରିକି ଡାକ୍ତରଖାନା ଥିବା ଗ୍ରାମରେ ମଧ ରୋଗୀମାନେ ଡାକ୍ତରଖାନା ନଯାଇ ନକଲି ଡାକ୍ତରଙ୍କ ପାଖକୁ ଯାଉଛନ୍ତି। ସାମାନ୍ୟ ଅସୁସ୍ଥ ଥିଲେ ସେମାନଙ୍କ ଔଷଧ ଦ୍ୱାରା ରୋଗୀ ସୁସ୍ଥ ହୋଇ ଯାଉଛନ୍ତି। କିନ୍ତୁ, କିଛି ଦିନ ପରେ ରୋଗ ପୁଣି ବାହାରୁଛି। ଫଳରେ ପରିବାର ଲୋକେ ତାଙ୍କୁ ଶେଷମୁହୂର୍ତ୍ତରେ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରୁଛନ୍ତି। ଏପରିକି କେତେକ ସ୍ଥାନରେ ଭୁଲ୍ ଚିକିତ୍ସା ଯୋଗୁ ରୋଗୀ ପ୍ରାଣ ହରାଉଛନ୍ତି। ଚଢ଼ଉ କିମ୍ବା କାର୍ଯ୍ୟାନୁଷ୍ଠାନ ହେଉ ନଥିବାରୁ ସେମାନେ ନିର୍ଭୟରେ ଚିକିତ୍ସା କରୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ ତରଫରୁ ମାଗଣା ଚିକିତ୍ସା ଓ ଔଷଧ ଯୋଗାଇ ଦିଆଯାଉଛି। ବିଭିନ୍ନ ଗ୍ରାମାଂଚଳରେ ଥିବା ଆଶାକର୍ମୀଙ୍କ ପାଖରେ ଔଷଧ ରହୁଛି। ଅସୁସ୍ଥ ହେଲେ ଡାକ୍ତରଖାନା ଆସି ଚିକିତ୍ସା ହେବାକୁ ଲୋକମାନଙ୍କୁ ସଚେତନ କରାଯାଉଛି। ତଥାପି ଲୋକେ ଡାକ୍ତରଖାନା ନ ଯାଇ କ୍ୱାକଙ୍କ ଦ୍ୱାରା ଚିକିତ୍ସିତ ହୋଇ ଅସୁବିଧାର ସମ୍ମୁଖୀନ ହେବା ସହ ଖର୍ଚ୍ଚାନ୍ତ ହେଉଛନ୍ତି। କେତେକ ଲୋକଙ୍କ ମାନସିକତା ଏପରି ଅଛି ସେମାନେ ଡାକ୍ତରଖାନା ନଯାଇ କ୍ୱାକଙ୍କ ପାଖକୁ ଯାଉଛନ୍ତି ଆବଶ୍ୟକତା ନ ଥାଇ ସାଲାଇନ ଇଂଜେକସନ ଆଦି ନେଉଛନ୍ତି, ଅସୁବିଧାରେ ମଧ ପଡୁଛନ୍ତି। ଏସବୁ ତଦାରଖ ପାଇଁ ସ୍କ୍ୱାଡ୍ ପଠାଇ ଚଢ଼ଉ କରିବାର କ୍ଷମତା ସିଡ଼ିଏମଓ ଙ୍କର ରହିଛି। ହେଲେ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଚେଇଁ ଶୋଇଛି ସ୍ୱାସ୍ଥ୍ୟ ବିଭାଗ, ଫଳରେ ବେପରୁଆ ହୋଇ କ୍ୱାକ ମାନେ ମନଇଚ୍ଛା ଲୋକଙ୍କୁ ଲୁଟିବାରେ ଲାଗିଛନ୍ତି। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବା ପାଇଁ ଦାବୀ ହେଉଛି।

## ଜିଲ୍ଲାପାଳଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚିତ

ଭଦ୍ରକ, ୧୧/୦୮ (ନି.ପ୍ର): ଝୁଲଣ ପୂର୍ଣ୍ଣିମାରେ ଭଦ୍ରକ ଜିଲାପାଳ ଦିଲୀପ ରାଉତରାୟ ବାଉଦପୁର ଗ୍ରାମ ଶ୍ୟାମଚାନ୍ଦ ମନ୍ଦିର ଦର୍ଶନରେ ଯାଇଥିଲେ । ବାଉଦପୁର ଗ୍ରାମର ଡ଼ ନନ୍ଦ ନନ୍ଦନ ଦାସ, ପୂର୍ବତନ ଶାସନ ସଚିବ, ନରେନ୍ଦ୍ର ମୋଦି ଜି, ପ୍ରଧାନ ମନ୍ତ୍ରୀଙ୍କ ପ୍ରରୋଚନାରେ ବାଉଦପୁର ଗ୍ରାମରେ ରହି ଦେଶର ଉନ୍ନତି ଓ ପୃଥିବୀ ଶାନ୍ତି ପାଇଁ ପ୍ରଧାନ ମନ୍ତ୍ରୀଙ୍କୁ ଯେଉଁସବୁ ପ୍ରସ୍ତାବ ଦେଉଛନ୍ତି। ତାହା ୧୨ ଟି ପୁସ୍ତକ 'ଲେଟର୍ସ ଟୁ ଦ ଅନେବୁଲ ପ୍ରାଇମ୍ ମିନିଷ୍ଟର' ପ୍ରକାଶିତ ହୋଇଅଛି । ଏସବୁ ପୁସ୍ତକ ଆମାଜନ ଦ୍ୱାରା ଅନଲାଇନରେ ପ୍ରାପ୍ତହୁଏ ଓ ସେଥିର ପୁସ୍ତକ "ଲେଟର୍ସ ଟୁ ଦ ଅନେବୁଲ ପ୍ରାଇମ୍ ମିନିଷ୍ଟର ଏକ୍ସଆଇ" ଜିଲାପାଳ ଶ୍ରୀ ରାଉତରାୟଙ୍କ ଦ୍ୱାରା ଉନ୍ମୋଚିତ ହୋଇଅଛି ।

# ଆମ୍ ଆଦମୀ ପାର୍ଟି କେନ୍ଦୁଝର ତରଫରୁ ଜିଲ୍ଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ

କେନ୍ଦୁଝର, ୧୧/୦୮ (ନି.ପ୍ର): ଆଜି ଜିଲ୍ଲା ସଭାପତି ପ୍ରେମାନନ୍ଦ ସିଂ ଙ୍କ ସଭାପତିତ୍ୱରେ ସ୍ଥାନୀୟ ଶହୀଦ ସଦନ ଠାରେ ଆମ୍ ଆଦମୀ ପାର୍ଟି କେନ୍ଦୁଝର ତରଫରୁ ଜିଲ୍ଲା ସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ରାଷ୍ଟ୍ରୀୟ ସ୍ତରରେ ଚାଲିଥିବା ସ୍କୁଲ ବଂଚାଅ ଅଭିଯାନର ସମୀକ୍ଷା କରାଯାଇଥିଲା। ଆସନ୍ତା ୧୪ ତାରିଖ ମଧ୍ୟରେ ଏହି ଅଭିଯାନକୁ ସଫଳତାର ସହିତ ସମାପ୍ତ କରିବା ନିମନ୍ତେ ଆଲୋଚନା କରାଯାଇଥିଲା। ସ୍ୱାଧୀନତା ଦିବସ ଉପରେ ପ୍ରସ୍ତୁତି ଆଲୋଚନା ହୋଇଥିଲା। ସ୍ୱାଧୀନତା ଦିବସ ଅବସରରେ ଆମ୍ ଆଦମୀ ପାର୍ଟି ତରଫରୁ ଏକ ହେଲ୍ପଲାଇନ ନମ୍ବର ଜାରିକରାଯିବ ବୋଲି ଜିଲ୍ଲା ସଭାପତି ସୂଚନା ପ୍ରଦାନ କରିଥିଲେ। ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଠାରୁ ନଭେମ୍ବର ୨୬ ପାର୍ଟି ର ପ୍ରତିଷ୍ଠା ଦିବସ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ଅଂଚଳରେ ସଚେତନତା ପଦଯାତ୍ରା କରାଯିବା ନିମନ୍ତେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ଜୈନୁଲ ଆବେଦିନ, ସାଧାରଣ ସମ୍ପାଦକ ଶୁଭଙ୍କର ମହାନ୍ତି, ଶଶାଙ୍କ ଶେଖର ସାହୁ, ଜୟକୃଷ୍ଣ ନାଏକ, ସୁଶାନ୍ତ ନାଏକ, ଖଗେଶ୍ୱର ମହାନ୍ତ, ସନାତନ ନାଏକ, ସୁଧୀର ମହାନ୍ତ, ଦିପୁ ମହାନ୍ତ, ଚିତ ରଞ୍ଜନ ନାଏକ ପ୍ରମୁଖ ଯୋଗଦେଇଥିଲେ।

# ମହାରାଜା ବିକ୍ରମଦେବ ବର୍ମାଙ୍କ ପ୍ରତିମୂର୍ତ୍ତି ବିଧାନସଭାରେ ସ୍ଥାପନ ନେଇ ସାହିତ୍ୟ ପରିଷଦର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଜୟପୁର, ୧୧/୦୮ (ନି.ପ୍ର): ଜୟପୁର ମହାରାଜା ସ୍ୱର୍ଗତ ବିକ୍ରମଦେବ ବର୍ମା ଭାଷାଭିତିକ ଓଡିଶା ରାଜ୍ୟ ଗଠନର ଅନ୍ୟତମ ପ୍ରମୁଖ ବିନ୍ଧାଣି ଭାବେ କାର୍ଯ୍ୟ କରିଥିଲେ । ତେଣୁ ତାଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ କରାଯାଇ ରାଜ୍ୟ ବିଧାନସଭା ପରିସର ଏବଂ ଅବିଭକ୍ତ କୋରାପୁଟ ଜିଲ୍ଲାର ତାଙ୍କ ଅଧିନରେ ରହିଥିବା କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟଗଡା ସମେତ ନନ୍ଦପୁର ଠାରେ ପ୍ରତିମୂର୍ତ୍ତି ସ୍ଥାପନ କରିବା ନେଇ ଜୟପୁର ସାହିତ୍ୟ ପରିଷଦ ପକ୍ଷରୁ ସଭାପତି ହରିହର କରୁସୁଧା ପଟ୍ଟନାୟକଙ୍କ ନେତୃତ୍ୱରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ସହାୟତାରେ ଏକ ପ୍ରତିନିଧି ଦଳ ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଜୟପୁର ଅରବିନ୍ଦ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଗସ୍ତ ଅବସରରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ପ୍ରକାଶ ଯେ, ଅବିଭକ୍ତ କୋରାପୁଟ ଜିଲ୍ଲାକୁ ନେଇ ତାଙ୍କର ଜମିଦାରୀ ରାଜ୍ୟ ରହିଥିଲା, ଏହା ଗତ ୯୦ ବର୍ଷ ପୂର୍ବେ ମାଡ୍ରାସ ରାଜ୍ୟ ଅଧିନରେ ରହିଥିଲା । କିନ୍ତୁ ଉତ୍କଳ ରାଜ୍ୟ ଗଠନ ବେଳେ ଏହି ଅଂଚଳକୁ ଓଡିଆ ଭାଷାବାଷୀ ବାସିନ୍ଦା ସର୍ବାଧିକ ରହିଥିବା ଯୋଗୁଁ ଏହାକୁ ନବ ଗଠିତ ଓଡିଶା ପ୍ରଦେଶରେ ମିଶାଇବାରେ ରାଜ୍ୟର ଅନ୍ୟାନ୍ୟ ଉତ୍କଳ ପ୍ରଦେଶ ଗଠନ କରିଥିବା ମହାରାଜାଙ୍କ ଭଳି ଅବଦାନ ଜୟପୁର ମହାରାଜା ସ୍ୱର୍ଗତ ବିକ୍ରମ ଦେବଙ୍କ ପ୍ରମୁଖ ଭୂମିକା ରହିଥିଲା । କିନ୍ତୁ ମହାରାଜା ବିକ୍ରମଦେବଙ୍କୁ ରାଜ୍ୟରେ ଅଣଦେଖା କରାଯାଇଛି । ତେଣୁ ତାଙ୍କର ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ରାଜ୍ୟ ବିଧାନସଭା ପରିସରରେ, ତାଙ୍କ ରାଜ୍ୟ ଅଧିନରେ ରହିଥିବା କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟଗଡା ସଦର ମହକୁମା ଏବଂ ଜୟପୁର ରାଜ୍ୟର ପୁରାତନ ରାଜଧାନୀ କୋରାପୁଟ ଜିଲ୍ଲା ନନ୍ଦପୁର ଠାରେ ସ୍ଥାପନ କରିବା । ସେହିପରି ବିକ୍ରମଦେବ ବର୍ମାଙ୍କ ଓଡିଶା ସାହିତ୍ୟ, କବିତା ଉପରେ ପ୍ରଖ୍ୟାତ ଲେଖକ ଗୋପୀନାଥ ମହାନ୍ତିଙ୍କ ଦ୍ୱାରା ରଚିତ 'ବିକ୍ରମ ରଚନାନୀ' ପୁସ୍ତକ ପୁନଶ୍ଚ ପ୍ରକାଶ କରାଯାଇ ଅବିଭକ୍ତ କୋରାପୁଟ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ବିନା ମୂଲ୍ୟରେ ବଂଟନ ବ୍ୟବସ୍ଥା କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ।

## କୋତପୁର ପଂଚାୟତରେ ସ୍ୱାଗତ ଓ ସମ୍ବର୍ଦ୍ଧନା ଉତ୍ସବ

ଧର୍ମଶାଳା, ୧୧/୦୮ (ନି.ପ୍ର): ଯାଜପୁର ଜିଲା ର୍ମଶାଳା ବ୍ଲକ କୋତପୁର କଲ୍ୟାଣ ମଣ୍ଡପ ଠାରେ ଶିଶୁ ସାହିତ୍ୟିକ ଡ. ରାଜ କିଶୋର ପାଢୀଙ୍କୁ ପଂଚାୟତ ତରଫରୁ ଆଜି ସମ୍ବର୍ଦ୍ଧିତ କରାଯାଇଛି । କୋତପୁର ପଂଚୟତ ବାସିନ୍ଦା ଶିଶୁ ସାହିତ୍ୟିକ ଡ. ରାଜ କିଶୋର ପାଢୀଙ୍କୁ ଚଳିତ ବର୍ଷ କେନ୍ଦ୍ରୀୟ ଶିଶୁ ସହିତ୍ୟ ପୁରସ୍କାର ପ୍ରଦାନ ପାଇଁ ନାମ ଘୋଷଣା କରାଯାଇଛି । ଏଥିଲାଗି ଆଜି କୋତପୁର ପଂଚାୟତ ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ଅବସରପ୍ରାପ୍ତ ଶିକ୍ଷକ ନିର୍ମଳ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଦର୍ଶ ଶିକ୍ଷକ ଡ. ପାଢୀଙ୍କ ଶିକ୍ଷକତା ଜୀବନୀ ଓ ତାଙ୍କ ସାହିତ୍ୟକୃତି ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ରାଜ କିଶୋର ପାଢୀଙ୍କୁ ବିଧାୟକ ଶ୍ରୀ ସାହୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିବା ବେଳେ ଗ୍ରାମବାସୀଙ୍କ ତରଫରୁ ବିଧାୟକ ଶ୍ରୀ ସାହୁଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବାମଦେବ ପାଢୀ, ସରପଂଚ ସୁନାକର ବେହେରା, ସମିତି ସଭ୍ୟା ଝୁଲିରାଣୀ ମଲିକ , ୧୫ ନଂ ଜୋନ ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ ଓ ପ୍ରଭାରୀ ଅମିତ ପ୍ରଧାନ ପ୍ରମୁଖ ମଂଚାସୀନ ହୋଇଥିଲେ । ଏହି ଉତ୍ସବରେ ଗ୍ରାମ ପଂଚାୟତର ହଜାର ହଜାର ଲୋକେ ଯୋଗଦେଇଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ବିଜେପି ନେତା ତପନ କୁମାର ମାହୁନ୍ତ, ନିଗମାନନ୍ଦ ଦାସ, ଦିବଜ୍ୟୋତି ପରିଡା, ଦିଲିପ ବେହେରା ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ ।

# ଦୀର୍ଘ ଆଠ ଦିନ ହେଲା ଜିଲ୍ଲାରେ ଡାକ ସେବା ଅଚଳ

ଜୟପୁର, ୧୧/୦୮ (ନି.ପ୍ର): ଡାକ ଘରେ ନୂତନ ସଫ୍ଟୱେର ସ୍ଥାପନ ପାଇଁ ଦୀର୍ଘ ଆଠ ଦିନ ହେଲା ଜିଲ୍ଲାରେ ଡାକ ସେବା ଠପ ହୋଇଯାଇଛି । ଗ୍ରାହକ ନାହିଁ ନଥିବା ହଇରାଣ ହେଉଛନ୍ତି । ଭାଇ ନିକଟକୁ ପଠାଇ ଥିବା ଭଉଣୀଙ୍କ ହଜାର ହଜାର ରାକ୍ଷୀ ପଡି ରହିଛି ଡାକ ଘରେ । ଚଳିତ ମାସ ପହିଲାରୁ କୋରାପୁଟ ଡାକ ଡିଭିଜନ ଅଧିନରେ ମାଲକାନଗିରି ଜିଲା, କୋରାପୁଟ ଜିଲା ଓ ନବରଙ୍ଗପୁର ଜିଲାରେ ଥିବା ୨ଟି ମୁଖ୍ୟ ଡାକଘର, ୬୬ଟି ଉପ ଡାକଘର, ୫୬୨ ଶାଖା ଡାକ ଘରେ ଡାକ ସେବା ବନ୍ଦ ରହିଛି । କୋରାପୁଟ ଡିଭିଜନ ଅଧିନରେ ଥିବା ପ୍ରଧାନ ଡାକଘର, ସମସ୍ତ ଉପ-ଡାକଘର ସହ ତାଙ୍କ ଅଧିନସ୍ଥ ସମସ୍ତ ଶାଖା ଡାକଘର ଦୀର୍ଘ ୮ଦିନ ହେଲା ଅଚଳ ହୋଇଯାଇଛି। ଏହି ସବୁ ପୋଷ୍ଟ ଅଫିସରେ ପୂର୍ବରୁ ଲାଗିଥିବା କମ୍ପୁଟର ସଫ୍ଟୱେର ଅଚଳ ହୋଇପଡିଛି । ଫଳରେ ବାର୍ଦ୍ଧକ୍ୟ ଭତା, ବିଧବା ଭତା, ଭିନ୍ନକ୍ଷମ ଭତା, ପିଏମ କିଷାନ, ସୁଭଦ୍ରା ଯୋଜନା, ଏନଆରଇଜିଏସ, ଶୁକନ୍ୟା,ସ୍ପିଡ଼ି ପୋଷ୍ଟ, ପାର୍ସଲ, ରେଜିଷ୍ଟ୍ରିପୋଷ୍ଟ, ଏସବି, ଆରଡ଼ି, କୌଣସି ସେଭିଂ ଏକାଉଂଟ ଠାରୁ ଚିଠି ପତ୍ର ପ୍ରେରଣ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଠପ୍ ହୋଇଯାଇଛି । ଚଳିତ ମାସ ବିଭିନ୍ନ ପର୍ବପର୍ବାଣୀ, ଯାନିଯାତ୍ରା ଓ ରକ୍ଷା ବନ୍ଧନ ଥିବାବେଳେ ପୋଷ୍ଟାଲ କାର୍ଯ୍ୟ ଅଚଳ ହୋଇଯାଇଥିବାରୁ ଉପଭୋକ୍ତା ଓ ଜନସାଧାରଣ ନାହିଁ ନଥିବା ହଇରାଣ ହେଉଛନ୍ତି। ବିଶେଷ କରି ଭଉଣୀ ମାନେ ଦୂର ଦୂରାନ୍ତରେ ଥିବା ଭାଇଙ୍କ ପାଇଁ ରେଜିଷ୍ଟ୍ରି ପୋଷ୍ଟ, ସ୍ପିଡ଼ ପୋଷ୍ଟ ମାଧମରେ ରାକ୍ଷୀ ପଠାଇଥିଲେ । ହଜାର ହଜାର ସଂଖ୍ୟାରେ ରାକ୍ଷୀ ଗୁଡିକ ପୋଷ୍ଟ ଅଫିସ ଗୁଡିକରେ ଅଟକି ରହିଛି । ଚଳିତ ବର୍ଷ ଭଉଣୀଙ୍କ ସ୍ନେହର ରାକ୍ଷୀ ଭାଇ ମାନେ ହାତରେ ବାନ୍ଧି ପାରିବେ ନାହିଁ । ପୋଷ୍ଟ ଅଫିସରେ ସର୍ଭର କାମ କରୁ ନଥିବାରୁ ବୁଢା ବୁଢ଼ୀ ମାନେ ଭତା ଟଙ୍କା ନପାଇ ବହୁତ ଅସୁବିଧା ଭୋଗୁଛନ୍ତି । ଡାକ ସେବା ଅଚଳ ହୋଇଯାଇଥିବାରୁ ଶ୍ରମିକ ମାନେ ସେମାନଙ୍କ ଏମଜିଏନ ଆରଇଜିଏସ ମଜୁରୀ ଟଙ୍କା ପାଇ ପାରୁ ନାହାନ୍ତି । ଉପଭୋକ୍ତା ମାନେ ଜିଲ୍ଲାରେ ଥିବା ସମସ୍ତ ପୋଷ୍ଟ ଅଫିସକୁ ଆସି ଘଂଟା ଘଂଟା ଧରି ଅପେକ୍ଷା କରିବା ତଥା ସଫ୍ଟୱେର ବ୍ଲକ୍ ଡାଉନ୍ ଥିବା ଶୁଣି ପ୍ରତିଦିନ ଆସି ପୁଣି ଫେରିଯିବା ଆଦି ଅସୁବିଧା ସମ୍ମୁଖୀନ ହେଉଛନ୍ତି । ଦୀର୍ଘ ଆଠ ଦିନ ହେଲା ଏପରି ଅଚଳାବସ୍ଥା ଜାରି ରହିଛି । ବିଶେଷ କରି ଗାଁ ଗହଳିରେ ଶାଖା ଡାକଘର ଉପଭୋକ୍ତା ମାନେ ଡାକଘର ଉପରେ ହିଁ ନିର୍ଭର କରିଥାନ୍ତି । ଡାକ ଘର କାର୍ଯ୍ୟ ଅଚଳ ହୋଇଥିବାରୁ ସେମାନେ ବହୁତ ଅସୁବିଧା ଭୋଗୁଛନ୍ତି । କେତେକ କହୁଛନ୍ତି ଡିଜିଟାଲ ଇଣ୍ଡିଆ ପାଇଁ ଡାକଘର ବନ୍ଦ ହୋଇଗଲା । ଲୋକ ମାନେ ପୋଷ୍ଟ ଅଫିସକୁ ଧାଇଁ ଧାଇଁ ନୈରାଶ୍ୟଜନକ ଭାବେ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ କୌଣସି ବିକଳ୍ପ ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ କରାଯାଇ ପାରୁ ନାହିଁ । ଦୀର୍ଘ ଆଠ ଦିନ ହେଲା ପୋଷ୍ଟ ଅଫିସରେ ସଫ୍ଟୱେର ଡାଉନ୍ ଥିବାରୁ ଏଭଳି ପରିସ୍ଥିତି ଦେଖା ଦେଇଛି । ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ ଯେ, କେନ୍ଦ୍ର ସରକାରଙ୍କ ଅଧୀନରେ ପୋଷ୍ଟ ଅଫିସ ରହିଥିବା ବେଳେ ସମଗ୍ର ଭାରତ ବର୍ଷରେ ନୂତନ ସଫ୍ଟୱେର ଡାଉନ୍ ଲୋଡ୍ ଓ ସମଗ୍ର ଭାରତବର୍ଷର ଡାକଘର ଡିଜିଟାଲ ଇଣ୍ଡିଆରେ ଯୋଡି ହେବା ଯୋଗୁଁ ଏଭଳି ସମସ୍ୟା ଦେଖା ଦେଇଛି । ଏଣୁ ସମସ୍ତ ସରକାରୀ ଓ ବେସରକାରୀ ଚିଠି ପତ୍ର ଆଦାନ ପ୍ରଦାନ, ପୋଷ୍ଟ ଅଫିସରେ ଟଙ୍କା ନେଣଦେଣ ଆଦି କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ନୂତନ ସଫ୍ଟୱେର ଇନଷ୍ଟାଲ ହୋଇଗଲେ ଖୁବ ଶୀଘ୍ର ପୋଷ୍ଟାଲରେ ଇଂଟରନେଟ ଓ ଅନଲାଇନ କାର୍ଯ୍ୟ ଆରମ୍ଭ ହୋଇଯିବ । ତେବେ କେବେ ଡାକ ବିଭାଗ କାର୍ଯ୍ୟ ସ୍ୱାଭାବିକ ହେବ ତାହାକୁ ଅପେକ୍ଷା କରିଛନ୍ତି ଜମାକାରି ଓ ହିତାଧିକାରି।

# ଦାନପୁର ପଂଚାୟତରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୧୧/୦୮ (ନି.ପ୍ର): ଡେରାବିଶ ବ୍ଲକ ଦାନପୁର୍ ପଂଚାୟତର ରଜାଙ୍ଗ ଗ୍ରାମରେ ଯାତ୍ରା ସଂସ୍କୃତି ସୁରକ୍ଷା ମଂଚ ଚାରିଟେବୁଲ ଟ୍ରଷ୍ଟ, କଟକ, ଏବଂ ମା ' ବାସୁଳେଇ ଡ୍ରାମାଟିକ କ୍ଲବ ରଜାଙ୍ଗର କର୍ମକର୍ତ୍ତାମାନଙ୍କର ମିଳିତ ସହଯୋଗରେ ଏକ ବିଶାଳ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମର ମାୟା ମଠ ଏବଂ ରଜାଙ୍ଗ ସ୍କୁଲ ପରିସରରେ ୨୦୦ରୁ ଉର୍ଦ୍ଧ୍ୱ ଚାରାରୋପଣ କରାଯାଇଛି।

# ହର ଘର ତିରଙ୍ଗା ଓ ସ୍ୱଚ୍ଛତା ଅଭିଯାନ ଅନ୍ତର୍ଗତ କାର୍ଯ୍ୟକ୍ରମ

କେନ୍ଦୁଝର, ୧୧/୦୮ (ନି.ପ୍ର): ଜନସାଧାରଣଙ୍କ ମଧ୍ୟରେ ଦେଶଭକ୍ତି ଏବଂ ଜନ ଭାଗୀଦାରୀକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ, କେନ୍ଦୁଝର ଜିଲ୍ଲା ପ୍ରଶାସନ ସମଗ୍ର ଜିଲ୍ଲାରେ ହର ଘର ତିରଙ୍ଗା ଓ ସ୍ୱଚ୍ଛତା ଅଭିଯାନ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ମାନ ଆୟୋଜନ କରୁଛି। ଏହି ପରିପ୍ରେକ୍ଷୀରେ ଆଜି କଲେକ୍ଟରେଟ୍ କ୍ୟାମ୍ପସରେ ବିଭିନ୍ନ ଅଧିକାରୀ, କର୍ମଚାରୀ ଏବଂ ସ୍ୱେଚ୍ଛାସେବକମାନେ ଏକ ସଫେଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଜନସାଧାରଣଙ୍କ ପାଇଁ ଏକ ସ୍ୱଚ୍ଛ ଏବଂ ସ୍ୱାଗତଯୋଗ୍ୟ ପରିବେଶ ସୁନିଶ୍ଚିତ କରିଥିଲେ। ଆହୁରି ମଧ ସ୍ୱାଧୀନତା ଦିବସ ପାଳନ ଅ୍ୟବହିତ ପୂର୍ବରୁ କେନ୍ଦୁଝରର ପ୍ରମୁଖ ପର୍ଯ୍ୟଟନ ସ୍ଥଳଗୁଡ଼ିକର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ବିଶେଷ ସଫେଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହି ସଫେଇ କାର୍ଯ୍ୟକ୍ରମରେ କେନ୍ଦୁଝରଗଡ଼ ପୌରାଧକ୍ଷା ଶ୍ରୀମତୀ ନିକୁ ସାହୁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ନାଏକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାଏ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ, ଲଳିତ ନାଏକ ପ୍ରମୁଖଙ୍କ ସମେତ କେନ୍ଦୁଝରଗଡ଼ ପୌରପାଳିକାର ସମସ୍ତ ସଫେଇ କର୍ମଚାରୀ ଉପସ୍ଥିତ ଥିଲେ। ଜିଲ୍ଲା ପ୍ରଶାସନ ତରଫରୁ ଏହି ଅଭିଯାନର ଅଂଶ ସ୍ୱରୂପ ନାଗରିକମାନଙ୍କୁ ସେମାନଙ୍କ ଘରେ ଜାତୀୟ ପତାକା ଉତୋଳନ କରିବା ସହିତ ଏକତା ଏବଂ ଗର୍ବର ବାର୍ତ୍ତା ପ୍ରସାର କରିବା ପାଇଁ ତ୍ରିରଙ୍ଗା ସହିତ ସେଲ୍ଫି ଅପଲୋଡ୍ କରିବାକୁ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ ଆମ କେନ୍ଦୁଝରର ସ୍ଥାନୀୟ କାରିଗରୀର ସ୍ୱର୍ଣ ଯୋଡି, ମିଶନ ଶକ୍ତି ଅଧୀନରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ସକ୍ରିୟ ଭାବରେ ଜାତୀୟ ପତାକା ପ୍ରସ୍ତୁତ କରୁଛନ୍ତି, ଯାହା ଦେଶପ୍ରେମ ଏବଂ ମହିଳା ସଶକ୍ତିକରଣ ଉଭୟର ପ୍ରତୀକ। କେନ୍ଦୁଝର ଜିଲ୍ଲା ପ୍ରଶାସନ ହର ଘର ତିରଙ୍ଗା ଅଭିଯାନକୁ ସଫଳ କରିବା ପାଇଁ ପୂର୍ଣ୍ଣ ପ୍ରୟାସ ଚଳାଇବା ସହ ସ୍ୱାଧୀନତା ଦିବସ ପୂର୍ବରୁ ପ୍ରତ୍ୟେକ ଘର, କାର୍ଯ୍ୟାଳୟ ଏବଂ ସାର୍ବଜନୀନ ସ୍ଥାନ ସ୍ୱାଧୀନତା ଏବଂ ପରିଷ୍କାରତାର ଭାବନା ସହିତ ପ୍ରତିଧ୍ୱନିତ କରିବା ପାଇଁ କେନ୍ଦୁଝର ଜିଲ୍ଲାବାସୀଙ୍କୁ ନିବେଦନ କରିଛି।

# ସୁବର୍ଣ୍ଣପୁର ଜିଲ୍ଲାର ଫାଇଲେରିଆ ନିରାକରଣ ଅଭିଯାନ

ସୁବର୍ଣ୍ଣପୁର, ୧୧/୦୮ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାର ଫାଇଲେରିଆ ନିରାକରଣ ଅଭିଯାନ ଓ ସାମୁହିକ ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସୁବର୍ଣ୍ଣପୁର, ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର ଶ୍ରୀମତୀ ଅଞ୍ଜଳିନା ପ୍ରଧାନ ଓ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ସୁବର୍ଣ୍ଣପୁର ଶ୍ରୀମତି ଉଷାରାଣୀ ଦାସଙ୍କ ଦ୍ୱାରା ତରଭା ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ଅନ୍ତର୍ଡା ସ୍ଥିତ ପି.ଏମ୍ ଶ୍ରୀ ନବୋଦୟ ବିଦ୍ୟାଳୟରୁ ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ, ସୁବର୍ଣ୍ଣପୁର, ତ୍ରିବିକ୍ରମ ପାଣ୍ଡିଆ, ଅନ୍ତାର୍ଡା ପି.ଏମ୍ ଶ୍ରୀ ନବୋଦୟ ବିଦ୍ୟାଳୟର ଅଧକ୍ଷ, ବିକ୍ରମ କେଶରୀ ଭୋଇ, ଜିଲ୍ଲା ମଙ୍ଗଳ ଅଧିକାରୀ, ସୁବର୍ଣ୍ଣପୁର ଅଚ୍ୟୁତାନନ୍ଦ ସିଂହ, ଜିଲ୍ଲା ପଂଚାୟତ ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର, ଅର୍ଜୁନ ମାଝୀ, ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନାର ଅଧିକାରୀ ଓ କର୍ମଚାରୀ ବୃନ୍ଦ ତଥା ନବୋଦୟ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଓ ଅତିରିକ୍ତ ଜିଲ୍ଲାପାଳ ଦ୍ୱୟ ଫାଇଲେରିଆ ରୋଗର କାରଣ, ସଂକ୍ରମଣ, ପ୍ରତିଷେଧକ, ନିରାକରଣ ଓ ସାମୁହିକ ଔଷଧ ସେବନ ଉପରେ ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ବିଶଦ ଭାବରେ ଅବଗତ କରିଥିଲେ। ଅତିଥି ମାନେ ସର୍ବପ୍ରଥମେ ନିଜେ ଔଷଧ ସେବନ କରି ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଔଷଧ ସେବନ କରାଇଥିଲେ ଓ ଏହି ଔଷଧ ସେବନର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନଥିବା ବିଷୟ ସମସ୍ତଙ୍କୁ ଜଣାଇ ଥିଲେ। ଏହି ଅବସରରେ ଅତିଥି ମାନେ ପରାମର୍ଶ ଦେଇଥିଲେ ଯେ, ନିଜେ ଔଷଧ ସେବନ କରିବା ସଙ୍ଗେ ସଙ୍ଗେ ପରିବାରର ସମସ୍ତଙ୍କୁ ଔଷଧ ସେବନ କରାଇବେ, ଫଳରେ ଫାଇଲେରିଆ ରୋଗର ନିରାକରଣ କରାଯାଇପାରିବ। ଏହି କାର୍ଯ୍ୟକ୍ରମ ଅଗଷ୍ଟ ୧୦ ତାରିଖ ଠାରୁ ୧୯.୦୮.୨୦୨୫ ରିଖ ପଯ୍ୟନ୍ତ ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି ଓ ବିନିକା ପଂଚାୟତ ସମିତିର ଗ୍ରାମାଂଚଳ ବ୍ୟତୀତ ଜିଲ୍ଲାର ଅନ୍ୟ ସମସ୍ତ ସହରାଂଚଳ ଯଥା ସୋନପୁର ପୌର ପରିଷଦ, ତରଭା ଓ ବିନିକା ବିଜ୍ଞାପିତ ଅଂଚଳ, ସୋନପୁର, ତରଭା, ଉଲୁଣ୍ଡା ଓ ବୀରମହାରାଜପୁର ପଂଚାୟତ ସମିତି ଅଂଚଳର ସମସ୍ତ ଗ୍ରାମର ପ୍ରତ୍ୟେକ ପରିବାରର ସମସ୍ତ ଯୋଗ୍ୟ ଜନସାଧାରଣଙ୍କୁ ପ୍ରଶିକ୍ଷିତ ଡ୍ରଗ ପ୍ରଶାସକ ମାନଙ୍କ ଦ୍ୱାରା ଫାଇଲେରିଆ ଔଷଧ ସେବନ କରାଯିବ।

ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଅଧିକାରୀ, ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ, ସୁବର୍ଣ୍ଣପୁର, ଜାକବ କିମସନ୍ ପ୍ରଧାନ ପରିଚାଳନା କରିଥିଲେ। ପରେ ପରେ ତରଭା ବିଜ୍ଞାପିତ ଅଂଚଳ ଅନ୍ତର୍ଗତ ୱାର୍ଡ ସଂଖ୍ୟା ୧୧ (ଏଗାର) ଅନ୍ତର୍ଡା ଠାରେ ତରଭା ବିଜ୍ଞାପିତ ପରିଷଦର ୱାର୍ଡ ସଂଖ୍ୟା ୧୧ ର ସଭ୍ୟା ଶ୍ରୀମତୀ ସୁଜାତା ରଥଙ୍କ ଉପସ୍ଥିତିରେ ଅତିଥି ମାନଙ୍କ ଦ୍ୱାରା ଅନ୍ତର୍ଡା। ପ୍ରହରୀ ମଣ୍ଡପ ଠାରେ ଲୋକମାନଙ୍କୁ ସଚେତନ କରାଇବା ସହିତ ଫାଇଲେରିଆ ଔଷଧ ସେବନ କରାଯାଇଥିଲା।

# ବନ୍ତ ବିଜେପି ପକ୍ଷରୁ ନମିତାଙ୍କୁ ଦିଆଗଲା ସମ୍ବର୍ଦ୍ଧନା, ଗିନିଜ୍ ବୁକ ରେକର୍ଡ଼ ଲକ୍ଷ୍ୟରେ ନମିତା

ଭଦ୍ରକ, ୧୧/୦୮ (ନି.ପ୍ର): ଭଦ୍ରକ ଜିଲ୍ଲା ବି.ଟି ପୁର ପଚାଂୟତର ଇଲେଭେନଷ୍ଟାର କ୍ଲବ ପରିସରରେ ଆଜି ଇଣ୍ଡିଆ ବୁକ୍ଅଫ ରେକର୍ଡ଼ରେ ସ୍ଥାନ ପାଇଥିବା ଚକ୍ରାପାଢୀ ଗ୍ରାମର ପିତା ରବିନ୍ଦ୍ର ବେହେରା, ମାତା ରେବତୀ ବେହେରାଙ୍କ କନ୍ୟା ସୁଶ୍ରୀ ନମିତା ବେହେରାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ତଥା ଭଣ୍ଡାରିପୋଖରୀ ବିଧାନ ସଭାର ବିଜେପି ନେତା ଡ଼ ସୁଧାଂଶୁ ଶେଖର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ, ବରପୁତ୍ରର ମାଟି ଡ଼ ହରେକୃଷ୍ଣ ମହତାବ, ସଂସଦ ରତ୍ନ ଭର୍ତ୍ତୃହରି ମହତାବ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଅର୍ଜୁନ ଚରଣ ସେଠୀ, ବର୍ତମାନର ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀଙ୍କ ପରେ ଏ ମାଟିର ଗୌରବ ବୃଦ୍ଧି କରିଛନ୍ତି ଚିତ୍ର ଶିଳ୍ପୀ ନମିତା ବେହେରା। ଭଦ୍ରକ ଗୁରୁ କାରୁ କଳାରେ ଶିକ୍ଷା ସମାପ୍ତି ପରେ ନିଜର ଅଦମ୍ୟ ଇଚ୍ଛା ଶକ୍ତି ବଳରେ ୫ ଶହରୁ ଉର୍ଦ୍ଧ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସ୍ୱ ହସ୍ତରେ ଫଟୋଚିତ୍ର ଆଙ୍କି ପ୍ରଦାନ କରିବା ସହ ଇଣ୍ଡିଆ ବୁକ୍ଅଫ ରେକର୍ଡ଼ସରେ ସ୍ଥାନ ପାଇବା ବାସ୍ତବରେ ଆମ ଅଂଚଳ ଗଁ ଗାରିମାକୁ ନମିତା ବୃଦ୍ଧି କରିପାରିଛନ୍ତି। ସଭାରେ ମୁଖ୍ୟବକ୍ତା ଭାବେ ବିଜେପି ନାରୀନେତ୍ରୀ ତଥା ସମାଜ ସେବିକା ରିତାରାଣୀ ବେହେରା ଚିତ୍ର ଶିଳ୍ପୀ ନମିତାଙ୍କ ଇଛାଶକ୍ତିକୁ ପୂରଣ କରିବାରେ ତାଙ୍କ ପିତା ରବିନ୍ଦ୍ରଙ୍କ ଧର୍ଯ୍ୟ ଓ ସାହାସକୁ ଆମେମାନେ ଗ୍ରହଣ କରି ସମାଜ ପାଇଁ କିଛି କରିପାରିଲେ ଏ ଜାତିର ଉନ୍ନତି ହୋଇପାରିବ ବୋଲି ସେ କହିଥିଲେ। ବରିଷ୍ଠ ସାମ୍ବାଦିକ ହେମନ୍ତ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ବ୍ୟବସାୟୀ ତଥା ଶ୍ୟାମଭାଇ ଲୁଗାବଜାରର ସ୍ୱତାଧିକାରୀ ଶ୍ୟାମସୁନ୍ଦର ଗୁପ୍ତା, କବୟତ୍ରୀ ଅନ୍ନପୂର୍ଣ୍ଣା ଦାଶ, ସମାଜ ସେବିକା ଶାନ୍ତିଲତା କର, ଆଗରପଡ଼ା ବରିଷ୍ଠ ନାଗରିକ ସୁରକ୍ଷା ମଂଚ ସଭାପତି କୈଳାସ ଚନ୍ଦ୍ର ଧଳ, ସମ୍ପାଦକ ରଞ୍ଜନ ଦାସ, ବିଜେପି ମହତାବ ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ, ଜଗନ୍ନାଥ ପଣ୍ଡା, ଡ଼ ବର୍ଷା ବୈଶାଳିନୀ ପଣ୍ଡା ପ୍ରମୁଖ ନିଜ ନିଜ ବକ୍ତବ୍ୟରେ ନମିତାଙ୍କ କାର୍ଯ୍ୟ ତାଙ୍କୁ ଦିନେ ଗ୍ରୀନିଜ ବୁକ୍‌ରେ ନାମ ପକ୍କା କରିବାରେ ସହାୟକ ହେବ ବୋଲି ଆଶା ପୋଷଣ କରିଥିଲେ। କବୟତ୍ରୀ ଶାନ୍ତିଲତା କର ନମିତାଙ୍କ ଉଦେଶ୍ୟରେ କବିତା ପାଠ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ନାୟକ, ମୁଖ୍ୟ ବକ୍ତା ଶ୍ରୀମତି ବେହେରା ଏବଂ ବିଶିଷ୍ଟ ଅତିଥି ଶ୍ରୀ ଗୁପ୍ତା ସମ୍ବର୍ଦ୍ଧିତ ପ୍ରତିଭା ନମିତାଙ୍କୁ ବସ୍ତ୍ର, ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାରୀ ନେତ୍ରୀ ସାବିତ୍ରୀ ସାହୁ, ବିଜେପି ନେତା ଗୋପାଳ କୃଷ୍ଣ ଦାଶ, ଶିକ୍ଷାବିତ୍ ଉପେନ୍ଦ୍ର ନାଥ ଶତପଥି, ବରିଷ୍ଠ ନାଗରିକ ଜଗନ୍ନାଥ ପଣ୍ଡା ପ୍ରମୁଖ ସମ୍ବର୍ଦ୍ଧନା ଦେବା ସହ ନମିତାଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଉପେନ୍ଦ୍ର ଶତପଥିଙ୍କ ମଂଚ ସଂଯୋଜନାରେ ପ୍ରାରମ୍ଭରେ ବରିଷ୍ଠ ନାଗରିକ ସୁବାଷ ଦାଶ ଅତିଥି ପରିଚୟ ରଖିଥିବା ବେଳେ ସ୍ତମ୍ଭକାର ସୁବୋଧ ସାହୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ନାଗରିକ ମଦନ ମୋହନ ଦାଶ, ଆଇନଜୀବି ସୁରେନ୍ଦ୍ର କର, ଅଶୋକ ପରିଡ଼ା, ମଦନ ମୋହନ କଟୁଆଳ, ଜୟକୃଷ୍ଣ ସାହୁ, ଅତସୀ ପଣ୍ଡା, ବନମାଳୀ ନାୟକ, ଶ୍ୟାମ ସୁନ୍ଦର ଦାସ, ପ୍ରଶାନ୍ତ ପୁରୀ, ଶଶିକାନ୍ତ ପଣ୍ଡା, ପ୍ରତାପ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପିଇବା ପାଣି ପାଇଁ ଡହଳ ବିକଳ ଗମ୍ଭାରିଆ କେନ୍ଦୁଘୁଟୁ ସାହିବାସୀ

ଚମ୍ପୁଆ, ୧୧/୦୮ (ନି.ପ୍ର): ନଳକୂପରେ କାଦୁଅ ପାଣି ବାହାରୁଥିବାରୁ ମୁନ୍ଦାଏ ପିଇବା ପାଣି ପାଇଁ ଡହଳ ବିକଳ ହେଉଛନ୍ତି ସାହିବାସୀ। ଏହା ସହିତ ବସୁଧା ଯୋଜନାରେ ଘରକୁ ଘର ସଂଯୋଗ ହୋଇଥିବା ପାଣି ପାଇପରେ ମଧ ସାତ ଆଠ ଦିନରେ ଥରେ ପାଣି ଆସୁଥିବାରୁ ପିଇବା ପାଣି ପାଇଁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସାହିରେ ଥିବା ଏକମାତ୍ର ନଳକୂପରୁ କାଦୁଅ ପାଣି ବାହାରୁଥିବାରୁ ପିଇବା ପାଣି ସାହିବାସୀଙ୍କୁ ୩ ରୁ ୪ କିଲୋମିଟର ଯାଇ ସଂଗ୍ରହ କରିବାକୁ ପଡୁଛି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଖୋଦ ମାନ୍ୟବର ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ। ସୂଚନା ଅନୁଯାୟୀ, ଓଡ଼ିଶାର ଭାତ ହାଣ୍ଡି ବୋଲାଉଥିବା କେନ୍ଦୁଝର ଜିଲ୍ଲାର ଚମ୍ପୁଆ ବ୍ଲକ୍ ବଡ଼ନଇ ଗ୍ରାମ ପଂଚାୟତ ଅନ୍ତର୍ଗତ ଗମ୍ଭାରିଆ ଗ୍ରାମର କେନ୍ଦୁଘୁଟୁ ସାହି। ଏହି କେନ୍ଦୁଘୁଟୁ ସାହିରେ ତିରିଶରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଏଠାରେ ଥିବା ଏକ ମାତ୍ର ନଳକୂପ ହିଁ ତାଙ୍କର ସାହା ଭରସା। ମାତ୍ର ଉକ୍ତ ନଳକୂପଟି ଦୀର୍ଘ ଦିନରୁ ଅଚଳ ହୋଇ ପଡ଼ିଥିବାରୁ ତାହା ସାହି ବାସୀଙ୍କ କାମରେ ଲାଗି ପାରୁ ନଥିଲା । ଏବେ ଯଦିଓ ନଳକୂପ ଟି ମରାମତି କରାଯାଇଛି ସେଥିରୁ କାଦୁଅ ପାଣି ବାହାରୁ ଥିବାରୁ ଏହା ବ୍ୟବହାର ଯୋଗ୍ୟ ହୋଇ ନ ଥିଲେ ମଧ ସାହିବାସୀ ଅନ୍ୟ ଉପାୟ ନ ପାଇ ବାଧ ହୋଇ ଏହି କାଦୁଅ ପାଣି କୁ ବ୍ୟବହାର କରୁଛନ୍ତି। ଏହା ସହିତ ଗ୍ରାମରେ ପାଇପ ଯୋଗେ ପିଇବା ପାଣି ଯୋଗାଇବା ପାଇଁ ବସୁଧା ଯୋଜନାରେ ଘରକୁ ଘର ଷ୍ଟାଣ୍ଡପୋଷ୍ଟ ଲାଗିଥିଲେ ମଧ ପାଇପ ଯୋଗେ ଆସୁଥିବା ପାଣି ମଧ ସାତ ଆଠ ଦିନରେ ଥରେ ଲେଖାଏଁ ଆସୁଥିବାରୁ ସାହି ବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାହିବାସୀ ପାଣି ସମସ୍ୟା ନେଇ ପଂଚାୟତ ରୁ ବ୍ଲକ ପର୍ଯ୍ୟନ୍ତ ଅଭିଯୋଗ କାରିଥିଲେ ମଧ କେହି ତାଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଇ ନ ଥିବା ଅତି କ୍ଷୋଭ ର ସହ କହିଛନ୍ତି ଗ୍ରାମବାସୀ। ଯାହାକୁ ନେଇ ଅଂଚଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତେବେ ଅତି ଶୀଘ୍ର ନୂତନ ନଳକୂପ ସହିତ ବସୁଧା ଯୋଜନାରେ ପ୍ରତ୍ୟେକ ଦିନ ପାଇପ ପାଣି ଛାଡ଼ିବାକୁ ସାହିବାସୀ ଦାବୀ କରିଛନ୍ତି।

# ସାମ୍ବାଦିକ ପ୍ରଣବ କୁମାର ସାହୁଙ୍କ ପଞ୍ଚମ ଶ୍ରାଦ୍ଧ ବାର୍ଷିକୀ ସ୍ମୃତି ସଭା



ବାଲିଆପାଳ , ୧୧/୮ (ନି.ପ୍ର): ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅଧିନସ୍ଥ ମଇଁଷାମୁଣ୍ଡା ଗ୍ରାମର ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁଙ୍କ ପୁତ୍ର ପ୍ରାକ୍ତନ ସମାଜ ଖବର କାଗଜ ର ସାମ୍ବାଦିକ - ଶିକ୍ଷାବିତ ପ୍ରଣବ କୁମାର ସାହୁଙ୍କ ପଞ୍ଚମ ଶ୍ରାଦ୍ଧ ବାର୍ଷିକୀ ସ୍ମୃତିସଭା ରବିବାର ତାଙ୍କ ଖପରାପଦା ସ୍ଥିତ ବାସ ଭବନଠାରେ ପାଳିତ ହୋଇ ଯାଇଛି। ଏଥିରେ ବାଲିଆପାଳର ବରିଷ୍ଠ ନାଗରିକ, ସାହିତ୍ୟିକ , ରାଜନେତା, ଯୁବ ଛାତ୍ର, ସାମ୍ବାଦିକ, ବୁଦ୍ଧିଜୀବୀ ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ ସଭ୍ୟ ତଥା ଶିକ୍ଷାବିତ ପୂର୍ଣ ଚନ୍ଦ୍ର ରାଜଙ୍କ ସଭାପତିତ୍ୱ ରେ ଅତିଥି ଭାବେ ବସ୍ତା ନିର୍ବାଚନ ମଣ୍ଡଳୀର ବିଧାୟିକା ସୁବାସିନୀ ଜେନା, ଶିକ୍ଷାବିତ ଚିତ୍ତରଞ୍ଜନ ଦାସ, ଅଧ୍ୟାପକ ଡ଼ଃ ସୁକାନ୍ତ ଗିରି, କବି ଡ଼ଃ କାଳିପଦ ପଣ୍ଡା,ଡ଼ଃ ବଂକିମ ଚନ୍ଦ୍ର ଜେନା, ଜଳେଶ୍ୱର ଦୀନକୃଷ୍ଣ ସ୍ମୃତି ପରିଷଦର ସମ୍ପାଦକ ପ୍ରାଧ୍ୟାପକ ସାହିତ୍ୟିକ ବିପିନ ବିହାରୀ ବିଶ୍ୱାଳ, ବିଶିଷ୍ଟ କବି ବ୍ରଜେନ୍ଦ୍ର ନାଥ ଗିରି , ଅନିରୁଦ୍ଧ ମଣ୍ଡଳ ପ୍ରମୁଖ ମଧ ମଂଚାସୀନ ହୋଇଥିଲେ। ପ୍ରଣବ କୁମାର ସାହୁ ଏକାଧାରରେ ଜଣେ ସମାଜସେବୀ, ଶିକ୍ଷାବିତ ଓ ସାମ୍ବାଦିକ ଥିଲେ। ଅତିଥିମାନେ ତାଙ୍କ କର୍ମ କୁଶଳତାର ସ୍ମୃତି ଚାରଣ କରିଥିଲେ। ବୈଠକରେ ପୂର୍ବତନ ଅଧ୍ୟକ୍ଷ ଡ଼ ବିଜୟ କୁମାର ଦେ, ଉତ୍କଳ ସମ୍ମିଳନୀର ସମ୍ପାଦକ ସନ୍ନ୍ୟାସୀ ବେହେରା, କବି ବିଜୟ ପାତ୍ର, ବେଣୁଧର ମଣ୍ଡଳ, ଝାଡ଼େଶ୍ୱର ଦାସ, ଗୁଣାକର ପାଳ, କାର୍ତ୍ତିକ ରାଉତ, ରାମ କୃଷ୍ଣ ପାତ୍ର , ପ୍ରାକ୍ତନ ଅଧ୍ୟାପକ ଅନନ୍ତ କୁମାର ଗିରି,ପ୍ରାକ୍ତନ ଅଧ୍ୟକ୍ଷ କୁମୁଦ ରଞ୍ଜନ ସାହୁ, କାମଳ ଲୋଚନ ପିଳା, ଅଜୟ କୁମାର ଦାସ ପ୍ରମୁଖ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ । ସ୍ୱର୍ଗତଃ ସାହୁଙ୍କ ପିତା ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁ ଙ୍କ ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ । ତାଙ୍କ ବଡଭାଇ ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଦିବଂଗତ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ବାର୍ଷିକ ଅଧିବେଶନ ବୈଠକ



ବସ୍ତା, ୧୧/୮ (ନି.ପ୍ର): ବସ୍ତା ସ୍ଥିତ ଏସ ବି ଏ କଲ୍ୟାଣ ମଣ୍ଡପ ପରିସରରେ ରବିବାର ଅପରାହ୍ନରେ ରାଜ୍ୟ ସରକାରଙ୍କ ଅବସର ପ୍ରାପ୍ତ କର୍ମଚାରୀ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ବସ୍ତା କର୍ମଚାରୀ ସଂଘର ସଭାପତି ଶ୍ରୀ ଶିଶିର କୁମାର ରଥଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ପେନସନ ଉପଭୋକ୍ତା ମାନଙ୍କର ସମସ୍ୟା ଉପରେ ଚିଠା ପ୍ରସ୍ତୁତ କରିବା ସହିତ ଅଷ୍ଟମ ବେତନ କମିଶନ ରେ ରୂପରେଖ ଗ୍ରେଡ ପେ (୧) କାର୍ଯ୍ୟକାରୀ ସଦସ୍ୟ ପ୍ରଫୁଲ୍ଲ କୁମାର ଜେନାଙ୍କ କ୍ଷୁଦ୍ରଗଳ୍ପ 'କାହାଣୀର ଇତିକଥା' ଉନ୍ମୋଚନ ନିମନ୍ତ୍ରୀତ ଅତିଥି ମାନଙ୍କୁ ସମ୍ବୋଦ୍ଧନା ବିଷୟ ଆଲୋଚନା ହୋଇଥିଲା । ବୈଠକରେ ସଭାପତି ଗଗନବିହାରୀ ଯେନା ଉପସଭାପତି ପ୍ରାଧ୍ୟାପକ ବିଜୟ କୁମାର ଘୋଷ, ସହ ସମ୍ପାଦକ କୁମୁଦରଞ୍ଜନଗିରି ସଂଗଠକ ସମ୍ପାଦକ ଶ୍ରୀ ଶ୍ରୀପତିଚରଣ ପାତ୍ର ବିଜୟ ପ୍ରମାଣିକ ରମାକାନ୍ତ ବେହେରା, ମଳୟନନ୍ଦ ରାମଚନ୍ଦ୍ର ସାହୁ ହରେରାମ ମହାନ୍ତି ମଧୁସୁଦନ ସାହୁ ଅଚ୍ୟୁତାନନ୍ଦ ଗନ୍ତାୟତ ଯତିନ୍ଦ୍ର ରାଉଳ ଅଶୋକ ବେହେରା ରାଧାକୃଷ୍ଣ ବେହେରା ସମେତ ବ୍ଲକର ସମସ୍ତ ପେନସନଧାରୀ କର୍ମଚାରୀ ଉପସ୍ଥିତଥିଲେ । ଉପଦେଷ୍ଟା ଶଙ୍କର କୁମାରକର ଧନ୍ୟବାଦ ଦେଇଥିଲେ ।

# ମାଣିଖମ୍ବ ମାଣିକେଶ୍ୱର ବାବାଙ୍କ ଶ୍ରାବଣ ମାସ ଶେଷ ସୋମବାର ଜଳ ଲାଗି ଉତ୍ସବ

ବାଲେଶ୍ୱର , ୧୧/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ମାଣିଖମ୍ବ ର ବାବା ମାଣିକେଶ୍ୱର ବାବାଙ୍କ ଶ୍ରାବଣ ମାସ ଶେଷ ସୋମବାର ଜଳ ଲାଗି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବହୁ ବର୍ଷ ପୂର୍ବର କଥା କଥିତ ବିଧି ବିଧାନ ଅନୁସାରେ ପ୍ରତ୍ୟେକ ବର୍ଷ ଶ୍ରାବଣ ମାସ ଶେଷ ସୋମବାର ରେ ବାବା ମାଣିକେଶ୍ୱର ଜଳ ଲାଗି ହୋଇ ଆସୁଛି ।ଚଳିତ ବର୍ଷ ମଧ ମୁଖ୍ୟ ପୂଜକ ଗୋବିନ୍ଦ କୁମାର ଦ୍ୱିବେଦୀ ଙ୍କ ନେତୃତ୍ୱରେ ମାଣିଖମ୍ବ ର ସମସ୍ତ ଗ୍ରାମ ର ଜନସାଧାରଣ ଏକତ୍ରିତ ହୋଇ ବାଲେଶ୍ୱର ବାଲିଘାଟ ନଦୀରେ ପୂଜା ଅର୍ଚ୍ଚନା କରି କାଉଁଡିଆ ଭାବେ ଜଳକୁ କଳସରେ ଧରି ବହାଙ୍ଗି କାନ୍ଧରେ ନେଇ ସହର ପରିକ୍ରମା କରି ଶେଷରେ ମାଣିଖମ୍ବ ର ବାବା ମାଣିକେଶ୍ୱର ମହାଦେବ ଙ୍କ ଉପରେ ଜଳ ଲାଗି କରିଥିଲେ । ଓ କାଉଁଡିଆ ମାନେ ଶୃଙ୍ଖଳିତ ଭାବେ ଧାଡ଼ିରେ ଯାଇ ମହାଦେବ ଦର୍ଶନ ପୂଜା କରି ସାରି ଗ୍ରାମ ବାସୀ ଅନ୍ନ ପ୍ରସାଦ ବ୍ୟବସ୍ଥା କରିଥିବାରୁ କାଉଁଡିଆ ଭାଇ ଭଉଣୀ ମାନେ ଆନନ୍ଦର ସହିତ ପ୍ରସାଦ ସେବନ କରିଥିଲେ । ଏହି କାର୍ଯ୍ୟ କ୍ରମକୁ ଗ୍ରାମର ଗୋବିନ୍ଦ ଚନ୍ଦ୍ର ଦ୍ୱିବେଦୀ, ରାଜୀବ କମିଳା, ସବିତା କମିଳା, ସଞ୍ଜୟ କମିଳା , ଆଦ୍ୟାସା ଦ୍ୱିବେଦୀ, ମାଳତୀ ବେହେରା , ଗୀତା କମିଳା , ସୁମିତ୍, ଦେବାଶିଷ , ହିମାଂଶୁ , ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ସୁନା ବଜାରରେ ସୁନା ଶସ୍ତା, ରୂପାରେ କୌଣସି ପରିବର୍ତ୍ତନ ନାହିଁ

ନୂଆଦିଲ୍ଲୀ, ୧୧/୮ (ନି.ପ୍ର): ଘରୋଇ ସୁନା ବଜାରରେ ସୁନା ମୂଲ୍ୟରେ ଆଜି ହ୍ରାସ ଘଟୁଛି। ତଥାପି ରୂପାର ମୂଲ୍ୟରେ ଆଜି କୌଣସି ପରିବର୍ତ୍ତନ ହୋଇନାହିଁ। ସୁନା ଆଜି ୭୦୦ ଟଙ୍କା ହ୍ରାସ ପାଇ ୭୬୦ ଟଙ୍କା ପ୍ରତି ୧୦ ଗ୍ରାମ ହୋଇଛି। ମୂଲ୍ୟ ହ୍ରାସ ଯୋଗୁଁଆଜି ଦେଶର ଅଧିକାଂଶ ସୁନା ବଜାରରେ ୨୪ କ୍ୟାରେଟ୍ ସୁନା ୧,୦୨,୨୮୦ ଟଙ୍କାରୁ ୧,୦୨,୪୩୦ ଟଙ୍କା ପ୍ରତି ୧୦ ଗ୍ରାମ ସ୍ତରରେ କାରବାର ହେଉଛି। ସେହିପରି ୨୨ କ୍ୟାରେଟ୍ ସୁନା ମଧ ଆଜି ୯୩,୭୫୦ ଟଙ୍କାରୁ ୯୩,୯୦୦ ଟଙ୍କା ପ୍ରତି ୧୦ ଗ୍ରାମ ମଧ୍ୟରେ ବିକ୍ରି ହେଉଛି। ରୂପାର ମୂଲ୍ୟରେ କୌଣସି ପରିବର୍ତ୍ତନ ନ ହେବା ଯୋଗୁଁ ଚମକଦାର ଧାତୁ ଦିଲ୍ଲୀ ସୁନା ବଜାରରେ ଆଜି ମଧ ୧,୧୭,୦୦୦ ଟଙ୍କା ପ୍ରତି କିଲୋଗ୍ରାମ ସ୍ତରରେ ବିକ୍ରି ହେଉଛି।

# କଙ୍କାକାଳିଆ ସାର୍ବଜନୀନ ଦୁର୍ଗାପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ

## ରତିକାନ୍ତ ସଭାପତି ଓ ସଞ୍ଜୀବ ସାଧାରଣ ସମ୍ପାଦକ



ବେତନଟୀ,୧୧/୦୮ (ନି.ପ୍ର): ବେତନଟୀର ଅନ୍ୟତମ ଆକର୍ଷଣୀୟ ଦୁର୍ଗାପୂଜା ଆୟୋଜନ କରିଆସୁଥିବା କଙ୍କାକାଳିଆ ଦୁର୍ଗାପୂଜା କମିଟିର ସାଧାରଣ ବୈଠକ କମିଟିର ପୂର୍ବତନ ସଭାପତି ରବିନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ କଙ୍କାକାଳିଆ ଯୁବକ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ କମିଟିର କୋଷାଧ୍ୟକ୍ଷ ଅଲେଖ କୁମାର ମହାନ୍ତ ପୂର୍ବ ବର୍ଷର ଆୟ-ବ୍ୟୟର ହିସାବ ପ୍ରଦାନ କରିଥିଲେ । ଚଳିତ ବର୍ଷ ଦୁର୍ଗାପୂଜାକୁ ଅନ୍ୟ ବର୍ଷ ଭଳି ମହାସମାରୋହରେ ଆୟୋଜନ କରିବା ପାଇଁ ବୈଠକରେ ବିଭିନ୍ନ ଯୋଜନାର ପ୍ରସ୍ତୁତ କରାଯାଇଥିଲା। ବୈଠକରେ ଉପସ୍ଥିତ ସଦସ୍ୟମାନଙ୍କର ସର୍ବସମ୍ମତି କ୍ରମେ ଚଳିତ ବର୍ଷ ପାଇଁ ରତିକାନ୍ତ ମହାନ୍ତଙ୍କୁ ସଭାପତି, ପୂର୍ଣ୍ଣଚନ୍ଦ୍ର ସାହୁ ଉପସଭାପତି, ସଞ୍ଜୀବ କୁମାର ଜେନା (ବୁଲୁ) ସାଧାରଣ ସମ୍ପାଦକ, ସହ ସମ୍ପାଦକ ଭାବରେ ସାଗ୍ରାମ ମାରାଣ୍ଡି, ଓ ଚନ୍ଦନ କୁମାର ସାହୁ, କୋଷାଧ୍ୟକ୍ଷ ଭାବେ ଅଲେଖ କୁମାର ମହାନ୍ତ, ସହ କୋଷାଧ୍ୟକ୍ଷ ଭାବେ ଲଳିତ କୁମାର ମହାନ୍ତଙ୍କୁ ଚୟନ କରାଯାଇଛି । ଏହି ବୈଠକରେ ବରିଷ୍ଠ ସଦସ୍ୟ ସୁନ୍ଦର ମୋହନ୍ ମହାନ୍ତ , ସମାଜସେବୀ ପ୍ରକାଶ ଚନ୍ଦ୍ର ବେହେରା ଅନନ୍ତ ମହାନ୍ତ , ଚନ୍ଦ୍ର ଶେଖର ରାଉତ, ବୁବୁନ ମହାନ୍ତ , ଆଦିକାନ୍ତ ମହାନ୍ତ , ନରୋତ୍ତମ ମହାନ୍ତ , ଭରତ ଚନ୍ଦ୍ର ଦୁର୍ଗା , ରବି ମାରାଣ୍ଡି, ଅଶୋକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ରାଜସ୍ୱ ଅମଲା ସଂଘର ୧୦ ଦଫା ଦାବି ନେଇ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ସମୁହ ଛୁଟିରେ ଗଲେ ଅମଲା




ଜଳେଶ୍ୱର, ୧୧/୮ (ନି.ପ୍ର): ରାଜ୍ୟ ରାଜସ୍ୱ ଅମଲା ସଂଘ ଓ ଜିଲ୍ଲା ସଂଘ ନିର୍ଦ୍ଦେଶ କ୍ରମେ ଆଜି ଠାରୁ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଜଳେଶ୍ୱର ବ୍ଲକ ରାଜସ୍ୱ ଅମଲା ସଂଘ ତରଫରୁ ଜଳେଶ୍ୱର ତହସିଲ,ବ୍ଲକ ଓ ଆଇସିଡ଼ିଏସ ବିଭାଗରେ ଥିବା ମୋଟ ୨୧ ଜଣ ଅମଲା ମାନେ ୧୦ ଦଫା ଦାବି ନେଇ ସମୁହ ଛୁଟିରେ ଯାଇଛନ୍ତି। ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ କର୍ମଚାରୀଙ୍କ ପ୍ରାରମ୍ଭିକ ଦରମା ଓଆରଏସପି -୨୦୧୭ ନିୟମ ଅନୁଯାୟୀ ସ୍ତର-୯ କୁ ବୃଦ୍ଧି କରାଯାଉ। ସରକାରଙ୍କ ଜି.ଏ.ଏବଂ ପି.ଜି. ବିଭାଗର ୧୫.୩.୨୦୨୪ ମସିହାର ପତ୍ର ସଂଖ୍ୟା ୮୮୯୮ ଅନୁଯାୟୀ ସମସ୍ତ ଜିଲ୍ଲା କଲେକ୍ଟରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଆଧାରରେ ନୂତନ ପଦବୀ ସୃଷ୍ଟି କରାଯିବା ଉଚିତ ଏବଂ ସେହି ଅନୁଯାୟୀ କ୍ୟାଡର ପୁନର୍ଗଠନ କରାଯାଉ। କେନ୍ଦ୍ର ସରକାର ଅଖିଳ ଭାରତୀୟ ସେବା କର୍ମଚାରୀଙ୍କ ପାଇଁ କରିଥିବା ସମସ୍ତ ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ୨୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା କରାଯାଉ। ୨୦୨୦ ମସିହାରେ କାର୍ଯ୍ୟକାରୀ ହୋଇଥିବା ପୁନର୍ବାସ ଯୋଜନାର ନିୟମଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରାଯିବା ଉଚିତ ଏବଂ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ସଦସ୍ୟଙ୍କୁ ୧୯୯୦ ମସିହାରେ କାର୍ଯ୍ୟକାରୀ ହୋଇଥିବା ନିୟମ ଅନୁଯାୟୀ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ଦିଆଯିବା ଉଚିତ ନୁହେଁ ।ଜିଲ୍ଲା କ୍ୟାଡର ରାଜସ୍ୱ କର୍ମଚାରୀଙ୍କୁ ଓଡ଼ିଶା ରେଭିନ୍ୟୁ ସେବାରେ ଶତପ୍ରତିଶତ ପଦୋନ୍ନତି ଦିଆଯାଉ ।ନୂତନ ପେନସନ ଯୋଜନାକୁ ଉଚ୍ଛେଦ କରାଯିବା ଉଚିତ ଏବଂ ସମସ୍ତ ସରକାରୀ କର୍ମଚାରୀଙ୍କୁ ପୁରୁଣା ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ଉଚିତ। ପାରାମେଡିକାଲ୍ ପଦୋନ୍ନତି ଢାଞ୍ଚା ବଜାୟ ରଖିବା ପାଇଁ ଜୁନିଅର ସହାୟକ ରୁ ସିନିୟର ସହାୟକଙ୍କ ପଦୋନ୍ନତି ପାଇଁ ଆବଶ୍ୟକୀୟ ଅବଧି ୪ ବର୍ଷ ପର୍ଯ୍ୟନ୍ତ ସ୍ଥିର କରାଯାଉ। ସେକ୍ସନ ଅଫିସର ପଦବୀକୁ ପଦୋନ୍ନତି ସମ୍ପର୍କରେ,ବାସ ଅବଧି ବରିଷ୍ଠ ସହାୟକ ଏବଂ ଏଏସ୍ ଭାବରେ ୪ ବର୍ଷ ପର୍ଯ୍ୟନ୍ତ ସ୍ଥିର କରାଯାଉ। ବିଭିନ୍ନ ରାଜସ୍ୱ ମାମଲା ପରିଚାଳନା ପାଇଁ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ମନ୍ତ୍ରୀସ୍ତରୀୟ କର୍ମଚାରୀଙ୍କ ୟୁଜର ଆଇଡି ସୃଷ୍ଟି କରାଯିବା ଉଚିତ ନୁହ। କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ନୂତନ ଭାବରେ ନିଯୁକ୍ତି ପାଇଥିବା ଜିଲ୍ଲା ରାଜସ୍ୱ ମନ୍ତ୍ରୀସ୍ତରୀୟ କର୍ମଚାରୀଙ୍କ ପାଇଁ ପ୍ରେରଣା ତାଲିମ ଦିଆଯାଉ ପ୍ରଭୃତି ଦାବି ନେଇ ସିନିଅର ରେଭିନ୍ୟୁ ଆସିଷ୍ଟାଣ୍ଟ ବିଶ୍ୱଜିତ ଦତ୍ତ, ଯଶୋମତି ଦଳାଇ, ରଜତ କାନ୍ତି,ସିଦ୍ଧେଶ୍ୱର ଦଣ୍ଡପାଟ, ସନ୍ତୋଷ ଭଞ୍ଜ, ମାୟାବତି ମାଝି, ଜୁନିଅର ରେଭେନ୍ୟୁ ଆସିଷ୍ଟାଣ୍ଟ ତନୁଶ୍ରୀ ମହାନ୍ତି ଓ ରାଧିକା ମହାନ୍ତି, ପଲ୍ଲବୀ ଦାସ, ଅପରାଜିତା ପାଣିଗ୍ରାହୀ, ଜ୍ୟୋତି ପ୍ରକାଶ ମାହାନ୍ତି, ରାଧିକା ମୁର୍ମୁ, ମନ୍ଦାକିନୀ ସିଂ, କିଶୋର ମହାପାତ୍ର, ଶିବ ସୁନ୍ଦର ଦତ୍ତ, ଶଶିକାନ୍ତ ସିଂ,ବିକାସ ଘଡାଇ,ନମିତା ସିଂ ପ୍ରମୁଖ କର୍ମଚାରୀ ଅନିର୍ଦ୍ଧିଷ୍ଟ କାଳ ପାଇଁ ସମୁହ ଛୁଟି ନେଇଛନ୍ତି ବୋଲି ଜଣା ପଡିଛି।


## AFFIDAVIT

I, Maheswar Das, Aadhaar card No. 9128 1935 8959, aged about 55 years, S/O- Padmalochan Das of village- Deula, P.O.- Jathia, Via- Singla, P.S.- Baliapal, District- Balasore, pin- 756023 state that I am a permanent resident of aforesaid address. My deceased son's name is Bikash Chandra Das S/O- Maheswar Das of village- Deula, P.O.- Jathia, Via- Singla, P.S.- Baliapal, District- Balasore, pin- 756023 which is mentioned in his death certificate Regd. no. 13731/2018, Matriculation Board Certificate Sl. No. 1501190291 and in his Aadhaar card No. 8530 0586 7038. But mistakenly my deceased son's name is printed as Santosh Kumar Das, S/O- Chitta Ranjan Das in his LIC policy no. 585659467. Santosh Kumar Das is my son's nick name and Chitta Ranjan Das is my nick name. Both Bikash Chandra Das and Santosh Kumar Das are one and same person.

**Maheswar Das**


# ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ

ଜଳେଶ୍ୱର, ୧୧/୮ (ନି.ପ୍ର): ଜଳେଶ୍ୱର ନୂଆ ବଜାର ସ୍ଥିତ ଶୁଭା କଲ୍ୟାଣ ମଣ୍ଡପ ସମ୍ମିଳନୀ କକ୍ଷରେ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ରୁବିଷ୍ଟାର ଜଗଦାନନ୍ଦ ସାହୁଙ୍କ ପରିଚାଳନା ରେ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ସୈନିକ ତଥା ଏ ଡବ୍ଲୁ ପି ଏଲ ର ଡାଇମଣ୍ଡ ରାଜେଶ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆପଣଙ୍କ ପାରିବାର ପାଇଁ ସ୍ୱାସ୍ଥ୍ୟ ଆପଣଙ୍କ ହାତରେ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ରୁବିଷ୍ଟାର ଜଗଦାନନ୍ଦ ସାହୁ,ଏମରାଲ୍ଡ ବାବନ ଭୂଷଣ ନାୟକ, ସୁବିର କୁମାର ସେନାପତି, ସୁକୁମାର ଦାସ, ଅମର କୁମାର ପାତ୍ର, ଝଡେଶ୍ୱର୍ ଦାସ, ଅମଲେନ୍ଦୁ ଦୀକ୍ଷିତ ପ୍ରମୁଖ ଯୋଗ ଦେଇ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ସଂସଦରେ ଆଗତ ହେଲା ...

ଏଥିରେ ଡ୍ରାଫ୍ଟିଂ ତ୍ରୁଟି ସଂଶୋଧନ, ବାକ୍ୟ ବ୍ୟବସ୍ଥା ଏବଂ କ୍ରସ-ରେଫରେନ୍ସିଂ ଭଳି ପରିବର୍ତ୍ତନ ଅନ୍ତର୍ଭୁକ୍ତ। ପୁରୁଣା ବିଲ ପ୍ରତ୍ୟାହାର କରାଯାଇଛି ଯାହା ଦ୍ୱାରା କୌଣସି ଦ୍ୱନ୍ଦ୍ୱ ନ ହୁଏ ଏବଂ ନୂତନ ଡ୍ରାଫ୍ଟ ୧୯୬୧ ଆଇନକୁ ପରିବର୍ତ୍ତନ କରିବା ପାଇଁ ଆଧାର ଗଠନ କରିବ। ସିଲେକ୍ଟ କମିଟି ନୂତନ ଇନ୍‌କମ୍ ଟ୍ୟାକ୍ସ ବିଲ ସମ୍ପର୍କରେ ଅନେକ ପରାମର୍ଶ ଦେଇଛି। ୩୧ ସଦସ୍ୟ ବିଶିଷ୍ଟ ସଂସଦୀୟ ସିଲେକ୍ଟ କମିଟି ଗତ ମାସରେ ୪,୫୭୫ ପୃଷ୍ଠାର ଏହାର ବିସ୍ତୃତ ନିଷ୍କର୍ଷ ଉପସ୍ଥାପନ କରିଥିଲା। ସେମାନଙ୍କର ସୁପାରିଶରେ ଛୋଟ ସଂଶୋଧନ ଏବଂ ୩୨ଟି ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ସାମିଲ ଅଛି।

### ଆସନ୍ତାବର୍ଷଠୁ 'ଓପନ୍ ...

ଲାଗୁ ହେବ। ପରୀକ୍ଷାମୂଳକ ଭାବେ ଏହାକୁ ଲାଗୁ ପାଇଁ ଗତ ଜୁନ୍‌ରେ ଅନୁମତି ଦେଇଥିଲା ସିବିଏସ୍‌ଇ ଗଭର୍ଣ୍ଣିଂ ବଡି। ଯାହାଫଳରେ ଏହାର କାର୍ଯ୍ୟକାରିତା ଏବଂ ସ୍କୁଲରେ ଗ୍ରହଣୀୟତା ଜଣାପଡ଼ିବ। ନ୍ୟାସନାଲ କରିକୁଲମ୍ ଫ୍ରେମଓ୍ୱର୍କ ଫର୍ ସ୍କୁଲ ଏଜୁକେସନ୍ ୨୦୨୩ ଏବଂ ଜାତୀୟ ଶିକ୍ଷା ନୀତି ୨୦୨୦ ଧାରାରେ, ଘୋଷା ପାଠରୁ ପିଲାଙ୍କ ଧ୍ୟାନ ହଟାଇ ବିଶ୍ଳେଷଣାତ୍ମକ ଏବଂ ଯୋଗ୍ୟତା ଭିତ୍ତିକ ଶିକ୍ଷା ଉପରେ କେନ୍ଦ୍ରୀଭୂତ କରିବାକୁ ଏହି ନିଷ୍ପତ୍ତି ହୋଇଛି। ତେବେ ଏହି ଫର୍ମାଟରେ ପରୀକ୍ଷା କରାଇବେ କି ନାହିଁ ଏହା ସ୍କୁଲ ଗୁଡ଼ିକର ଇଚ୍ଛାଧୀନ ରହିବ। ତେବେ ଏଥିପାଇଁ ସିବିଏସ୍‌ଇ ପକ୍ଷରୁ ମାର୍ଗଦର୍ଶିକା ପ୍ରଦାନ କରାଯିବ। ସିବିଏସ୍‌ଇର ଏହି ନିଷ୍ପତ୍ତି ପଛରେ ଉଦ୍ଦେଶ୍ୟ ହେଉଛି, ଡିଜିଟାଲ୍ ପ୍ଲାଟ୍ ଫର୍ମରୁ ପିଲାଙ୍କ ଧ୍ୟାନ ହଟାଇ ପାଠ୍ୟପୁସ୍ତକ ପ୍ରତି ଆଗ୍ରହ ସୃଷ୍ଟି କରିବା। କାରଣ ବର୍ତ୍ତମାନ ପିଲାମାନେ ଗୁଗୁଲ ଓ ୟୁଟ୍ୟୁବ୍ ଭଳି ପ୍ଲାଟ୍ ଫର୍ମରୁ ଶିକ୍ଷା ଆହରଣ କରୁଛନ୍ତି। ପାଠ୍ୟ ପୁସ୍ତକ ସହ ପିଲାଙ୍କୁ ଅଭ୍ୟସ୍ତ କରାଇ ଆସନ୍ତା ବର୍ଷ ଦେବାକୁ ଥିବା ଦଶମ ବୋର୍ଡ ପରୀକ୍ଷା ଲାଗି ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛି ସିବିଏସ୍‌ଇ। ଏଥିପାଇଁ ଶିକ୍ଷକ ମାନଙ୍କୁ ଖୁବ ଶୀଘ୍ର ଟ୍ରେନିଂ ମଧ ଦିଆଯିବ। ପ୍ରତି ଶିକ୍ଷାବର୍ଷରେ ୩ଟି ପେନ୍-ପେପର୍ ଟେଷ୍ଟ ର ଏହା ଅଂଶବିଶେଷ ରହିବ। ଏହା ପୂର୍ବରୁ ୨୦୧୪ ଓ ୨୦୨୩ରେ ମଧ ବିଭିନ୍ନ ଶ୍ରେଣୀ ପାଇଁ ଓପନ୍ ବୁକ୍ ଆସେସମେଣ୍ଟ ବ୍ୟବସ୍ଥା ପରୀକ୍ଷାମୂଳକ ଭାବେ ଲାଗୁ କରିଥିଲା ସିବିଏସଇ। ଓପନ ବୁକ୍ ଟେଷ୍ଟ କେବଳ ଇଣ୍ଟରନାଲ୍ ପରୀକ୍ଷାରେ କରାଯିବ।

### ଭୋଟର ତାଲିକା...

ଥିବା ବେଳେ ଏହା ପ୍ରସ୍ତୁତ ହୋଇଥିଲା। ସେହି ସମୟରେ ସମସ୍ତେ କେବଳ ଚୁପ ବସିଥିଲେ। ସେମାନଙ୍କ ଆଖି କ'ଣ ବନ୍ଦ ଥିଲା ? ଯଦି ଆମେ କଥା କହିବାକୁ ଚାହିଁବା, ତା'ହେଲେ ଅନେକ କିଛି କହି ହେବ। ଏହା ସତ ଯେ ଭୋଟର ତାଲିକାରେ ଅନିୟମିତତା ହୋଇଛି। ଏହା ସଂପୂର୍ଣ୍ଣ ସତ। ଏଥିରେ କୌଣସି ମିଛ ନାହିଁ।

### ଆସୁଛି ଲଘୁଚାପ...

ବର୍ଷା ଜାରି ରହିଛି। ଆସନ୍ତାକାଲି ସକାଳ ସାଢ଼େ ୮ଟା ଯାଏ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ୪ ଜିଲ୍ଲା ମାଲକାନଗିରି, କୋରାପୁଟ, ରାୟଗଡ଼ା ଓ ଗଜପତିକୁ ଜାରି ହୋଇଛି ୟେଲୋ ୱାର୍ଣ୍ଣିଂ। ସେହିପରି ବାକି ୨୦ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହ ଘଣ୍ଟାପ୍ରତି ୩୦-୪୦ କିମି ବେଗରେ ପବନ ବହିପାରେ। ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ପବନ ଆଶଙ୍କା ଥିବାରୁ ୧୩ ତାରିଖରେ ଦକ୍ଷିଣ ଓଡ଼ିଶା ଉପକୂଳ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ନଯିବାକୁ ବାରଣ କରାଯାଇଛି। ତେବେ ୧୩ ତାରିଖରେ ଲଘୁଚାପ ହେଲେ ମଧ ରାଜ୍ୟରେ ନିଅଣ୍ଟିଆ ବର୍ଷା ଲାଗି ରହିବ। ୧୨ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଅଳ୍ପ କେତେକ ସ୍ଥାନରେ ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି।

### ପରମାଣୁ ଅସ୍ତ୍ରର ଧମକ...

କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଭାରତର ବନ୍ଧୁ ରାଷ୍ଟ୍ର କୁହାଯାଉଥିବା ଆମେରିକା ମାଟିରୁ ଭାରତକୁ ଧମକ ଦେଇଥିଲେ ମୁନିର । ମୁନିର କହିଛନ୍ତି, ଯଦି ଭାରତ ସହ ପୁଣି ଯୁଦ୍ଧ ହୁଏ ତେବେ ପାକିସ୍ତାନ ପରମାଣୁ ଅସ୍ତ୍ର ସହ ଜବାବ ଦେବ । ପାକିସ୍ତାନ ନିଜ ଅସ୍ତିତ୍ୱ ବଞ୍ଚାଇବାକୁ କିଛି ବି କରିପାରେ । ସିନ୍ଧୁ ନଦୀ ଉପରେ ଡ୍ୟାମ୍ ନିର୍ମାଣ କଲେ ୧୦ ମିସାଇଲ୍ ମାରି ନଷ୍ଟ କରିବୁ । ସିନ୍ଧୁ ନଦୀ ଭାରତର ଏକାକୀ ସମ୍ପତ୍ତି ନୁହେଁ । ଆମ ପାଖରେ ମିସାଇଲ୍ ଓ ପରମାଣୁ ଅସ୍ତ୍ର କୌଣସି ଅଭାବ ନାହିଁ । ସୁଧୁରନି ପାକିସ୍ତାନ, ଭାରତଠୁ କଡ଼ା ଜବାବ ପାଇବା ପରେ ବି ଫମ୍ପା ଧମକ ଦେବାରେ ଲାଗିଛି । ଫିଲ୍ଡ ମାର୍ଶଲ ଆସୀମ ମୁନିରଙ୍କୁ ପୁଣି କଡ଼ା ଶବ୍ଦରେ ଭର୍ତ୍ସନା କରିବା ସହ ଭାରତ କୌଣସି ପରମାଣୁ ଧମକକୁ ଭୟ କରେନି ବୋଲି କହିଛି । ଭାରତୀୟ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଏକ ବିବୃତ୍ତି ଜାରି କରାଯାଇଛି। ଯେଉଁଥିରେ କୁହାଯାଇଛି, ଭାରତ କୌଣସି ପ୍ରକାର ଧମକକୁ ଭୟ କରେନି । ଆସିମ ମୁନିରଙ୍କ ପରମାଣୁ ଧମକ ଆଉ ଚଳିବନି । ପାକିସ୍ତାନର ଏହି ନୀଚ ଚାଲ୍ ? ଭାରତ ଉପରେ କିଛି ପ୍ରଭାବ ପକାଇବନି । ଭାରତ ନିଜ ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ । ଦେଶ ହିତ ପାଇଁ ଆବଶ୍ୟକୀୟ ପଦକ୍ଷେପ ଉଠାଇବ । ଆମେରିକା ମାଟିରୁ ଆସିମ ମୁନିରଙ୍କ ଏଭଳି ବୟାନ ଆଶ୍ଚର୍ଯ୍ୟଜନକ । ଟ୍ରମ୍ପ ସରକାର ଏହି ସମ୍ବନ୍ଧରେ ତର୍ଜମା କରିବା ଉଚିତ । ଦିନେ ଆମେରିକା ସରକାର ଓ ଲୋକଙ୍କ ନିଦ ହଜାଇଥିଲା କୁଖ୍ୟାତ ଆତଙ୍କବାଦୀ ଓସାମାବିନ୍ ଲାଦେନ୍ । ୯/୧୧ ଆକ୍ରମଣରେ ଖାଲି ଆମେରିକା ନୁହେଁ ପୂରା ବିଶ୍ୱ ଦୋହଲି ଯାଇଥିଲା ଆଉ ଦୀର୍ଘ ବର୍ଷ ପରେ ଲାଦେନକୁ ହତ୍ୟା କରିଥିଲା ଆମେରିକା, ତାହା ପୁଣି ପାକିସ୍ତାନ ମାଟିରେ । ଏବେ ତ ଲାଦେନ ନାହିଁ ହେଲେ ଲାଦେନ ରୂପରେ ମୁନିର ଅଛନ୍ତି ଏବଂ ପାକିସ୍ତାନକୁ ବହୁତ ପସନ୍ଦ ଆସୁଛନ୍ତି ।

### 'ଭୋଟ ଚୋରି' ବିକ୍ଷୋଭ...

ବାସ୍ତବ କଥା ହେଲା ସେମାନଙ୍କ ପାଖରେ କହିବାକୁ କିଛି ନାହିଁ। ସତ ପୂରା ଦେଶ ସାମ୍ନାରେ ରହିଛି।" ଦିଲ୍ଲୀ ପୁଲିସ୍‌ର ଯୁଗ୍ମ କମିଶନର ଦୀପକ ପୁରୋହିତ ବିରୋଧୀ ସାଂସଦଙ୍କୁ ଅଟକ ରଖାଯାଇଥିବା ଖବରକୁ ନିଶ୍ଚିତ କରିଛନ୍ତି। କିନ୍ତୁ ସେମାନଙ୍କ ସଂଖ୍ୟା ସମ୍ପର୍କରେ କିଛି ବି କହି ନାହାନ୍ତି। ସେ କହିଛନ୍ତି, "ବିକ୍ଷୋଭ ବେଳେ ଅଟକ ରହିଥିବା ଇଣ୍ଡିଆ ବ୍ଲକ ନେତାମାନଙ୍କୁ ସ୍ଥାନୀୟ ପୁଲିସ ଷ୍ଟେସନକୁ ନିଆଯାଇଛି। ଏତେ ବଡ଼ ବିକ୍ଷୋଭ ପାଇଁ ସେମାନଙ୍କ ପାଖରେ ଅନୁମତି ନଥିଲା। କେବଳ ୩୦ ଜଣ ସାଂସଦଙ୍କୁ ଶୋଭାଯାତ୍ରାରେ ଯାଇ ନିର୍ବାଚନ କମିଶନଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଅନୁମତି ଦିଆଯାଇଥିଲା। କିନ୍ତୁ ଶୋଭାଯାତ୍ରାରେ ୨୦୦ରୁ ଅଧିକ ନେତା ସାମିଲ ହୋଇଥିଲେ। ଆମେ ଆଇନଶୃଙ୍ଖଳା ପରିସ୍ଥିତିରୁ ସେମାନଙ୍କୁ ଅଟକାଇଥିଲା। ସେମାନଙ୍କୁ ଅଟକ ରଖିଛୁ। କିଛି ସାଂସଦ ବ୍ୟାରିକଡ ଡେଇଁବାକୁ ଚେଷ୍ଟା କରିଥିଲେ। ସେମାନଙ୍କୁ ମଧ ଅଟକ ରଖାଯାଇଛି।" ସଂସଦ ବିଲଡିଂ ବାହାରେ ବିକ୍ଷୋଭକାରୀ ସାଂସଦ ଓ ଦଳୀୟ କର୍ମୀମାନେ ବିଭିନ୍ନ ପ୍ରକାରର ପ୍ଲାକାର୍ଡ ଦେଖାଇବା ସହ ନାରାବାଜୀ କରିଥିଲେ।

### ପୁଣି ଜଳିଗଲେ...

ପ୍ରଶ୍ନ ଉଠୁଛି, ନାବାଳିକାର କ'ଣ ଘରୋଇ କଳହ ଥିଲା ଯେ ସେ ଆତ୍ମହତ୍ୟା କଲା ? ସେପଟେ ପଦ୍ମପୁର ଘଟଣାକୁ ନେଇ ରାଜନୀତି ତେଜିଛି । ପିସିସି ସଭାପତିଙ୍କ ନିର୍ଦ୍ଦେଶରେ ରାଷ୍ଟ୍ରୀୟ ମୁଖପାତ୍ର ହମିଦ ହୁସେନ ଓ ଅନ୍ୟ କଂଗ୍ରେସ ନେତା ବୁର୍ଲା ଆସିଥିଲେ । ବିଜେଡିର ଏକ ଟିମ୍ ବୁର୍ଲା ଭିମସାର ଆସି ପୀଡ଼ିତାଙ୍କ ପରିବାରଙ୍କୁ ଭେଟିବାକୁ କାଜୁଆଲଟି ସାମ୍ନାରେ ଦୀର୍ଘ ସମୟ ଅପେକ୍ଷା କରିବା ପରେ ପୁଲିସ ଗେଟ୍ ବନ୍ଦ କରିଥିବାରୁ ବର୍ଷିଛନ୍ତି ।

# କବିତା ପାଠୋତ୍ସବ: 'ଦେଶକୁ ସମର୍ପିତ ସନ୍ଧ୍ୟାଟିଏ'




କଟକ, ୧୧/୮ (ନି.ପ୍ର): ରାଜ୍ୟର ଅନ୍ୟତମ ଅଗ୍ରଣୀ ସାହିତ୍ୟାନୁଷ୍ଠାନ,'ସାରସ୍ୱତ ସାହିତ୍ୟ ସଂସଦ' ତରଫରୁ ଏକ ମନୋଜ୍ଞ କବିତା ପାଠୋତ୍ସବ 'ଦେଶକୁ ସମର୍ପିତ ସଂଧ୍ୟାଟିଏ',ତୁଳସୀପୁର ଶିଶୁବିଦ୍ୟାମନ୍ଦିରର ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ବିଶିଷ୍ଟ ରମ୍ୟରଚନାକାର ଡକ୍ଟର ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କବିତା ପାଠୋତ୍ସବରେ ବିଶିଷ୍ଟ ସାରସ୍ୱତ ସାଧକ ଜଗବନ୍ଧୁ ମିଶ୍ର ମୁଖ୍ୟଅତିଥି , ବିଶିଷ୍ଟ ବ୍ୟଙ୍ଗକବି ଜ୍ଞାନ ହୋତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଂସଦର ର ଯୁଗ୍ମ ସମ୍ପାଦକ ଅଧ୍ୟାପକ ଡକ୍ଟର ନୀରୋଦ କୁମାର ମନ୍ତ୍ରୀ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିବା ସହ ସେମାନଙ୍କର ପରିଚୟ ପ୍ରଦାନ କରିଥିଲେ । ସଂସଦର ସମ୍ପାଦକ ତଥା ବିଶିଷ୍ଟ ରାଷ୍ଟ୍ରବାଦୀ କବି ବିପିନ ବିହାରୀ ରାଉତ ପ୍ରାରମ୍ଭିକ ଭାଷଣ ଦେଇ ଏଭଳି ନିଆରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ମହତ୍ତ୍ୱକୁ ଉପସ୍ଥାପନା କରିଥିଲେ । ରାଷ୍ଟ୍ରଦୀପର ସହ ସମ୍ପାଦିକା ପ୍ରଜ୍ଞା ପରିମିତା ଆଚାର୍ଯ୍ୟଙ୍କ ସୁସଂହତ ସଂଯୋଜନାରେ ଡକ୍ଟର କନକଲତା ଦାସ, ସୁନିଲ ଦ୍ୱିବେଦୀ, ସରୋଜ ପାଇଟାଲ, ପ୍ରଜ୍ଞା ପରିମିତା ଆଚାର୍ଯ୍ୟ, ବିପିନ ବିହାରୀ ରାଉତ, ବନ୍ଦନା ସିଂ, ସସ୍ମିତା ମିଶ୍ର, ରଶ୍ମିତା ହୋତା, ରଞ୍ଜନ ରାୟ, ଭାଗିରଥି ପ୍ରଧାନ ଆଦି ଅନେକ କବି ସ୍ୱରଚିତ ଦେଶାତ୍ମକବୋଧକ କବିତା ପାଠ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ମିଶ୍ର ଓ ସମ୍ମାନିତ ଅତିଥି ଶ୍ରୀ ହୋତା 'କବିତାରେ ରାଷ୍ଟ୍ରବାଦ' ପ୍ରସଙ୍ଗକୁ ନେଇ ନିଜନିଜର ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିଲେ । ପରିଶେଷରେ ସଂସଦର ବରିଷ୍ଠ ସଦସ୍ୟ ତଥା ବିଶିଷ୍ଟ ସ୍ତମ୍ଭକାର ରାଧାଶ୍ୟାମ ରାଉଳ ଧନ୍ୟବାଦ ପ୍ରଦାନ କରିଥିଲେ ।

ମଙ୍ଗଳବାର, ଅଗଷ୍ଟ ୧୨, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବନସାଥି କେନ୍ଦ୍ର ତରଫରୁ ରକ୍ଷାବନ୍ଧନ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ଉଦଳା , ୧୧/୮ (ନି.ପ୍ର): ଉଦଳା ବ୍ଲକର ନାବରା ଗ୍ରାମସ୍ଥିତ ବନସାଥି କେନ୍ଦ୍ରର ନେତୃତ୍ୱରେ ପ୍ରତିବର୍ଷ ପରି ଚଳିତ ବର୍ଷ ଶାଳ ବୃକ୍ଷରେ ରାକ୍ଷୀ ବନ୍ଧାଯିବା ସହ ବର ଓ ଅଶ୍ୱସ୍ଥ ବୃକ୍ଷ ରୋପଣ କାର୍ଯ୍ୟ ଅନୁଷ୍ଠିତ ହୋଇ ଯାଇଛି । ପ୍ରକୃତି ବନ୍ଧୁ ନରୋତମ ଦାସ ଉକ୍ତ କାର୍ଯ୍ୟକ୍ରମରେ ଅଧକ୍ଷତା କରି ପ୍ରଭାତରେ ଧୂପ, ଦୀପ, ନୈବେଦ୍ୟ ଅର୍ପଣ ପୂର୍ବକ ବେଦମନ୍ତ୍ର ଉଚ୍ଚାରଣ କରି ଶାଳଗଛକୁ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଗ୍ରାମବାସୀ ମାନେ ଶଙ୍ଖ ଓ ହୁଳହୁଳି ଦେଇ ଶାଳଗଛକୁ ପ୍ରଣାମ କରି ରାକ୍ଷୀ ବାନ୍ଧିଥିଲେ । ପରେ ସମସ୍ତେ ମିଳିମିଶି ଗ୍ରାମରେ ଗୋଟିଏ ବର ଓ ଗୋଟିଏ ଅଶ୍ୱସ୍ଥ ଗଛ ଲଗାଇଥିଲେ । ଶାଳ ଗଛରେ ରାକ୍ଷୀ ବାନ୍ଧିବାର ପ୍ରଥା ନାବରା ଗ୍ରାମରେ ଆଜକୁ ୪୦ ବର୍ଷ ତଳୁ ପ୍ରଚଳିତ ଥିବାର କଥା ପ୍ରକୃତି ବନ୍ଧୁ ନରୋତମ ଗଣମାଧ୍ୟମକୁ ଜଣାଇଛନ୍ତି । ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ କୃପାସିନ୍ଧୁ ପାତ୍ର, ଆରତୀ ଦାସ, ବିଜୟ ନାୟକ, ଧରଣିଧର ପାତ୍ର, ରବିନ୍ଦ୍ର ନାୟକ, ମଂଜୁଲତା ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।



# ପାରାଦୀପ ପୌର ପାଳିକାର ତ୍ରିରଙ୍ଗା ଶୋଭାଯାତ୍ରା




ପାରାଦୀପ, ୧୧/୮ (ନି.ପ୍ର): ପାରାଦୀପ ପୌର ପାଳିକା ପକ୍ଷରୁ ଆଜି ସକାଳେ ତ୍ରିରଙ୍ଗା ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରାରେ ପାରାଦୀପର ସବୁ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ମହିଳା ସମିତି, ସ୍ୱୟଂ ସହାୟିକା ଗୋଷ୍ଠୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ବିଭିନ୍ନ ଶିଳ୍ପସଂସ୍ଥାର ଶ୍ରମିକମାନେ ଏଥିରେ ସାମିଲ ହୋଇଥିଲେ।ଏହି ଶୋଭାଯାତ୍ରା ପାରାଦୀପ କଲେଜ ନିକଟରୁ ବାହାରି ବଡପଡିଆ ସୁବାସ ଚନ୍ଦ୍ର ବୋଷ ଙ୍କ ପ୍ରତିମୂର୍ତ୍ତି ନିକଟରେ ଶେଷ ହୋଇଥିଲା। ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପତାକା ଦେଖାଇ ଏହି ଶୋଭାଯାତ୍ରାର ର ଶୁଭାରମ୍ଭ କରିଥିଲେ । ଶୋଭାଯାତ୍ରାରେ ପୌରାଧକ୍ଷ ଶ୍ରୀ ବିଶ୍ୱାଳଙ୍କ ସମେତ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ନିରଂଜନ ବେହେରା, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ସର୍ବେଶ୍ୱର ବଳିୟାରସିଂ, ପାରାଦୀପ ମହାବିଦ୍ୟାଳୟର ଅଧକ୍ଷା ଡ. ସସ୍ମିତା ଶତପଥୀ, ସାଂସଦଙ୍କ ପାରାଦୀପ ପ୍ରତିନିଧି ଗୌତମ ନାୟକ, ପୌର ପାଳିକାର ପାରିଷଦମାନେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମନ୍ତ୍ରୀ ପାରାଦୀପର ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଛାତ୍ରଛାତ୍ରୀ ମାନେ ଯାତାୟତ କରିବା ପାଇଁ ରାଜ୍ୟ ପରିବହନ ନିଗମର ଦୁଇ ଗୋଟି ବସ୍‌ର ଶୁଭାରମ୍ଭ କରିଥିଲେ।ପରେ ଏକ ସମାବେଶ ର ଆୟୋଜନ କରାଯାଇଥିଲା। ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରତି ଘରେ ତ୍ରିରଙ୍ଗା ପହଂଚାଇବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ଙ୍କ ଆହ୍ୱାନ ଦେଇଥିବା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ଭାବେ ମୋହନ ଚରଣ ମାଝୀ ଦାୟିତ୍ୱ ନେବା ପରେ ଏହି ପ୍ରକ୍ରିୟାକୁ ଗତିଶୀଳ କରିଛନ୍ତି ବୋଲି ମନ୍ତ୍ରୀ କହିଥିଲେ ।

## ନବରଙ୍ଗପୁର ଘଟଣାରେ ପିସିସିର ତଥ୍ୟ ଅନୁଧ୍ୟାନ କମିଟି

ଭୁବନେଶ୍ୱର, ୧୧/୮ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ନର୍ସିଂ ଛାତ୍ରୀଙ୍କୁ ନିର୍ଯାତନା ଜନିତ ଆତ୍ମହତ୍ୟା ଉଦ୍ୟମ ଏବଂ ଦୀର୍ଘ ୧୪ଦିନ ଧରି ଜୀବନ ସଂଗ୍ରାମ ପରେ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଛାତ୍ରୀ ମୃତ୍ୟୁବରଣ କରିଛନ୍ତି । ଏହି ଦୁଃଖଦ ଘଟଣାର ଅନୁଧ୍ୟାନ କରିବାପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି । ମନୋରଞ୍ଜନ ତ୍ରିପାଠୀ ଉକ୍ତ କମିଟିର ଅଧକ୍ଷ ଥିବାବେଳେ ସନରାଜ ଗଣ୍ଡ, ଲିପିକା ମାଝୀ, ସୁଶ୍ରୀ ହାରାବତୀ ଗଣ୍ଡ, ମନଷା ତ୍ରିପାଠୀ, ଅଖିଳ ସାଉନ୍ତା ଓ କ୍ଷମରାଜ ବାଗ ସଭ୍ୟ ଭାବରେ ରହିଛନ୍ତି । ଉକ୍ତ କମିଟି ଘଟଣା ସ୍ଥଳକୁ ଯାଇ ପୀଡ଼ିତାଙ୍କୁ ଏବଂ ତାଙ୍କ ପରିବାରବର୍ଗଙ୍କ ସହିତ ଆଲୋଚନା କରି ଏକ ରିପୋର୍ଟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଦାଖଲ କରିବା ପାଇଁ ପିସିସି ସଭାପତି ଶ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି ।

# ସାମୁହିକ ବାତଜ୍ୱର ଔଷଧ ସେବନ ଶୁଭାରମ୍ଭ




ବାଲିଆପାଳ , ୧୧/୮ (ନି.ପ୍ର): ବାଲିଆପାଳ ବ୍ଲକରେ ଫାଇଲେରିଆ ବା ବାତଜ୍ୱର ରୋଗର ଏକ ବିରଳ ମାଇକ୍ରୋ ଫାଇଲେରିଆ ଜୀବାଣୁ (ବୃଜିୟା ମାଲାୟୀ ) ଚିହ୍ନଟ କରାଯାଇଛି। ଯେଉଁ ଜୀବାଣୁ ଭାରତ ବର୍ଷର ଅନ୍ୟ କୌଣସି ସ୍ଥାନରେ ନାହିଁ। ଏହି ରୋଗକୁ ସାମୁହିକ ଔଷଧ ସେବନ କରି ଦୂରେଇ ଦିଆଯାଇପାରିବ। ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରବିବାର ବାଲିଆପାଳ ବ୍ଲକର ମଧୁପୁରା ପଞ୍ଚାୟତ ଅନ୍ତର୍ଗତ ପଞ୍ଚୁରୁଖୀ ଗ୍ରାମରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଔଷଧ ସେବନ କାର୍ଯ୍ୟକ୍ରମରେ ବସ୍ତା ବିଧାୟିକା ସୁବାସିନି ଜେନା ଉପସ୍ଥିତ ହୋଇ ଲୋକମାନଙ୍କୁ ନିଜ ହାତରେ ଔଷଧ ଖୁଆଇ ଶୁଭାରମ୍ଭ କରିବା ସହିତ ଉପସ୍ଥିତ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଉଥିବା ଔଷଧ ସେବନ କରି ବାଲିଆପାଳ ଅଞ୍ଚଳରେ ଥିବା ମାଇକ୍ରୋ ଫାଇଲେରିଆର ବିରଳ କୀଟାଣୁକୁ ହଟାଇବାରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରାପ୍ରାପ୍ତ ଅଧିକାରୀ ଡ ପ୍ରୀତମ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଔଷଧ ସେବନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ଼. ସଞ୍ଜିବ ପ୍ରଧାନ, ଅନ୍ୟତମ ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡ ସୂର୍ଯ୍ୟପ୍ରକାଶ ରାଉତରାୟ,ଡିପିଏମ ଚକ୍ରଧର ଜେନା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନମିତାପ୍ରଭା ସାମଲ, ଜିଲ୍ଲାପରିଷଦ ସଦସ୍ୟ ବେଣୁଧର ଜେନା, ନିଶାକର ସେଠୀ, ଜିଲ୍ଲା ପରାମର୍ଶ ଦାତା ସୁପ୍ରିୟା ପାଢ଼ୀ, ବ୍ଲକ ପୋଗ୍ରାମ ମ୍ୟାନେଜର ବିଶ୍ୱଜିତ ଦାସ,ଜନ ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀଣୀ ଝୁନିବାଳା ଦେ ବାଲିଆପାଳ ବ୍ଲକ ଫାଇଲେରିଆ କୋର୍ଡିନେଟର ସ୍ୱୟଂପ୍ରଭା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।ବ୍ଲକରେ ମଧୁପୁରା ପଞ୍ଚାୟତର ପଞ୍ଚୁରୁଖି ଓ ବେତଗଡିଆ ପଞ୍ଚାୟତର କାଳିଆଖିଆ ଠାରେ ନୂତନ ଫାଇଲେରିଆ ରୋଗୀଙ୍କୁ ଚିହ୍ନଟ କରାଯାଇଛି । ତେଣୁ କେନ୍ଦ୍ର ସରକାର, ରାଜ୍ୟ ସରକାର ଜିଲ୍ଲା ସ୍ୱାସ୍ଥ୍ୟ ଓ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମିଳିତ ଉଦ୍ୟମରେ ଫାଇଲେରିଆର ମୂଳ ଉତ୍ପାଟନ ପାଇଁ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ଆଜିଠାରୁ ଆରମ୍ଭ ହୋଇଛି। ଏଥିପାଇଁ ୮ଶହ ୯୨ ଜଣ ଔଷଧ ସେବନ କର୍ମୀ ଓ ୮୨ଜଣ ପରିଦର୍ଶକ, ୪ଜଣ ପଞ୍ଚାୟତ ସାମାଜିକ କର୍ମୀଙ୍କୁ ଦାୟିତ୍ୱ ନିର୍ବାହ କରିବା ପାଇଁ ନିୟୋଜିତ କରାଯାଇଛି। ବ୍ଲକରେ ୨ଲକ୍ଷ୨୩ହଜାର ୭ଜଣ ଲୋକଙ୍କୁ ଫାଇଲେରିଆ ଔଷଧ ସେବନ ପାଇଁ ଦିଆଯିବ।ଏହି ବଟିକା ସେବନର କୈଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଦୁଇ ବର୍ଷରୁ କମ ବୟସର ପିଲା, ଗର୍ଭବତୀ ମହିଳା ତଥା ଗୁରୁତର ରୋଗରେ ପିଡୀତ ଲୋକମାନଙ୍କୁ ଏହି ଔଷଧ ସେବନ ନ କରିବା ପାଇଁ ପରାମର୍ଶ ଦିଆଯାଇଛି। ବାଲିଆପାଳ ବ୍ଲକରେ ୨୫ଶହରୁ ଉର୍ଦ୍ଧ୍ୱ ଫାଇଲେରିଆ ରୋଗୀ ରହିଛନ୍ତି ବୋଲି ଡ. ସାହୁ ସୂଚନା ଦେଇଛନ୍ତ। ସୁପରଭାଇଜର ରମାନାଥ କର ଧନ୍ୟବାଦ୍ ଦେଇଥିଲେ।

# ଭଦ୍ରକ ଜିଲ୍ଲା ଟିପର ଡମ୍ଫର ମାଲିକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ




ଭଦ୍ରକ, ୧୧/୮ (ନି.ପ୍ର): ଜିଲ୍ଲା ଟିପର ଆସୋସିଏସନର କାର୍ଯ୍ୟାଳୟରେ ଭଦ୍ରକ ଜିଲ୍ଲାର ସର୍ବ ପୁରାତନ ଜିଲ୍ଲା ଟିପର ଡମ୍ଫର ମାଲିକ ସଂଘର ବାର୍ଷିକ ଅଧିବେଶନ ଓ ଆଗାମୀ ୪ ବର୍ଷ ପାଇଁ ନୂତନ କର୍ମକର୍ତା ନିର୍ବାଚନ ସଂପନ୍ନ ହୋଇଛି। ଏହି ନିର୍ବାଚନରେ ନୂତନ କର୍ମକର୍ତାଙ୍କ ମଧ୍ୟରେ ଶୁଭେନ୍ଦୁ ରାୟମହାପାତ୍ର ସଭାପତି, ପ୍ରଫୁଲ୍ଲ ପୁଷ୍ଟି ଉପସଭାପତି , ଜ୍ୟୋତି ପ୍ରକାଶ ମହାନ୍ତି ସାଧାରଣ ସମ୍ପାଦକ , ବାଇଲୋଚନ ସାହୁ ଯୁଗ୍ମ ସଂପାଦକ ଏବଂ ସୁଧୀର ଦ୍ୱିବେଦୀ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରିଣୀ ସଭାର ସଦସ୍ୟ ଭାବେ ଅଶୋକ କୁମାର ପରିଜା, ମନୀଷ କୁମାର ଶର୍ମା, ତୁଷାରେନ୍ଦୁ ପଣ୍ଡା, ଚନ୍ଦନ ନାୟକ ଓ କୁମାରେନ୍ଦୁ ପଣ୍ଡା ନିର୍ବାଚିତ ହୋଇଛନ୍ତି। ୨୦୦୬ ମସିହାରେ ସ୍ଥାପିତ ଏହି ଭଦ୍ରକ ଜିଲ୍ଲା ଟିପର ଡମ୍ଫର ମାଲିକ ସଂଘ ବିଭିନ୍ନ ବିପର୍ଯ୍ୟୟ ସମୟରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ବନ୍ୟା-ବାତ୍ୟା ସମୟରେ ବିପନ୍ନ ଲୋକଙ୍କୁ ଆବଶ୍ୟକ ସାମଗ୍ରୀ ପଠାଇବା କାର୍ଯ୍ୟକ୍ରମ ଠାରୁ ଆରମ୍ଭ କରି ଜିଲ୍ଲାର ଉନ୍ନୟନ ମୂଳକ କାର୍ଯ୍ୟ ତଥା ଧାମରା ବନ୍ଦର ହେଉ କିମ୍ବା ନଦୀବନ୍ଧ ଯୋଜନା ହେଉ କିମ୍ବା ପ୍ରମୁଖ ଭିତିଭୂମି ନିର୍ମାଣରେ ନିଜକୁ ସାମିଲ କରିବା ସହିତ ଜିଲ୍ଲାରେ ଶିକ୍ଷିତ ବେକାରୀ ଯୁବକ ମାନେ ଯେଉଁ ଗାଡ଼ି ଆଣିଛନ୍ତି ସେଗୁଡିକୁ ସଦା ସର୍ବଦା କର୍ମ ଯୋଗାଣ ଯୋଗାଇଥାଏ। ସାମ୍ପ୍ରତିକ, ଅର୍ଥନୈତିକ ପରିସ୍ଥିତିରେ ବେକାର ଯୁବକ ମାନଙ୍କୁ ଗାଡ଼ି ଏବଂ ଗାଡ଼ି ରେ କାର୍ଯ୍ୟ କରୁଥିବା ଡ୍ରାଇଭର, ହେଲପର, ସମସ୍ତ କର୍ମଜୀବୀ ମାନଙ୍କ ପ୍ରୋଭିଡେଂଟ ଫଣ୍ଡ, ଇନ୍ସ୍ୟୁରାନ୍ସ, ଡ୍ରାଇଭିଂ ଲାଇସେନ୍ସ, ଏକ୍ସିଡେଂଟାଲ କ୍ଲେମ୍ ଗୁଡିକ ପାଇବାରେ ସହାୟତା କରିଥିବାବେଳେ ସରକାରଙ୍କ ଦ୍ୱାରା ଗୁରୁତ୍ୱରୋପ କରାଯାଉଥିବା ରୋଡ ସେଫ୍ଟୀର ବିଭିନ୍ନ ଆଇନ୍ କାନୁନ୍ ଉପରେ ସଭା ସମିତି ଆୟୋଜନ କରି ଗାଡ଼ି ମାଲିକ ଓ ଗାଡ଼ିରେ କାର୍ଯ୍ୟ କରୁଥିବା ସମସ୍ତ ଷ୍ଟାଫ୍ ଏବଂ ସଧାରଣ ଲୋକମାନଙ୍କ ଭିତରେ ସଚେତନତା ସୃଷ୍ଟି କରିଆସୁଅଛି। ଏବଂ ସାଧାରଣ ଲୋକଙ୍କ ଜୀବନ ସୁରକ୍ଷା ଦିଗରେ ମଧ କାର୍ଯ୍ୟ କରିଥାଏ। ମନୋନୀତ ହୋଇଥିବା କର୍ମକର୍ତା ମାନେ ଆଗାମୀ ଦିନରେ ଭଦ୍ରକ ଜିଲ୍ଲା ଟିପର ଡମ୍ଫର ମାଲିକ ସଂଘର କର୍ମ ଯୋଗାଣ କ୍ଷେତ୍ରରେ କିଭଳି ଅଧିକ ସୁବିଧା ସୁଯୋଗ ସୃଷ୍ଟି କରିବେ, ତାହା ଉପରେ ଏହି ନିର୍ବାଚନ ସଭାରେ ଗୁରୁତ୍ୱାରୋପ କରାଯିବା ସହ ଜିଲ୍ଲା ପ୍ରଶାସନର ସହଯୋଗରେ ଜିଲ୍ଲାରେ ଗଢି ଉଠୁଥିବା ସମସ୍ତ ଭିତିଭୂମି ପାଇଁ ଟ୍ରାନ୍ସପୋର୍ଟିଂ ମାଧ୍ୟମ ରେ ସହଯୋଗ କରାଇବା ଦିଗରେ ପ୍ରାଥମିକତା ଦିଆଯିବ ବୋଲି ନିଷ୍ପତି ହୋଇଥିଲା। ବାର୍ଷିକ ଅଧିବେଶନରେ ହୋଇଥିବା ଏହି ନିର୍ବାଚନଟିକୁ ବରିଷ୍ଠ ଅଧିବକ୍ତା ତୁଷାରକାନ୍ତ ଦାସ ପରିଚାଳନା କରିଥିବାବେଳେ ଏଥିରେ ଭଦ୍ରକ ଜିଲାର ଶତାଧିକ ଟିପର ମାଲିକମାନେ ଉପସ୍ଥିତ ଥିଲେ।

## ବନ୍ୟା ପରବର୍ତ୍ତୀ ସ୍ଥିତି ସମ୍ବନ୍ଧରେ ଅନୁଧ୍ୟାନ କଲେ ବସ୍ତା ବିଧାୟିକା ସୁବାସିନୀ ଜେନା

ବାଲିଆପାଳ , ୧୧/୮ (ନି.ପ୍ର): ବାଲିଆପାଳ ବ୍ଲକ ରସଲପୁର ଗ୍ରାମ ରାମନଗରରବନ୍ୟା ପରବର୍ତ୍ତୀ ସ୍ଥିତି ଅନୁଧ୍ୟାନ କରିଛନ୍ତି ବସ୍ତା ବିଧାୟିକା ସୁବାସିନୀ ଜେନା । ରବିବାର ଚଳିତ ବନ୍ୟାର ସମ୍ମୁଖୀନ ହୋଇଥିବା ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତର ରସଲପୁର ଗ୍ରାମ (ରାମନଗର)ର ୧୯,୨୦ ଓ ୨୧ ନମ୍ବର୍ ୱାଡ଼ରେ ପହଞ୍ଚି ବିଧାୟିକା ଜେନା ବନ୍ୟା ପରବର୍ତ୍ତୀ ସ୍ଥିତି ସମ୍ବନ୍ଧରେ ଅନୁଧ୍ୟାନ କରିବା ସହିତ ବନ୍ୟା ପ୍ରପୀଡ଼ିତଙ୍କ ସମସ୍ୟା ଏବଂ କ୍ଷୟକ୍ଷତି ବାବଦରେ ଆଲୋଚନା କରିଥିଲେ । ଲୋକମାନଙ୍କ ସୁଖ ଦୁଃଖରେ ସାଥି ହୋଇ ବିଧାୟିକା ଲୋକଙ୍କ ଦୁଃଖ ବୁଝିଥିଲେ । ବିଧାୟିକାଙ୍କ ସହ ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ବେଣୁଧର ଜେନା ପ୍ରମୁଖ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ରାଜସ୍ୱ ଅମଲା ସଂଘର ଅନିର୍ଦ୍ଦିଷ୍ଟ କାଳ କାର୍ଯ୍ୟବନ୍ଦ ଆନ୍ଦୋଳନ: ୧୦ଦଫା ଦାବି ପୂରଣ ନେଇ ଶାନ୍ତିପୂର୍ଣ୍ଣ ଧାରଣା




ବାରିପଦା, ୧୧/୮ (ନି.ପ୍ର): ଓଡ଼ିଶା ରାଜସ୍ୱ ଅମଲା ସଂଘ ପକ୍ଷରୁ ୧୦ଦଫା ଦାବି ନେଇ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯାଇଛି। ସଂଘ ପକ୍ଷରୁ ୧୦ ଦଫା ଦାବିରେ କାର୍ଯ୍ୟବନ୍ଦ କରାଯାଇ ଅମଲା ମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶାନ୍ତିପୂର୍ଣ୍ଣ ଧାରଣା ପ୍ରଦର୍ଶନ କରିଛନ୍ତି। ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କ ଦୀର୍ଘଦିନ ଦାବି ପୂରଣ କରିବା ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପୋଷଣ କରୁଥିବା ଯୋଗୁଁ ଜିଲ୍ଲାସ୍ତରରେ ଅମଲା ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦାବି ଗୁଡିକ ମଧ୍ୟରେ ଜିଲ୍ଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କ ମୂଳ ଦରମା ଓଆରଏସପି- ୨୦୧୭ ନିୟମ ଅନୁଯାଇ ଲେବେଲ-୯କୁ ବୃଦ୍ଧି କରାଯିବା, ରାଜ୍ୟ ସରକାର ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ୱ ତଥ୍ୟ ଆଧାରରେ ନୂତନ ପଦବୀ ସୃଷ୍ଟି ଓ ପୁନର୍ଗଠନ କରିବା, ରାଜସ୍ୱ ଅମଲା ମାନଙ୍କୁ ଶତ ପ୍ରତିଶତ ପଦୋନ୍ନତି ପ୍ରଦାନ କରାଯିବା। ନୂତନ ରାଜସ୍ୱ ସହାୟକଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ତାଲିମ ପ୍ରଦାନ କରାଯିବା, ପୁରାତନ ପେନସନ ସ୍କିମ କାର୍ଯ୍ୟକାରୀ କରାଯିବା ଇତ୍ୟାଦି ଦାବୀ କରାଯାଇଛି। ପୂର୍ବରୁ ରାଜ୍ୟ ସରକାରଙ୍କ ସହ ବିଭିନ୍ନ ସମୟରେ ଆଲୋଚନା ମଧ ହୋଇଥିଲେ ମଧ କିନ୍ତୁ ରାଜ୍ୟ ସରକାର କୋଣସି ପଦକ୍ଷେପ ଗ୍ରହଣ ନକରିବାରୁ ଦାବି ପୂରଣ ନିମନ୍ତେ ପୂର୍ବରୁ କଳା ବ୍ୟାଚ ପିନ୍ଧି ପ୍ରତିବାଦ କରିଥିଲେ। ଏହାପରେ ମଧ ଦାବି ପ୍ରତି ରାଜ୍ୟ ସରକାର ଦୃଷ୍ଟି ନଦେବାରୁ ଅଗଷ୍ଟ ୧୧ ତାରିଖରୁ ସମ୍ପୂର୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ବସିଛନ୍ତି। ଦାବି ପୂରଣ ନହେବା ଯାଏଁ କାର୍ଯ୍ୟ ବନ୍ଦ କରି ରାଜସ୍ୱ ଅମଲା ମାନେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ପ୍ରଦର୍ଶନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଶିଶୁ କିଶୋର ପତ୍ରିକା 'ଆମ ସୁନାଚାନ୍ଦ' ଓ 'କାକଳୀ' ଉନ୍ମୋଚିତ



ବଡ଼ସାହି , ୧୧/୮ (ନି.ପ୍ର): ଅଗ୍ରଣୀ କଳା, ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ 'ବାଣୀପୀଠ' ତରଫରୁ ଆମ ସୁନାଚାନ୍ଦ ଜାତୀୟ ଶିଶୁ ସାହିତ୍ୟ ସଂସ୍ଥାନ ଆନୁକୂଲ୍ୟରେ ମୟୂରଭଞ୍ଜ ବଡ଼ସାହି ବିବେକାନନ୍ଦ ବିହାରରୁ ପ୍ରତିମାସ ପ୍ରକାଶ ପାଉଥିବା ଏକମାତ୍ର ମାସିକ ହିନ୍ଦୀ ଶିଶୁ ପତ୍ରିକା କାକଳୀ ଓ ମାସିକ ଓଡ଼ିଆ ଶିଶୁ କିଶୋର ପତ୍ରିକା ଆମ ସୁନାଚାନ୍ଦର ଅଗଷ୍ଟ ସଂଖ୍ୟା ଆଜି ପୂର୍ବାହ୍ନରେ ବାଣୀଭବନ ଠାରେ ଉନ୍ମୋଚିତ ହୋଇ ଥିଲା । ବାଣୀପୀଠର ଅଧକ୍ଷ ତଥା ପତ୍ରିକାର ସଂପାଦକ ଡ଼କ୍ଟର କୁମାର ବାବୁଲି ଅଧକ୍ଷତା କରିଥିଲେ। କବି ତଥା ଶିଶୁ ସାହିତ୍ୟିକ କାର୍ତ୍ତିକ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଶିଶୁ ପତ୍ରିକା ପିଲାଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ଘଟାଇବା ସହିତ ପିଲାଙ୍କୁ ମାର୍ଜିତ ଓ ଲେଖିବାର ସ୍ପୃହାକୁ ପରିସ୍ଫୁଟ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ବିସ୍ମୟ କୁମାର ମହାନ୍ତ ଯୋଗଦାନ କରିଥିବା ବେଳେ ସମ୍ମାନୀତ ଅତିଥିଭାବେ ପ୍ରିୟଙ୍କା ମହାନ୍ତ, ମଳୟ ମଞ୍ଜରୀ ରଥ, ଶ୍ରୀୟା ରାଣୀ ସିଂ, ସୌମ୍ୟରଞ୍ଜନ ନାୟକ, ବର୍ଷା ମହାନ୍ତ ଯୋଗଦାନ କରିଥିଲେ। ଅନୁଷ୍ଠାନର ସଂଚାଳିକା ପୁହାଣ ସୂର୍ଯ୍ୟକାନ୍ତି ରାଉତ ଆନୁଷ୍ଠାନିକ ସୂଚନା ପ୍ରଦାନ କରିଥିଲେ । ଶିଶୁ ଜିତ୍ ସିଂ, ସୂର୍ଯ୍ୟପ୍ରତାପ ସ୍ୱାଇଁ, ଆକାଶ କୁମାର ବେହେରା, ଶୋଭାଗ ମହାନ୍ତ, ପ୍ରୀତିଲତା ପରିଡା, ଷଷ୍ଠିତା ଗିରି, ଦମୟନ୍ତୀ ସିଂ, ପ୍ରଭାସିନି ସିଂ, ଗାୟତ୍ରୀ ମହାନ୍ତ, ପପୁ ହେମ୍ବ୍ରମ ଓ ସଂଜିବ୍ ପରିଡା ଆଦି ପତ୍ରିକା ଉନ୍ମୋଚନ କରି ପ୍ରଦର୍ଶିତ କରିଥିଲେ। ଶେଷରେ ସଂଧାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗ୍ରେଡ ପେ ବୃଦ୍ଧି ଦାବି ଆନ୍ଦୋଳନ ପାଇଁ ସଜବାଜ : ଭଦ୍ରକ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ



ଭଦ୍ରକ, ୧୧/୮ (ନି.ପ୍ର): ପ୍ରାଥମିକ ଶିକ୍ଷକ ମାନଙ୍କର ଦୀର୍ଘ ଦିନର ଦାବିକୁ ସରକାର ଅଣଦେଖା କରୁଛନ୍ତି । ବର୍ତମାନ ସାରା ଦେଶରେ ୨୨ଟି ରାଜ୍ୟରେ ପ୍ରାଥମିକ ଶିକ୍ଷକମାନଙ୍କୁ ୪୨୦୦ ଗ୍ରେଡ ପେ' ଦିଆଯାଉଥିବା ବେଳେ ଓଡ଼ିଶାରେ ଏହାର ବ୍ୟତିକ୍ରମ ଦେଖାଯାଇଛି । ଏହା ପାଇଁ ବାରମ୍ବାର ଆନ୍ଦୋଳନ ହୋଇ ସାରିଛି । ଏହି ଆନ୍ଦୋଳନକୁ ଲକ୍ଷ୍ୟ କରି ସରକାର ବିଭିନ୍ନ ସମୟରେ ଖାଲି କମିଟି ଗଠନ କରି ଆନ୍ଦୋଳନକୁ ଭଣ୍ଡୁର କରୁଛନ୍ତି । ଗତ ଏପ୍ରିଲ ମାସରେ ଶିକ୍ଷା ବିଭାଗ ତରଫରୁ ପ୍ରାଥମିକ ଶିକ୍ଷକ ମାନଙ୍କର ଠିକା ୬ ବର୍ଷର କାର୍ଯ୍ୟକାଳକୁ ଉଠାଇ ସ୍ଥାୟୀ ଭାବରେ ନିଯୁକ୍ତି ଦିନ ଠାରୁ ଗଣିବା ପାଇଁ ଏକ ପ୍ରସ୍ତାବ ଅନୁମୋଦନ କରାଯାଇ ସରକାରଙ୍କୁ ବିବନ୍ଧ ଭାବେ ଘୋଷଣା ପାଇଁ ଅନୁରୋଧ କରାଯାଇଥିଲା। ଏହାକୁ ସାରା ରାଜ୍ୟରେ ପ୍ରାଥମିକ ଶିକ୍ଷକ ମାନେ ସ୍ୱାଗତ କରିଥିବା ବେଳେ ଭଦ୍ରକ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ (ନୂତନ ପେନସନ୍ ଭୁକ୍ତ) ସ୍ୱାଗତ ଜଣାଇଥିଲା। ପ୍ରାଥମିକ ଶିକ୍ଷକ ମାନଙ୍କର ଠିକା ଉଚ୍ଛେଦକୁ ଉଠାଇ ନିଯୁକ୍ତିର ମୂଳଦିନ ଠାରୁ ଚାକିରିକୁ ଗଣନା କରି ୬ବର୍ଷର ୬ଟା ଇନକ୍ରିମେଟ ପ୍ରଦାନ କରିବା ଏବଂ ଗ୍ରେଡ ପେ' ୪୨୦୦ ଦେବା ପାଇଁ ଅଦ୍ୟ ସ୍ଥାନୀୟ ବାଇପାସ୍ ସ୍ଥିତ ସରସ୍ୱତୀ ଶିଶୁମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଜିଲ୍ଲା ବୈଠକରେ ଶିକ୍ଷକ ନେତା, ପ୍ରଭାସ ପଣ୍ଡା, ପ୍ରଦୀପ ସେଠୀ, ଜ୍ୟୋତିର୍ମୟ ଅଗସ୍ତି, ହେମନ୍ତ ମଲ୍ଲିକ ପ୍ରଶାନ୍ତ ବାରିକ, ଅଜିତ ମହାରଣା, ଲଳିତ ନାରାୟଣ ରାଉତ, ଗିରିଧାରୀ ଦର ସୁବ୍ରତ କୁମାର ଧଳ, ପରମେଶ୍ୱର ପୃଷ୍ଟି, ଭାସ୍କର ଚନ୍ଦ୍ର ଦାସ, ପ୍ରଦୀପ ମହାନ୍ତି, ଶୁସାନ୍ତ ବେହେରା, ମାନସ ରଂଜନ ନାୟକ, ଦେବାଶିଷ ନାଥ, ଦୀପକ ମହାନ୍ତି, ଆଲୋକ ମଲ୍ଲିକ, ସଂଜୟ ବିନ୍ଧାଣି ପ୍ରମୁଖ ଯୋଗଦାନ କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida